

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ଡିସେମ୍ବର ୨୦୧୯
ମୂଲ୍ୟ : ୨୫ ଟଙ୍କା
ବାସ୍ତବତାର୍ ପରିପ୍ରକାଶ
ପ୍ରାଚୀ
PRACHEE



ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଝ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, December 2019, Issue No. IX
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

ବରଗଡ଼ର ଧନୁଯାତ୍ରା-ଏକ ଆଲେଖ୍ୟ
- ଶ୍ରୀ କୁଞ୍ଜ ବିହାରୀ ସାହୁ ୦୭

ବାସୁଆ ଅଜା
- ସାନ୍ତନୁ ବିଶୋଇ ୧୧

ବେଙ୍ଗ ବେଙ୍ଗୁଲିର ସହର ଦେଖା
- ବନଲତା ସିଂହ ୧୨

ମୋ ଭାଷା ମୋ ସ୍ୱାଭିମାନ
- ଶ୍ରୀ ସତ୍ୟବ୍ରତ ସାହୁ ୧୫

ଫେସବୁକ୍
- ସିଦ୍ଧେଶ୍ୱର ତ୍ରିପାଠୀ ୧୬

ନିର୍ବାଣ
- ରୋଜାଲିନ୍ ମିଶ୍ର ୧୭

ଗାଁ ଦଶହରା
- ରଞ୍ଜନ କୁମାର ବ୍ରହ୍ମା ୨୦

ବୋଉର ନିରବତା
- ନିବେଦିତା ମହାପାତ୍ର ୨୨

ଗୋଟିଏ ବାଟ ଆଉ ବାଟୋଇର କାହାଣୀ
- ସ୍ନେହଲତା ଦାସ ୨୪

ଜୀବନର ରାହା
- ଲୀଳାବତୀ ମହାପାତ୍ର ୨୭

ଦନେଇଁଦାସଙ୍କ ମାଛ ପୋଖରୀ
- ସୁଷମା ପରିଜା ୨୯

ରିବନ
- ରାମ ପ୍ରସାଦ ବିଶୋଇ ୩୨

ଡିସେମ୍ବର - ୧୪, ଅତ୍ୟାଚାରୀ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଷ୍ଟିଭେନସ ହତ୍ୟାରେ ସର୍ବ କନିଷ୍ଠ ବିପ୍ଳବୀ କିଶୋରୀ ସୁନୀତି ଚୌଧୁରୀଙ୍କ ଭୂମିକା
- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୩୪

ବୋଝ
- ପ୍ରଫୁଲ ସାମଲ ୩୬

ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ
- ଡକ୍ଟର ନାରାୟଣ ମହାନ୍ତି ୩୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ୍ ...............................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................

ବ୍ୟାଙ୍କ୍........................................ ସ୍ଥାନ..................................................

ତାରିଖ........................................ ଦସ୍ତଖତ...............................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ବରଗଡ଼ର ଧନୁଯାତ୍ରା-ଏକ ଆଲେଖ୍ୟ

- ଶ୍ରୀ କୁଞ୍ଜ ବିହାରୀ ସାହୁ

ନାଟକ ହେଉଛି ମିଶ୍ରକଳା । ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ପରିଚାଳକ, ବାଦ୍ୟକାର, ଗୀତିକାର, ନୃତ୍ୟ ଶିଳ୍ପୀ, ଆଲୋକ-ଶବ୍ଦ ଶିଳ୍ପୀ, ମଂଚସଜ୍ଜାକାର, ପ୍ରେକ୍ଷାଳୟ ବ୍ୟବସ୍ଥାକାରୀଙ୍କ ସମ୍ମିଳିତ କ୍ରିୟାକର୍ମରେ ନାଟକଟିଏ ମଂଚସ୍ଥ ହୋଇ ଦର୍ଶକାଭିମୁଖୀ ହୋଇଥାଏ ।

ନାଟକର ଅନ୍ୟତମ ବିଭାଗ ହେଲା ଲୋକନାଟକ ଯାହାକି ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା । ଏହି ଲୋକନାଟକରେ ଲୋକମାନଙ୍କର ପ୍ରଥା-ପରମ୍ପରା, ଧର୍ମ-ବିଶ୍ୱାସ, ରୀତି-ନୀତି, ଚାଲିଚଳନ, ପୂଜାର୍ଚ୍ଚନା, ଓଷା-ବ୍ରତ, ମାନ-ଅପମାନ, କିମ୍ବଦନ୍ତୀ-ଜନଶ୍ରୁତି, ଥଟ୍ଟାତାମସା, ଆଶିଷ-ଅଭିଶାପ ପରି ଲୋକସଂସ୍କୃତି ସଂଯୁକ୍ତ ହୋଇଥାଏ । ଲୋକମାନଙ୍କର ଚାହିଦା ମୁତାବକ କାହାଣୀ ନାଟକରେ ପରିବେଷଣ କରାଯାଇଥାଏ । ସଂଳାପ ହେଉଛି ଲୋକନାଟକର ବିଶେଷ ଆକର୍ଷଣ । କାରଣ ଏହି ସଂଳାପ ଜରିଆରେ ସ୍ଥାନ-କାଳ-ପାତ୍ର, ପରିସ୍ଥିତି, ପରିବେଶକୁ ପୁଙ୍ଖାନୁପୁଙ୍ଖ ଭାବେ ସ୍ଥାନ ଦିଆଯାଇଥାଏ । ପ୍ରତ୍ୟେକ କଳାକାର ନିଜର ଅନୁଭୁତିକୁ ପାଥେୟକରି ନିର୍ଦ୍ଦେଶକର ନିର୍ଦ୍ଦେଶନାରେ ପ୍ରତିଭାକୁ ପରିସ୍ଫୁଟନ କରିଥାନ୍ତି । ଲୋକନାଟକ ସାଧାରଣତଃ ଗାଁ ରେ ଅନୁଷ୍ଠିତ ହୋଇଥାଏ । ଗ୍ରାମୀଣ ପରିବେଶରେ ଏଭଳି ଲୋକନାଟକର ପ୍ରସ୍ତୁତି ଗାଁ ଲୋକମାନଙ୍କର ମନକୁ ଛୁଇଁଯାଏ ଅନାୟସରେ । ଦିନର ଅକ୍ଳାନ୍ତ ପରିଶ୍ରମରୁ ବିରତି ନେଇ ନିରାଡମ୍ବର ଭାବେ ପ୍ରସ୍ତୁତି ହୋଇଥିବା ଲୋକନାଟକକୁ ମନଭରି ଉପଭୋଗ କରନ୍ତି । ଏବେ ଗାଁ ରୁ ସହର ଯାଏ ମାଡିଯାଇଛି ଲୋକନାଟକ । ଯେଉଁ ସ୍ଥାନରେ ଲୋକନାଟକ ପରିବେଷଣ ହୋଇଥାଏ, ସେହି ସ୍ଥାନର ଭୌଗୋଳିକ ଅବସ୍ଥିତିକୁ ନିଆଯାଇଥାଏ । ସେହି ସ୍ଥାନରେ ଲୋକବାଦ୍ୟ, ନୃତ୍ୟକଳା ଓ ଲୋକଗୀତକୁ ପ୍ରାଧାନ୍ୟ ଦିଆଯାଇ ନାଟକଟିକୁ ମଂଚସ୍ଥ କରାଯାଇଥାଏ । ସେଥିପାଇଁ ଦର୍ଶକମାନେ ଖୁବ୍ ଖୋଲାମନରେ ଏକାଠି ବସି କଳାକାରମାନଙ୍କ ଜୀବନ୍ତ ଅଭିନୟକୁ ଉପଭୋଗ କରିଥାନ୍ତି । କାରଣ ସେହି ନାଟକରେ ହିଁ ଗ୍ରାମର କଳାକାରମାନେ ଅଭିନୟର ଚାତୁରୀ ଦେଖାଇଥାନ୍ତି । ଗ୍ରାମବାସୀମାନେ ନିଜ ସମ୍ପର୍କୀୟଙ୍କୁ ମଂଚରେ ଦେଖି ଆତ୍ମହରା ହେବା ସଙ୍ଗେ ସଙ୍ଗେ ସେମାନଙ୍କର କଳାଚାତୁରୀକୁ ଉତ୍ସାହିତ କରିଥାନ୍ତି । ମନରୁ ରାଗ-ହିଂସା, ଈର୍ଷା, ଅହଙ୍କାରକୁ ଦୂରେଇ ଆପଣାର କଳାକାରମାନଙ୍କୁ ନିଜର କରିଦିଅନ୍ତି । ତେଣୁ ଲୋକନାଟକ ହିଁ ଭାଇଚାରାର ମାହୋଲ ତିଆରି କରିଥାଏ ।

ଯାତ୍ରାରେ ଲୋକସଂସ୍କୃତି, ଲୋକକଳାକୁ ଅଗ୍ରାଧିକାର ଦିଆଯାଇଥାଏ । ପୁରୀର ରଥଯାତ୍ରା, କଟକର ବାଲିଯାତ୍ରା, ପଶ୍ଚିମଓଡିଶାର ଧନୁଯାତ୍ରା ପ୍ରତ୍ୟେକଟିରେ ନିଆରା ଅନୁଭବ ଥାଏ । ରଥଯାତ୍ରାରେ ଭକ୍ତ ଭଗବାନଙ୍କ ଅନ୍ତରଙ୍ଗ ସମ୍ପର୍କ, ବାଲିଯାତ୍ରାରେ ଓଡିଆ ସାଧବପୁଅର ବୋଇତ ବନ୍ଦାଣ ଉତ୍ସବ ଓ ଧନୁଯାତ୍ରାରେ କଂସ-କୃଷ୍ଣଙ୍କ ପୌରାଣିକ କିମ୍ବଦନ୍ତୀକୁ ବଖାଣ କରାଯାଇଥାଏ । ଧନୁଯାତ୍ରାରେ ଦେବକୀ-ବସୁଦେବଙ୍କ ବିବାହଠୁ ଆରମ୍ଭ କରି ମହାରାଜ କଂସଙ୍କ ନିଧନ ପର୍ଯ୍ୟନ୍ତ ସମସ୍ତ ପୌରାଣିକ ଆଖ୍ୟାୟିକା ନାଟକୀୟ ଢଙ୍ଗରେ ପରିବେଷିତ ହୋଇଥାଏ । ଏହି ଯାତ୍ରାରେ ସାଧାରଣତଃ ସ୍ଥାନୀୟ ଲୋକବାଦ୍ୟ ଢୋଲ, ନିସାନ, ମହୁରୀ, ତାସା, ଟିମିକିଡି, ଝୁମୁକା, ବଁଶୀ(ବଂଶୀ), ଗିନି, ମୃଦଙ୍ଗ,ମାର୍ଦ୍ଦଳ, ହାରମୋନିୟମ, ତୁବି ଇତ୍ୟାଦି ବ୍ୟବହାର କରାଯାଇଥାଏ । ସେହିଭଳି ଡାଲଖାଇ, ରସରକେଲି, ମାଏଲାଜାଡ, ସଂଚାର, ଭଜନ, କୀର୍ତନ ଆଦି ଲୋକନୃତ୍ୟ ପରିବେଷିତ ହୋଇଥାଏ ।

ଧନୁଯାତ୍ରା ପାଇଁ ପ୍ରାକ୍ କାଳୀନ ପ୍ରସ୍ତୁତି ବୈଠକ ବସେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ । ବରଗଡ଼ର ଆରାଧ୍ୟ ଦେବୀ ମା ସମଲେଶ୍ୱରୀଙ୍କ ପୀଠରେ ଆବାହନୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଦେବୀଙ୍କ ଆଜ୍ଞାମାଳ ଗ୍ରହଣ କରାଯାଏ । ପରେ ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟର ମଧୁର ମୂର୍ଚ୍ଛନାରେ ସହର ପରିକ୍ରମା କରି ସଂଚାର ପଡ଼ିଆରେ ଉପସ୍ଥିତ ହେବାକୁ ପଡ଼େ । ସେଠାରେ ରାଜପୁରୋହିତଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅଷ୍ଟପୂଜା, ନାଗପୂଜା, ଭୂମିପୂଜା, ବାସ୍ତୁପୂଜା, କଳସପୂଜା, ସ୍ତମ୍ଭପୂଜା ଓ ଧ୍ୱଜପୂଜାର ଆୟୋଜନ କରାଯାଇଥାଏ । ଧନୁଯାତ୍ରା ମହୋତ୍ସବ କମିଟୀର ଆବାହକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରକ୍ଷୀ ବାହିନୀ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବାହିନୀ, ଟ୍ରାଫିକ୍ ସେବା ପରି ଅନେକ ଜରୁରୀକାଳୀନ ସେବାର ସମନ୍ୱୟ ଘଟେ । ଯାତ୍ରାର ସମୟ ଯେତିକି ପାଖେଇ ଆସୁଥାଏ, ସମସ୍ତଙ୍କ ମନରେ ବ୍ୟଗ୍ରତା ଓ କାମ କରିବାର ଆଗ୍ରହ ବଢ଼ିବଢ଼ିଯାଏ । କଳାକାରଙ୍କ ଉତ୍ସାହ ବହୁଗୁଣିତ

ହୋଇଯାଏ । ନିଜ ନିଜର ପଟୁତା ଦେଖାଇବାକୁ ଉତ୍ସୁକ ହୋଇପଡ଼ନ୍ତି । ମନ ଭିତରେ ଥାଏ ନିଃସାର୍ଥପରତା, ଭାଇଚାରାର ଅଲିଭା ସନ୍ତକ । ଆଖଡ଼ା ଓ କଲ୍ୟାଣ ମଣ୍ଡପରେ କଳାକାରମାନଙ୍କର ପ୍ରାକ୍ ଅଭିନୟ କାର୍ଯ୍ୟ ଚାଲୁରହେ ।

ଧନୁଯାତ୍ରା ଦୁଇପ୍ରକାରର ଯାହାକି ପୌରାଣିକ ଆଖ୍ୟାୟିକାରୁ ଜାଣିହୁଏ । ତ୍ରେତୟା ଯୁଗରେ ମିଥିଳା ନଗରୀରେ ରାଜା ଜନକ ଆୟୋଜନ କରିଥିଲେ ସ୍ୱୟଂମ୍ବର । ପର୍ଶୁରାମ ପ୍ରଦାନ କରିଥିବା ଧନୁକୁ ରାଜା ଜନକ ସ୍ୱୟଂମ୍ବରରେ ସର୍ତ୍ତ ରଖିଥିଲେ । ସୀତାଙ୍କର ବିବାହ ନିମନ୍ତେ ଅନେକ ରାଜାଙ୍କୁ ନିମନ୍ତ୍ରଣ କରି ଧନୁଯାତ୍ରା ଆରମ୍ଭ କରିଥିଲେ । ଯେଉଁ ରାଜା ଧନୁ ଉଠାଇ ଗୁଣ ଚଢ଼ାଇପାରିବ ଓ ଭାଙ୍ଗିଦେଇପାରିବ, ସେହି ରାଜାଙ୍କୁ ସୀତା ସ୍ୱୟଂମ୍ବରରେ ସ୍ୱାମୀ ରୂପେ ଗ୍ରହଣ କରିବ । ଏହି ଧନୁଯାତ୍ରା ଥିଲା ଏକ ପ୍ରୋତ୍ସାହନପୂର୍ବକ ଯାତ୍ରା । ଏକ ସର୍ତ୍ତମୂଳକ ସ୍ୱୟମ୍ବର ବା ରାଜକୀୟ ପରମ୍ପରା । କିନ୍ତୁ ମହାରାଜ କଂସ ଯେଉଁ ଧନୁଯାତ୍ରା ଆୟୋଜନ କରିଛନ୍ତି, ତାହା ହେଉଛି ଅଭିସନ୍ଧିମୂଳକ । ଏକ ନକାରାତ୍ମକ ଚିନ୍ତାଧାରା । ନିଜର ଭଣଜା ଶତ୍ରୁ କୃଷ୍ଣଙ୍କୁ ମାରିବା ଉଦ୍ଦେଶ୍ୟରେ ହିଁ ଧନୁଯାତ୍ରାକୁ ପାଥେୟ କରିଛନ୍ତି ।

ମଥୁରାର ନରପତି ଉଗ୍ରସେନଙ୍କୁ ସିଂହାସନରୁ ବିତାଡ଼ିତ କରିଛନ୍ତି କଂସ । ଏକ ଅପରାଜେୟ ରାଜା ହେବାର ଅଭିପ୍ରାୟରେ ।

ଜଗନ୍ନାଥ ଦାସଙ୍କ "ଭାଗବତ" ଓ ଭକ୍ତ ଚରଣ ଦାସଙ୍କ "ମଥୁରାମଙ୍ଗଳ" କାବ୍ୟଗ୍ରନ୍ଥର ସହାୟତାରେ ଧନୁଯାତ୍ରାର ପୌରାଣିକ ଆଖ୍ୟାୟିକା ଚରିତାର୍ଥ ହୋଇଛି । ବିବାହ କାଳରେ ମହାରାଜ କଂସ ନିଜ ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ରଥରେ ବସାଇ ନଗର ପରିକ୍ରମଣ ସମୟରେ ଶୂନ୍ୟବାଣୀ ହୋଇଛି-

ରେ ରେ ଅସୁର କଂସ ଶୁଣ । ନ ଜାଣୁ ଆପଣା ମରଣ ॥
ଯାହାର ବାହୁଅଛୁ ରଥ । ତୋତେ ମାରିବେ ତା'ର ସୁତ ॥
ଅଷ୍ଟମ ଗର୍ଭେ ଅବତରି । ମହୀ ରଖିବେ ତୋତେ ମାରି ॥

ବିଚଳିତ ହୋଇପଡ଼ିଛନ୍ତି କଂସ । ତା ପରେ ଏକ ରାଜ୍ୟଶାସନରେ ନୂତନ ଦିଗନ୍ତ ପ୍ରସାରିତ ହୋଇଛି ।

ପୂର୍ବଥର ପରି ଏ ବର୍ଷର କଂସ ଭୂମିକାରେ ସର୍ଲା ଗାଁ ର ଭୁବନେଶ୍ୱର ପ୍ରଧାନ ନିଜ ଆସନ ବଜାୟ ରଖିଛନ୍ତି । ନିଜର ବାକ୍ ପଟୁତାରେ ସମସ୍ତ ଦର୍ଶକମାନଙ୍କୁ ବାନ୍ଧିରଖିଛନ୍ତି । କଂସ ମହାରାଜଙ୍କ ଶ୍ରେଷ୍ଠ ନାଟକୀୟ ସଂଳାପ ପଚାରିଲେ ଭୁବନେଶ୍ୱର ପ୍ରଧାନ ରାଜକୀୟ ଢଙ୍ଗରେ କୁହନ୍ତି – 'ହିଃ.. ହାଃ..ହାଃ.. ଆଜିଠାରୁ ସମସ୍ତେ ମୋର କରାୟତରେ । ମୁଁ ଦ୍ୱାପର ଯୁଗର କଂସ । ଦେବକୀର ଅଷ୍ଟମ ଗର୍ଭ ସନ୍ତାନହେଉଛି କଂସର କଂଟକ । ମୁଁ ଅନୁଭବ କରେ– ମୁଁ କାହାକୁ କ୍ଷମା କରେନି । କ୍ଷମା ଦେଇନି କି ଦେବି ନାହିଁ ।'

ବାଲ୍ୟକାଳରୁ ଭୁବନେଶ୍ୱର ପ୍ରଧାନଙ୍କ ଇଛାଥିଲା ହାତୀପିଠିରେ ବସିବାକୁ ଓ ଧନୁଯାତ୍ରାରେ ବୁଲିବାକୁ । ସେ ସେତେବେଳର କଂସ ଭୂମିକାର ଅଭିନୟ କରିଥିବା ଯୁଧିଷ୍ଠିର ଶତପଥୀଙ୍କର ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲେ । ଯାହାହେଉ, ଭୁବନେଶ୍ୱର ପ୍ରଧାନଙ୍କ ଅଭୀପ୍ସା ଏବେ ପୂର୍ଣ୍ଣ ହୋଇଛି ।

ଧନୁଯାତ୍ରାରେ କଂସ ମହାରାଜ ନଗର ପରିକ୍ରମା କରନ୍ତି ପାତ୍ର-ମନ୍ତ୍ରୀ ଓ ପାରିଷଦବର୍ଗଙ୍କ ସହ । ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥାନକୁ ଯାଇଥାନ୍ତି । ମଥୁରା ନଗରୀ (ବରଗଡ଼ ସଦର ମହକୁମା) ଭ୍ରମଣ ସମୟରେ ସ୍ୱାସ୍ଥ୍ୟ-ପରିମଳ ସେବା, ଯାତାୟତ ସେବା, ରାସ୍ତାଘାଟ, ଟ୍ରାଫିକ ସେବା, ବସଷ୍ଟାଣ୍ଡ, ବଜାର, ନର୍ସିଂହୋମ୍ ପରି ଜରୁରୀକାଳୀନ ସେବାର ସମସ୍ୟାକୁ ପୁଙ୍ଖାନୁପୁଙ୍ଖଭାବେ ବିଚାରକୁ ନିଅନ୍ତି । ଆବଶ୍ୟକ ସ୍ଥଳେ ସମାଧାନରେ ବାଧାବିଘ୍ନ ଘଟାଉଥିବା କର୍ମଚାରୀଙ୍କୁ ଉଚିତ ଦଣ୍ଡବିଧାନ କରିଥାନ୍ତି । ସେ ସମୟରେ ଦୋଷୀ ଯେତେ ବଡ଼-ସାନ/ଧନୀ/ ପଦସ୍ଥ କର୍ମଚାରୀ ହେଲେ ବି ମହାରାଜଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ମାନି ଚଳନ୍ତି । କାରଣ ଏହା ବ୍ୟତିରେକ ଅନ୍ୟ କୌଣସି ବିକଳ୍ପ ପନ୍ଥା ନ ଥାଏ । ଏଥିରୁ ମଥୁରାନଗରୀର ଶାସନ କାର୍ଯ୍ୟାବଳୀ ସୁସ୍ପଷ୍ଟ । ମହାରାଜ ଯେତେ ଅତ୍ୟାଚାରୀ, ନୃଶଂସ ହେଲେ ବି ସାମାଜିକ ଓ ସୁଶାସନ ପରିପ୍ରେକ୍ଷୀରେ ପ୍ରଜାମାନଙ୍କ ସୁଖ ଚାହାଁନ୍ତି ।

ମଥୁରାନଗରୀରେ ମହାରାଜ କଂସଙ୍କର ଶାସନ ଚାଲିଥିଲାବେଳେ ଗୋପପୁରରେ କୃଷ୍ଣ-ବଳରାମଙ୍କ ବାଲ୍ୟଲୀଳା ଅନୁଷ୍ଠିତ ହୋଇଥାଏ । ଘରେ ଘରେ ଝୋଟିଚିତା, ପବିତ୍ର କଳସ ରଖାଯାଇଥାଏ । ସମସ୍ତ ଗୋପପୁରବାସୀ କୃଷ୍ଣଙ୍କୁ ଭଗବାନ ବୋଲି ମାନିଥାନ୍ତି । ଗୋଟିଏ ଘଟଣା ଏଠାରେ ଉପସ୍ଥାପନା କରାଯାଇପାରେ – ରାୟଗଡ଼ ଜିଲ୍ଲାର ଏକ ପଲ୍ଲୀ ଗାଁ ରୁ ଦଳେ ସ୍ତ୍ରୀ-ପୁରୁଷ ଚାଉଳ, ଡାଲି ଧରି ଯାତ୍ରା ଦେଖିବାକୁ ଗୋପପୁର ଯାଇଥିଲେ । ଜଣଙ୍କର କୋଳରେ ସିଧାସଳଖ ଛିଡ଼ା ହୋଇପାରୁ ନ ଥିବା ଶିଶୁଟିଏ କାନ୍ଦୁଥିଲା ଅସହାୟତାରେ । ଚାଲିଥିଲା ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା । ମହିଳା ଜଣଙ୍କ ବିବ୍ରତ ହୋଇପଡ଼ିଥିଲା । ବିପଦରେ କୁଟାଖିଅକୁ ଆଶ୍ରା କଲାପରି ସେ ମହିଳା ଜଣଙ୍କ ଶ୍ରୀକୃଷ୍ଣଙ୍କ ଆସନ ପାଖରେ ଗଡ଼ାଇ ଦେଇ ଭୋ..ଭୋ.. କାନ୍ଦିପକାଇଲା । ମହିଳାଙ୍କ କାନ୍ଦ ଓ ତା ପୁଅର ଏ ଅବସ୍ଥା ଦେଖି ପାଖରେ ଥିବା ଦର୍ଶକମାନେ ଆଖିରୁ ଲୁହ ଗଡ଼ାଇଲେ । ଶ୍ରୀକୃଷ୍ଣ ବାଳକ ହେଲେ ହେଁ ସେତେବେଳେ ସେ ଥିଲେ ଭଗବାନ ଶ୍ରୀକୃଷ୍ଣ । ପିଲାଟିକୁ ଦେଖି ଅବିଳମ୍ବେ ନିଜ

ଆସନରୁ ଉଠିଆସି ପିଲାଟିକୁ ଅଇଁଠା 'ଲଟିଏ ଖୁଆଇଦେଲେ । ଶିଶୁଟି ଅଇଁଠା'ଳ ଖାଇଲାପରେ ନିଜକୁ ସୁସ୍ଥ ଅନୁଭବ କଲା । ଶ୍ରୀକୃଷ୍ଣଙ୍କ ସଖା ସେହି ଶିଶୁଟିକୁ କାନ୍ଧରେ ବସେଇ ନାଚ କଲେ ।

ତହିଁ ପରବର୍ଷ ସେହି ସ୍ତ୍ରୀ ଲୋକଟି ଶିଶୁପୁତ୍ରକୁ ଧରି ଗୋପପୁରରେ ପହଂଚିଲେ ସକାଳେ । ସୁସ୍ଥ ହୋଇଯାଇଥିବା ଶିଶୁଟିକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟଭାବେ ଖୁସି ହୋଇଗଲେ । ବାସ୍ତବିକ ଏହା ନାଟକ ହେଲେ ବି ଏଭଳି ଅଲୌକିକ ଘଟଣା ଭକ୍ତ ଓ ଭଗବାନଙ୍କର ମିଳନ ବୋଲି ଅନୁମାନ କରାଯାଇପାରେ ।

ଧନୁଯାତ୍ରାରେ ଅଭିନୟ କରୁଥିବା ସମସ୍ତ କଳାକାର ନିଜର ଅଭିନୟର ପଟୁତା ଲାଭକରିଥାନ୍ତି । ସେମାନେ ଅଭିନୟ ସମୟରେ ନିଜ ଚରିତ୍ରରେ ଏତେ ନିଖୁଣ ଭାବରେ ମଜ୍ଜିଯାଇଥାନ୍ତି ଯେ ଦେଖିଲାଲୋକର ଅଭିନୟ ପ୍ରତି ଏକ ଆସକ୍ତିଭାବ ଜାଗ୍ରତ ହୋଇଥାଏ । ପୁରୁଣା ଚରିତ୍ର ଚିତ୍ରଣଟିଏ ଏବେ ବି ମନ ଭିତରେ ଗୁମୁରି ଉଠେ । ପୁତନା ଭୂମିକାରେ ଅଭିନୟ କରିଥିବା ଦୂତୀ କେଉଁଟନଙ୍କ ଚରିତ୍ର । କି ସୁନ୍ଦର, ସୁଠାମ ଅଭିନୟ । ସହଜରେ ପାସୋରି ହେବନି ମନରୁ । ମହାରାଜ ଆଦେଶ ଦେଇଛନ୍ତି କୃଷ୍ଣଙ୍କୁ ଖିରପାନ ଦେଇ ମାରିଦେବାପାଇଁ । ଆଦେଶ ମାନିଛନ୍ତି ପୁତନା । ଗୋପପୁରର ଘରଘର ବୁଲିଛନ୍ତି । ଏକ ମାତୃସୁଲଭ ଢଙ୍ଗରେ ଛୋଟଛୋଟ ପିଲାଙ୍କୁ ଧରିବାପାଇଁ ମନ ବଳେଇଛନ୍ତି । ସ୍ତନ୍ୟପାନ କରାଇ କୃଷ୍ଣଙ୍କୁ ମାରି ଅଭିଶାପରୁ ମୁକ୍ତି ପାଇବାପାଇଁ ମନ ବଳେଇଛନ୍ତି । ହେଲେ, ଗୋପ ମହିଳାମାନେ ତାଟିକବାଟ ପକାଇ ଘରେ ରହୁଛନ୍ତି । ନିଜର ପିଲାଙ୍କୁ ଘରେ ରଖୁଛନ୍ତି । ସେମାନଙ୍କର ଏକ ଅବୁଝା ଭୟ ଯେ କାଳେ ପୁତନା ପିଲାଙ୍କୁ ମାରିଦେବ । କିନ୍ତୁ ବାଲ୍ୟଲୀଳାରେ କୃଷ୍ଣଙ୍କୁ ଦେଖି ପୁତନା ଲୋଭାସକ୍ତ ହୋଇପଡ଼ିଛନ୍ତି ଓ ସ୍ତନ୍ୟପାନ କରାଇଛନ୍ତି । କୃଷ୍ଣ ବାଳକ ହେଲେ ବି ସେ ସ୍ୱୟଂ ଭଗବାନ । ଅତି ଚତୁରତାର ସହ ଖୀରପାନ କରି ସେ ପୁତନାକୁ ବଧ କରିଛନ୍ତି । ଏଗୁଡ଼ିକ ନାଟକର ଚରିତ୍ର ହେଲେ ବି ସେ ସମୟରେ ଦୂତୀ କେଉଁଟନ ଯେଉଁଭଳି ନିଜର ଭୂମିକାକୁ ସାବ୍ୟସ୍ତ କରିଥିଲେ, ଆଜିଯାଏ ସମସ୍ତେ ଝୁରୁଛନ୍ତି । ପୁତନାର କୋଶଲୀ ଭାଷାର ସଂଳାପକୁ ଆଜି ବି ଲୋକମାନେ ମନେପକାଉଛନ୍ତି ।

ସେହିଭଳି ଅନ୍ୟଏକ ଚରିତ୍ର ହେଲା ଅକ୍ରୁର । ଧନୁଯାତ୍ରା ଦେଖି ଆନନ୍ଦ ନେବାକୁ କଂସ ମହାରାଜ ପଠେଇଛନ୍ତି ଅକ୍ରୁରଙ୍କୁ ଗୋପପୁର । ଜୀରା ନଦୀ (ପୌରାଣିକ ଯମୁନା ନଦୀ) ର ବାଲିଶଯ୍ୟାରେ ରଥ ବାହି ଅକ୍ରୁର ଗୋପପୁରରେ ପାଦଦେଇଛନ୍ତି । ମନରେ କି ଅପୂର୍ବ ଆନନ୍ଦ । ନିଜର ପ୍ରିୟ ଠାକୁରଙ୍କୁ ଆଖି ପୁରେଇ ଦେଖିବେ । ଭକ୍ତିଗଦ୍‌ଗଦରେ ସବୁ କିଛି କହିଦେବେ । ବାଲୁକାରେ କୃଷ୍ଣଙ୍କ ପାଦଚିହ୍ନ ଦେଖି ଚକିତ ହୋଇପଡ଼ିଛନ୍ତି । କାରଣ ସେ ବିଷ୍ଣୁ ଭକ୍ତ । ରାଜାଙ୍କ ଆଦେଶକୁ ମାନିଛନ୍ତି । ଗୋପପୁରରେ ପାଦ ଦେଇ ଚିହ୍ନିପାରିନାହାନ୍ତି ସହଜରେ । କୃଷ୍ଣ-ବଳରାମ ଦର୍ଶନ ଦିଅନ୍ତି ଇଶ୍ୱରୀୟ ଢଙ୍ଗରେ ଅକ୍ରୁରଙ୍କୁ ।

ଅକ୍ରୁରଙ୍କ ରଥରେ ବସିଛନ୍ତି କୃଷ୍ଣ ଓ ତାଙ୍କ ବଡ଼ଭାଇ ବଳରାମ । ମଥୁରା ନଗରୀରେ ପ୍ରବେଶ ହୁଅନ୍ତେ ହରିବୋଲ, ହୁଳହୁଳି, ଶଙ୍ଖ, ଢୋଲ, ମାର୍ଦଳ ଓ ଏପରିକି ସ୍ଥାନୀୟ ବାଦ୍ୟବାଜଣାରେ ଦୁଲୁକିଉଠେ ସାରା ସହର । ସହର ପରିକ୍ରମା କରନ୍ତି ଦୁଇଭାଇ । ଶ୍ରଦ୍ଧାଳୁ ଦର୍ଶକମାନଙ୍କ ମନରେ ଅଫୁରନ୍ତ ଆନନ୍ଦ, ଉଲ୍ଲାସ ଓ ଭକ୍ତି ଭାବନା । ଯିଏ ଯେଉଁଠି ଥିଲେ ବି ରାସ୍ତା ପାର୍ଶ୍ୱକୁ ଆସି ଦୁଇ ଠାକୁରଙ୍କ ଦର୍ଶନ ନିଅନ୍ତି । ଦୁଇ ଭାଇଙ୍କୁ ଦେଖିଲେ ମନେପଡ଼ିଯାଏ ପୁରାଣ ବର୍ଣ୍ଣିତ କୃଷ୍ଣ ବଳରାମଙ୍କ କଥା ।

ସାଦରେ ନିମନ୍ତ୍ରଣ କରିଆଣିଛନ୍ତି ବେନିଭାଇଙ୍କୁ । କି ଆନନ୍ଦ ଅକ୍ରୁରଙ୍କ ମନରେ । ସ୍ୱୟଂ ଭଗବାନଙ୍କ ଦର୍ଶନ ଲାଭକରି ନିଜକୁ ଧନ୍ୟ ମଣିଛନ୍ତି । କିନ୍ତୁ, ପରୋକ୍ଷରେ କାନ୍ଦ ବୋବାଳିରେ 'ଟିପଡୁଛି ଗୋପପୁର । ଆଖିରେ ଧାରା ଶ୍ରାବଣର ଧାରା ସଭିଙ୍କ ଆଖିରେ । ଅନ୍ଧର ଲଉଡ଼ି, ଦୁଃଖୀର ସଙ୍ଗାଳି, ନୟନର ମଣି କୃଷ୍ଣ ବଳରାମ ଦୂରକୁ ଚାଲିଯିବେ । ପାସୋର ହୋଇଯିବେ ! ଦୁଃଖର ଗୀତ ଲହରି ଶୁଭୁଛି-

ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ,
କାହା ମୁଖ ଅନାଇ ବଂଚିବିରେ ଜୀବଧନ,
ତୋ ବିହୁନେ ନିତି ଝୁରୁଥିବି ରେ ଜୀବଧନ ।

ଗୋପୀମାନେ ଆଖିରୁ ଲୁହ ଗଡ଼ାଇ କାନ୍ଦୁଛନ୍ତି ବିକଳରେ । ନିଜର ସଖା ସହୋଦରଙ୍କୁ ଛାଡ଼ିଯାଉଛନ୍ତି ପଛରେ । ଗୋପପୁରବାସୀ ଅସହାୟ ମନେକରୁଛନ୍ତି ଏକଲାପଣରେ । ମେଲାଣି ନେଲାବେଳକୁ କୃଷ୍ଣ-ବଳରାମ ପ୍ରବୋଧନା ଦେଇ ଗାଉଛନ୍ତି-

କାନ୍ଦନା କାନ୍ଦନା ଭାଇ କାନ୍ଦନାରେ ଆଉ
ଏ କାନ୍ଦ ଦେଖିଲେ ଧୈର୍ଯ୍ୟ ଧରିବରେ କେହୁ ।
ତୁମ୍ଭେମାନେ ସିନା କାନ୍ଦୁଅଛ ଆର୍ତ ସ୍ୱରେ
ତୁମଲାଗି ମୋ ହୃଦୟ କାନ୍ଦୁଛି ଯେ ପ୍ରକାରେ ।

ଗୋପପୁର ପାଲଟିଯାଏ ଅମ୍ବାପାଲି ଗାଁ । ଏ ଗାଁ ର ନାମକରଣର ପ୍ରଚ୍ଛଦରେ ଶୁଣାଯାଏ- ଏହି ଗାଁ ରେ ବିର୍ତିଆ ପରିବାରର ଲୋକମାନେ ବାସକରନ୍ତି । ବିର୍ତିଆ ବା ବିରତିଆ ଶବ୍ଦଟି (ବିଶ୍ରାମ) ଶବ୍ଦରୁ ନିସୃତ । ଶ୍ରୀକ୍ଷେତ୍ରଧାମ ପୁରୀ ଏବଂ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ଅମ୍ବାପଲ୍ଲୀର ବିରାଟ ଆମ୍ରବୃକ୍ଷ ଛାୟାତଳେ ବିଶ୍ରାମ ନେଉଥିଲେ । ବିପଣୀ ସାରି ଅନେକ ଜଗନ୍ନାଥପ୍ରେମୀ ଏହି ସ୍ଥାନରେ ସମୟ ଅତିକ୍ରାନ୍ତ କରି ନିଜ ଅଂଚଳକୁ

ପ୍ରସ୍ଥାନ କରୁଥିଲେ । ବିରାଟ ଆମ୍ରବୃକ୍ଷର ଉପସ୍ଥିତି ଯୋଗଁ ଅମ୍ବାପଲ୍ଲୀର ନାମକରଣ ଏବଂ ବିର୍ତିଆ ପରିବାର ଏହିଭକ୍ତମାନଙ୍କୁ ଆତିଥ୍ୟ ପ୍ରଦାନକରି ପ୍ରସିଦ୍ଧି ଅର୍ଜନ କରିଥିବାର ନଜିର ରହିଛି ।

ଏହି ଅମ୍ବାପଲ୍ଲୀ ଗାଁ ଧନୁଯାତ୍ରା ସମୟରେ ସଜେଇହୁଏ ନନ୍ଦରାଜାଙ୍କ ଗୋପପୁରରେ । ଘରେ ଘରେ ଝୋଟିଚିତା, ଘରର କାନ୍ଥ ରଙ୍ଗୀନ ହୁଏ ଚିତ୍ରକରର ତୂଳିକାରେ । କୃଷ୍ଣ ବଳରାମଙ୍କ ଜନ୍ମ, ବାଲ୍ୟଲୀଳା, ଗୋପଙ୍ଗନାଙ୍କ ସହ ରାସକ୍ରୀଡା ହୋଇଥାଏ । ନନ୍ଦୋତ୍ସବ, ଶକଟା, ବକା, ତୃଣାବର୍ତ, ପୁତନା ବଧ, ଗୋବତ୍ସଚାରଣ, ଗୋପୀଙ୍କ ବସ୍ତ୍ରହରଣ, ମାତା ଯଶୋଦାଙ୍କୁ ବିଶ୍ୱରୂପ ଦର୍ଶନ, ମାଟି ଖାଇବା ପରି ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମ ସୁଚାରୁରୂପେ ସଂଘଟିତ ହୋଇଥାଏ । ଶିଶୁକଳାକାରଙ୍କ ଅଭିନୟ ବି ବେଶ୍ ମାର୍ଜିତ ଓ ଶୋଭନୀୟ ।

ନିଶାମଣି ହାଇସ୍କଲ ପଡିଆରେ ଅନୁଷ୍ଠିତ ରଙ୍ଗମହଲରେ ମହାରାଜ କଂସଙ୍କ ଉପସ୍ଥିତିରେ ନାଚ-ଗୀତର ଆସର ଜମେ । ଏହି ରଙ୍ଗଶାଳାରେ ଦେଶ ବିଦେଶର କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥାନ୍ତି । ସେଥିପାଇଁ କଳାକାରମାନେ ବିଶେଷ ଭାବେ ପ୍ରସ୍ତୁତ ହୋଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାନ୍ତି । ତେଣୁ ଦର୍ଶକମାନେ ବିଭିନ୍ନ କଳା ପ୍ରଦର୍ଶନର ସୁଯୋଗ ନିଅନ୍ତି ।

ବରଗଡ଼ର ହାଟପଦାଠାରେ ରାଜଦରବାର ମଂଚ ନିର୍ମାଣ କରାଯାଇଥାଏ । ସୁଉଚ୍ଚ ମଂଚ ଓ ସୁନ୍ଦର ସାଜସଜ୍ଜା ଖୁବ୍ ଶୋଭନୀୟ ଦିଶେ । ପ୍ରତ୍ୟହ ରାତ୍ରିରେ କଂସ ମହାରାଜ ନିଜ ଦରବାରେ ପ୍ରଜାମାନଙ୍କର ହାନି ଲାଭ ବୁଝନ୍ତି ଓ ଆସନ୍ତା କାର୍ଯ୍ୟସୂଚୀକୁ ଆଗେଇନିଅନ୍ତି ମନ୍ତ୍ରୀ ଓ ପାରିଷଦବର୍ଗଙ୍କ ସହ ପରାମର୍ଶ କରି ।

ଏ ଧନୁଯାତ୍ରା ଅବସରରେ ନିଶାମଣି ହାଇସ୍କୁଲ ପଡ଼ିଆ ସାମ୍ନାରେ ରାଜ୍ୟ ହସ୍ତତନ୍ତ ଓ ବୟନ ବିଭାଗ ତରଫ଼ରୁ ଏକ ବସ୍ତ୍ର ପ୍ରଦର୍ଶନୀ ହୋଇଥାଏ । ସୁନ୍ଦର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ବସ୍ତ୍ର ବିକ୍ରି ହୋଇଥାଏ । ଦର୍ଶକମାନେ ରଙ୍ଗମହଲରେ କଂସ ମହାରାଜଙ୍କ ଆସର ଦେଖିଲାପରେ ଏହି ବସ୍ତ୍ର ପ୍ରଦର୍ଶନୀରେ ବୁଲାବୁଲି କରି ଭରପୂର ଆନନ୍ଦ ନିଅନ୍ତି ଓ ନିଜ ପସନ୍ଦର ବସ୍ତ୍ର କିଣିବାର ସୁଯୋଗ ନିଅନ୍ତି । ସେହିଭଳି ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲ୍ଲା ସ୍ତରୀୟ ମହୋତ୍ସବ ହୁଏ । ସରକାରୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀମାନେ ଭାଗ ନେଇଥାନ୍ତି । ବିଭିନ୍ନ ପ୍ରକାରର ଦୋଳି, ଘରକରଣା ସାମଗ୍ରୀ, ଖାଦ୍ୟପଦାର୍ଥ ମିଳିଥାଏ । ଅପରାହ୍ନରୁ ରାତି ପ୍ରାୟ ଦଶଟା ପର୍ଯ୍ୟନ୍ତ ଭିଡ଼ ଜମେ । ସେ ସମୟରେ ଏକ ହସଖୁସି, ଆନନ୍ଦ,ଉଲ୍ଲାସ, ମଜାମଜ୍‌ଲିସର ମାହୋଲ ତିଆରି ହୋଇଯାଏ । କୋଣଅନୁକୋଣରୁ ଦର୍ଶକମାନେ ଆସି ଭରପୂର ମଜା ଉଠାନ୍ତି ।

ଯୁଗେ ଯୁଗେ ହିଂସା, ଅତ୍ୟାଚାର, ଦୁଷ୍କର୍ମ, ଅନୀତିର ବିଳୟ ଘଟେ । ସମାଜରେ ପାପଭାର ଅଧିକ ହେଲେ ଭଗବାନ ଓହ୍ଲାଇଆସନ୍ତି ବିଭିନ୍ନ ରୂପରେ । ସାମାଜିକ ଚଳଣୀକୁ ସୁବନ୍ଦୋବସ୍ତ କରିବାରେ ଏକ ଦୁର୍ବାର ପ୍ରୟାସ ନେଇଥାନ୍ତି । ସେହିଭଳି କଂସ ମହାରାଜ ନିଜ ପିତାଙ୍କୁ ରାଜ୍ୟରୁ ବହିଷ୍କାର କରିବା, ଭଉଣୀ-ଭିଣୋଇଙ୍କୁ ବନ୍ଦୀ କରି ଅକଥନୀୟ ମାନସିକ ଆଘାତ ଦେବା, ନିଜ ଭଣଜାକୁ ଶତ୍ରୁ ଭାବି ପୁତନା ଦ୍ୱାରା ପିଷପାନ ଖୁଆଇବା, ମଲ୍ଲ ଯୋଦ୍ଧାମାନଙ୍କ ଦ୍ୱାରା ଅମାନୁଷିକ ଭାବେ ଆକ୍ରମଣ କରିବା ଭଳି ଅସାମାଜିକ କାମ କରିବା ନିଶ୍ଚିତ ଭାବେ ଅଶାଳୀନ । ଏ ସବୁର ସୀମା ଲଘଂନ ହେତୁ ଭଗବାନ କୃଷ୍ଣ ଭଗବାନ ରୂପରେ ଆବିର୍ଭାବ ହୋଇଛନ୍ତି । ମଥୁରାନଗରୀରୁ ବିଦା କରିଛନ୍ତି ଅରାଜକତା ସୁଶାସନ ପ୍ରଚଳିତ କରି ବିତାଡ଼ିତ ରାଜା ଉଗ୍ରସେନଙ୍କୁ ମଥୁରାନଗରୀର ଦାୟିତ୍ୱ ଦେଇଛନ୍ତି ।

ଯେତେ ଦେଖୁଥିଲେ ବି ଆଖି ଟେରେଇହେବନି, ଯେତେ ଲେଖୁଥିଲେ ବି ଯାତ୍ରାର ମହନୀୟତାକୁ ଶେଷ କରିହେବନି । ଥରେ ଯିଏ ଦେଖିଛି, ସେ ହିଁ ଅନୁଭବିଛି ବରଗଡ଼ ଧନୁଯାତ୍ରାର ମାଦକତା । ନାଟକର ମାଧୁର୍ଯ୍ୟ ।

ବିଶ୍ୱ ବିଖ୍ୟାତ ଖୋଲାମଂଚର ଧନୁଯାତ୍ରା ଚଳିତ ବର୍ଷ ଡିସେମ୍ବର ୩୧ ତାରିଖରୁ ଆରମ୍ଭ ହୋଇ (ପୌଷ ପୂର୍ଣ୍ଣମୀରେ) ଜାନୁଆରୀ ୧୦ ତାରିଖରେ ସମାପ୍ତ ହେବ । ଆସନ୍ତୁ ସଭିଏଁ, ମୁକ୍ତମଂଚରେ ଧନୁଯାତ୍ରାକୁ ଦେଖି ବରଗଡ଼ର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ସାଉଁଟି ନେବା ।

ଏଲ୍. ଆଇ.ଜି- ୧୫
ନୟାପଲ୍ଲି, ବ୍ରୀଟ୍‌କଲୋନୀ, ଭୁବନେଶ୍ୱର-୭୫୧୦୧୨

# ବାସୁଆ ଅଜା

**- ସାନ୍ତନୁ ବିଶୋଇ**

ଏଇ ଆମ ବାସୁ ଅଜା, ଭାରି ରାଡ଼ୀ ଗାଁ ଜାକର ଲୋକଙ୍କୁ ବାସନ୍ଦ କରି ରଖିଛି । ନା' କାହାର କଥାରେ କଥା କହେ, ନା' କା ଦୁଆରକୁ ଯାଏ ମୁହାଁ[ିଆ ଲୋକ। ଯାହା କହିବେ ବାଡ଼ିଆ କଥା ପଛରେ ଗୁପୁଚୁପିଆ କଥାକୁ ସେ ପସନ୍ଦ କରନ୍ତି ନାହିଁ ।

ଜାତିରେ ବ୍ରାହ୍ମଣ ଏଇ ପ*କୁଳିଆ ଲୋକଙ୍କୁ ସିଏ କାହିଁକି ଶୁଣିବେ ? ଯାଙ୍କ ବୋପାମାନେ ବାସୁ ଅଜାଙ୍କୁ ଦୂରରୁ ଦେଖି ଗୋସେଇଁ ଜୁହାର ବୋଲି କହୁଥିଲେ । ଟୋକା ପା*। କ'ଣ ଗୋଟେ କଲବ ଘର କରିଛନ୍ତି । ଗାଁ ର ଉନ୍ନତି କରିବେ.....

ଗଛ ଲଗାଇବେ...

ବାହାରେ ମଳତ÷ାଗ ବନ୍ଦ କରିବେ...

ପୋଖରୀ ରାସ୍ତା ଘାଟ ସଫା ରଖିବେ....

ଗାଁ ରାସ୍ତା ଖାଲ ଖମା ପୋତି ସମତୁଲ କରିବେ ।

କ୍ଲବ ସଭାପତି ବାସୁ ଅଜା ପାଖକୁ ଆସିଥିଲେ, ଗାଁ ଦାଣ୍ଡରେ ମୁରୁମୁ ପଡିବ, ସମସ୍ତଙ୍କ ଘରୁ ଜଣେ ଜଣେ ମୁରୁମୁ ବିଛେଇବାକୁ ଯିବେ। ବେଠି ହେବ ।

ବାସୁ ଅଜା ଶୁଖିଲାରେ ଶୁଖିଲାରେ ବାଳିହା ବାଡେଇବା ଲୋକ, ତାଙ୍କୁ ଏତେ ଅଲରା କଥା କିଏ କହିଲା ? ସିଏ ସିଧା ସିଧା ମନା କରିଦେଲେ, ସେ ବେଠି ବେଗାରୀ କରିପାରିବେ ନାହିଁ ।

ସରକାର ଯୋଉଠି ବେଠି ବେଗାରୀ ବନ୍ଦ କରୁଛି, ସେଇଠି ବାସୁ ଅଜା କାହିଁକି ସମ୍ମତି ହୋଇ ପ୍ରେତ୍ସାହନ ଦେବ ?

କ୍ଲବ× ସଭାପତି ବି ରାଗରେ ଗରଗର ହୋଇ ଚାଲିଗଲେଣି । ବୁଢ଼ା, ବେଠି କରିବାକୁ ଆସିବନି କି' ତା ବଦଳିଆ ଟଙ୍କା କିମ୍ବା ମୂଲିଆ ପଠେଇବ ନାହିଁ । ଦେଖିବା, ସେ କେମିତି ଗାଁ ଦାଣ୍ଡରେ ଚାଲିକି ଯିବ... ବୁଢ଼ାକୁ ନିଆଁ ପାଣି ସବୁ ସବୁ ବନ୍ଦ କରାଯିବାଏକ ଘରିକିଆ କରି ରଖା ହେବ। ତା ପରେ ବୁଢ଼ା ଠିକ× ବାଟକୁ ଆସିବ ।

ଗାଁ ଦାଣ୍ଡରେ ମୁରୁମୁ ପଡିଲା । ସମତୁଲ ହେଲା । ପୋଖରୀ ସଫା ହେଲା । ରାସ୍ତା କଡରେ ଗଛ ଲଗା ସରିଲା ।

ସନ୍ଧ÷ାରେ ଗାଁ ସଭା ଡାକରା ହେଲା । ବାସୁ ବୁଢ଼ା ବେଠି କରିବାକୁ ଆସିନି । ତାର ବିଚାର ହେଉ । ନିଷ୍ପ□ି ନିଆଗଲା ବାସୁଆ ଏକଘରିକିଆ ହୋଇ ରହିବା ତଣ୍ଡ, ଜରିମାନା ଦେଲେ ତାକୁ ଗାଁରେ ମିଶା ଯିବ। ମୁରୁମୁ ପକେଇଛେ ଆମେ ସିଏ କାହିଁକି ଯିବ ? ରାସ୍ତା ଘାଟ ବନ୍ଦ। ସେ ବାରିପଟୁ ଯିବା ଆସିବା କରୁ ।

ବାସୁ ଅଜା କାନରେ ଏ କଥା ପଡିଲା । ଲୁହା ତରଳି ଯିବାହେଲେ ବାସୁ ଅଜା ନୁହେଁ । କ[। ବାଉଁଶର କୁନ୍ଦା ଠେଙ୍ଗାଟାକୁ ଧରି ବାସୁ ଅଜା ଦାଣ୍ଡକୁ ବାହାରି ପଡିଲା । ବାସୁ ଅଜା ବୁଢ଼ା । କିନ୍ତୁ ସେତେ ବୁଢ଼ା ନୁହ । ଏବେବି ଠେଙ୍ଗା ପଟେ ଧରିଲେ ଦଶ ଜଣଙ୍କୁ ଅଟକେଇ ଦେବ। ଯେମିତି ବାସୁ ଅଜା ଦାଣ୍ଡକୁ ବାହାରିଛି ଘୋ' ଘା' ହୋଇ ପା* ପା*ରୁ ଦଶ ରୁ ପନ୍ଦର ସିଂ ସାଂ ହୋଇ ଗାଁ ଜାକର ଲୋକ ଆସି ରୁଣ୍ଡ ହୋଇଗଲେ । ସମସ୍ତଙ୍କର ଏକା ଜିଦ× ବାସୁ ବୁଢ଼ା ବେଠିକି ଆସିନି ସେ ଆମେ ବିଛେଇ ଥିବା ମୁରୁମୁ ଉପରେ ଚାଲିକି ଯିବନି । ବାସୁ ଅଜା ଦୁଇ ପାହୁଣ୍ଡ ପଛେଇ ଗଲା । ସମସ୍ତଙ୍କୁ ଚେତେଇ ଦେଲା, ବାଘ ଶିକାର କରିବା ପୂର୍ବରୁ ଦୁଇ ପାହୁଣ୍ଡ ପଛକୁ ଯାଏ । ସିଏ ଏଇ ଗାଁ ଦାଣ୍ଡରେ ଅଲବତ ଚାଲିକି ଯିବ । ଏତିକି କହି ବୁଢ଼ା ଘର ଭିତରକୁ ଚାଲିଗଲା । ଗାଁ ଲୋକଙ୍କର ଜିତାପଟ । ଯୋଡି ଯୋଡି, ପୁଞ୍ଜି ପୁଞ୍ଜି ହୋଇ ଲୋକେ କଥା ହେଉଥାନ୍ତି :- ବୁଢ଼ା ପାଇଛି ପାନେ । ବୋପାକୁ ଆଇୟା କହି ଗାଁ ରେ ମିଶିବା ତାକୁ ବଡ ଧରଣର ଜରିମାନା ପକେଇବା । ସଞ୍ଜ ନଇଁ ଆସୁଥାଏ ସୁରୁଜ ଦେବତା ମାଆ କୋଳକୁ ଯିବାକୁ ବାହାରିଲେଣି । କାଉ କା' କା'କରି ନୀଡ ଆଡକୁ ମୁହାଁଇ ଲେଣି ଦାରୁଗା ବାବୁଙ୍କ ଜିପ ଗାଡ଼ିଟା ଆସି ଗାଁ ମଝିରେ ଅଟକି ଗଲା । ଲମ୍ବା ତାଲିକା । ଗାଁରେ ପଚାଶ ଘର । ତାଲିକାରେ ସମସ୍ତଙ୍କ ନାଁ । ସମସ୍ତେ ଟଣା ହେବେ ଥାନାକୁ । ଜିପ× ପଛରୁ ଓହ୍ଲେଇ ବାସୁ ବୁଢ଼ା ମଝି ଦାଣ୍ଡରେ ଚାଲି ଘର ଆଡ଼କୁ ଯାଉଥିଲା । ଦାରୋଗା ବାବୁ ଗାଁ ଲୋକଙ୍କୁ ବୁଝାଉ ଥିଲେ, ରାସ୍ତା ଓଡ଼ିଶା ସରକାରଙ୍କର । କାହାକୁ ରାସ୍ତାରେ ଯିବାକୁ ମନା କରାଯାଇ ପାରିବ ନାହିଁ । ବେଠି ବେଗାରୀ ସରକାର ଉଠାଇ ଦେଲେଣି । ବିନା ମଜୁରୀରେ, ତୁମେ କାହାକୁ ବେଠି ଖଟାଇ ପାରିବ ନାହିଁ । ଗୋଟି ଶ୍ରମିକ ବ÷ବସ୍ଥା ଉଚ୍ଛେଦ ହୋଇଗଲାଣି । ଆଇନକୁ ହାତକୁ ନେଇ କାହାକୁ ନିଆଁ, ପାଣି ବନ୍ଦ, କରି ଏକଘରିକିଆ କରି ପାରିବ ନାହିଁ । ଏଭଳି କାର୍ଯ୍ୟ÷ କଲେ ଜେଲ ଯିବାକୁ ହେବ । ଜରିମାନା ବି ହୋଇପାରେ । କାହାକୁ ଅଛପା ରହିଲା ନାହିଁ ଯେ, ବାସୁଆ ବୁଢ଼ା ଆଇନର ଆଶ୍ରୟ ନେଇଛି ବୋଲି । ସମସ୍ତଙ୍କ ମନରେ ଛନକା ଓ ଚେତା ବି ପସୁଥିଲା ଗାଁ ରୁ ଦୁଇ ଜଣ ଭଦ୍ରଲୋକ ବାହାରିଲେ । ବାସୁ ବୁଢ଼ାକୁ ଡାକିନେଇ ଦାରୁଗା ବାବୁଙ୍କ ସାମ୍ନାରେ କେସ× ର ମିମାଂସା କରାଗଲା । ଭବିଷ÷ତରେ ଗାଁ ରେ ଏଭଳି ଘଟଣାର ପୁନରାବୃ□ି ନ ହେବା ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହେଲା ।

ବୁଢ଼ା ନିଶକୁ ଅଳ୍ପ ଆଉଁସୁ ଥାଏ ।

କଙ୍ଗାରୁ କୋଟ ।

ଗ୍ରାମ/ପୋଷ୍ଟ- ଦଣ୍ଡୋର, ଜିଲ୍ଲା- ନୟାଗଡ଼

# ବେଙ୍ଗ ବେଙ୍ଗୁଲିର ସହର ଦେଖା

**- ବନଲତା ସିଂହ**

ବରଜୁ ରାଉତର ମଧ୍ୟବିତ୍ତ ଚାଷୀ ପରିବାର । ଦୁଇଟି ପୁଅ । ପୁଅ ଦୁଇଟିକୁ ଯଥାଶକ୍ତି ପାଠ ପଢ଼ାଇ ମଣିଷ କରିଛନ୍ତି । ପୁରୁଣା କାଳିଆଘର । ଘରର ଝରକା ନାହିଁ । ଜଳା କବାଟ ଅଛି । ବଡ଼ ପୁଅକୁ ବାହା କରିଦେଇଛନ୍ତି । ସେ ତା' ସ୍ତ୍ରୀକୁ ଧରି କଟକରେ ରହୁଛନ୍ତି । କାରଣ କଟକରେ ଚାକିରି କରୁଛନ୍ତି । ସାନ ପୁଅ ମଧ୍ୟ କଟକରେ ବଡ଼ଭାଇ ପାଖରେ ରହୁଛି । ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ । କିନ୍ତୁ ସେ ଘରେ ସବୁପ୍ରକାର ଜୀବଜନ୍ତୁ ବାସ କରନ୍ତି । ଯଥା ବେଙ୍ଗ ଝିଟିପିଟି ମୂଷା ଚୁଚୁନ୍ଦ୍ରା ପ୍ରଭୃତି । ବେଳେବେଳେ ସାପ ମଧ୍ୟ ବୁଲେ ।

ସେ ଘରେ ଗୋଟିଏ ବେଙ୍ଗ ଦମ୍ପତ୍ତି ବାସ କରନ୍ତି । ବହୁତ ବୟସ ହେଲାଣି, ବେଙ୍ଗ ବେଙ୍ଗୁଲିକୁ । ଦିନରେ କାଉ ଭୟରେ ପଦାକୁ ବାହାରନ୍ତିନି । ରାତିରେ ସାପ ଭୟ ଥିଲେ ମଧ୍ୟ ଦୁହେଁ ସତର୍କତା ସହବାସ କରନ୍ତି । ଭାରି ଆନନ୍ଦରେ ଥାଆନ୍ତି । କାରଣ ନା ତାଙ୍କର ଅଛି ସାହୁକାର ଚିନ୍ତା ନା ସଂସାର ଚିନ୍ତା । ବେଙ୍ଗ ଟିକେ ବାହାରେ ବୁଲି ଆସି ଭଲମନ୍ଦ ଖବର ବେଙ୍ଗୁଲିକୁ ଦିଏ । ସେଦିନ ବୁଲୁଥିଲା ବେଳେ ବରଜୁ ବୁଢ଼ା କ'ଣ ବୁଢ଼ୀକୁ କହୁଥିବାର ଶୁଣି ବେଙ୍ଗ ଖଟତଳେ ଲୁଚି ସବୁ ଶୁଣିଲା । ବୁଢ଼ା ବୁଢ଼ୀକୁ କହୁଛି - ନଟ ବୋଉ ସଅଳ କାମ ସାରି ଶୋଇପଡ଼ । କାଲି ତୁମ ବଡ଼ ପୁଅ ନଟ ଆସିବ ବୋଲି ଫଗୁଆ ବାରିକ ହାତରେ ଖବର ପଠାଇଛି । ନଅ ତିଅଣ ଛ'ଭଜା କରିବ । ମୋ ପୁଅ ଆସୁଛି । ବୁଢ଼ୀ କହିଲା ମଲା.. ସେ କ'ଣ ଖାଲି ତମ ପୁଅ ମୋର କିଛି ନୁହେଁ? ମୁଁ କ'ଣ ଜାଣିନି ମୋ ପୁଅ କ'ଣ ଖାଏ । ବୁଢ଼ା କହିଲା, ଆଚ୍ଛା ମାଛ ଆଣିବି ନା ଶାଗୁଆଟି ଆଣିବି ? ବୁଢ଼ୀ କହିଲା, ସେ ଗୁଡ଼ା ତ ସିଏ କଟକରେ କିଣି ଖାଉଥିବ । ଆମ ଗାଁରେ ଯେଉଁ ତାଜା ପରିବା ମୁଁ ତାକୁ ପାଂଚ ପ୍ରକାର କରିଦେବିନି । ତୁମେ ଖେପାଏ ଜାଲ ପୋଖରିରେ ପକାଇ ଚୁନାମାଛ ଧରି ଆଣିଲେ ମୁଁ ଟଭା ଲେମ୍ବୁ ଦେଇ ଠୁକୁଠୁକୁ କରିଦେବି, ସେ ଖାଇବ । ହଉ ଶୋଇପଡ଼ କାଲି ସକାଳେ କ'ଣ ଚିନ୍ତା କରିବା ।

ବେଙ୍ଗ ଦଉଡ଼ିଆସି ବେଙ୍ଗୁଲିକୁ ଡାକି କହିଲା - ଆଲୋ ବେଙ୍ଗୁଲି, ବେଙ୍ଗୁଲି ଶୋଇ ଶୋଇ ଘୁଙ୍ଗୁଡ଼ି ମାରୁଛି । ବେଙ୍ଗ ହଲାଇ କହିଲା - ତୁ ଖାଲଇ ଖାଉଛୁ ଆଉ ଶୋଉଛୁ ? ଟିକେ ଉଠ୍ ମୁଁ କ'ଣ କହୁଛି ଶୁଣ । ବେଙ୍ଗୁଲି ହାଇମାରି କହିଲା - ତୁ ଏତେ ରାତିଯାଏ କାହିଁକି ବୁଲୁଛୁ? କିଏ କ'ଣ କହିଲା, କିଏ କ'ଣ କଲା ସବୁ ଆସି ଏଇଠି ଗପିବୁ । ହଉ କ'ଣ କହ । ବେଙ୍ଗ ମୁହଁ ଫୁଲେଇ ମୁହଁ ବୁଲେଇ ବସିଲା । ବେଙ୍ଗୁଲି ଟିକେ ଗେଲକରି କହିଲା - ରାଗିଲୁକି ? ମୁଁ ସେମିତି କହୁଥିଲି ନା...କହ କ'ଣ କହୁଛୁ । ବେଙ୍ଗ କହିଲା ...କାଲି ବୁଢ଼ାର ବଡ଼ପୁଅ ନଟବାବୁ ଆସିବେ । ସେଥିପାଇଁ ବୁଢ଼ାବୁଢ଼ୀ ଗୋଡ଼ତଳେ ଲାଗୁନି । କ'ଣ ରୋଷେଇ କରିବେ ବୋଲି ବିଚାର ଚାଲିଛି । ବେଙ୍ଗୁଲି କହିଲା - ହଁ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ପୁଅ ଆସିବ, ବାପ ମା' ଖୁସି ହେବାକଥା । ଆମର ସିନା ପିଲା ଛୁଆ କିଛିନାହିଁ ତାଙ୍କର ଅଛି । ସେ ଖୁସିହେବେ । ବେଙ୍ଗ ମୁହଁ ଫୁଲେଇ ଶୋଇପଡ଼ିଲା ।

ତା'ପରଦିନ ବୁଢ଼ାବୁଢ଼ୀ ଉଠି ପୁଅ ଆସିବ ବୋଲି କେତେ ପରକାର ରୋଷେଇ କରି ପୁଅକୁ ଅନେଇଥିଲେ । ଏହି ସମୟରେ ପୁଅ ଆସିଗଲା । ବୁଢ଼ାବୁଢ଼ୀ ଭାରି ଖୁସି । ଖିଆପିଆ ପର୍ବ ସରିଲା । ପୁଅ କହିଲା - ବାପା ବୋଉ ମୋ ସାଂଗରେ କଟକ ଚାଲ । ଆଗକୁ ଦଶହରା ଆସୁଛି । ଦୁର୍ଗାପୂଜା କାଳୀ ପୂଜା ଦେଖି କାର୍ତ୍ତିକବ୍ରତ ପୁରୀରେ କରି ଗାଁକୁ ଫେରିବ । ମୁଁ ଗାଡ଼ି ଆଣିଛି ଆଉ କିଛି ଅସୁବିଧା ହେବନି । ବୁଢ଼ାବୁଢ଼ୀ ରାଜି ହୋଇଗଲେ ଯିବାପାଇଁ । ବେଙ୍ଗ ସବୁକଥା ଶୁଣୁଥିଲା । ସେ ଧଇଁସଇଁହୋଇ ଦଉଡ଼ି ବେଙ୍ଗୁଲିକୁ ଡାକିଲା - ବେଙ୍ଗୁଲି, ଏ ବେଙ୍ଗୁଲି ! ବେଙ୍ଗୁଲି କହିଲା, ଆଜି କେଉଁ ପ୍ରବଚନ ଦେବୁ? କେଉଁ ବାବାଠାରୁ ଶୁଣିକରି ଆସିଛୁ ମୋତେ କହ । ବେଙ୍ଗ ରାଗିଯାଇ କହିଲା - ତୋର ସବୁବେଳେ ଖାଲି ଥଟ୍ଟା । ଆଲୋ ଶୁଣ୍.. ବୁଢ଼ାବୁଢ଼ୀ କଟକ ଯାଉଛନ୍ତି, ସେ ପୁଣି ଚାରିମାସ ପାଇଁ । ଘରେ ତାଲା ପକାଇଦେବେ । ଆମେ କେଉଁଠି ରହିବା ?

ବେଙ୍ଗୁଲି କହିଲା - ଆରେ ବେଙ୍ଗ ତୁ ପରା କହୁଥିଲୁ ସହର ଦେଖିନୁ ବୋଲି । ଯାଉନୁ ତାଙ୍କ ସାଙ୍ଗରେ ସହର ବୁଲି ଆସିବୁ । ବେଙ୍ଗ କହିଲା - ତୋତେ ଏଠି ଏକୁଟିଆ ଛାଡ଼ି ମୁଁ ସହର କିପରି ଯିବି । ତୁ ଯେମିତି ଥାକୁଲୁ ଥୁକୁଲୁ ହୋଇଛୁ ତୋତେ ସେ ଡମରା କାଉଟା ଦେଖିଲେ ଟେକି ନେଇଯିବ ଚାଳ ଉପରକୁ

। ତୋ ପେଟ ଫୁଟାଇ ଅନ୍ତବୁଜୁଳାକୁ ଖାଇଯିବ । ଏଣୁ ତୋତେ ଛାଡ଼ି ମୁଁ କୁଆଡ଼େ ଯିବିନି । ତୋ ସାଙ୍ଗରେ ଥିଲେ ମୋତେ ସ୍ୱର୍ଗରେ ରହିଲାପରି ଲାଗେ । ବେଙ୍ଗୁଲି କହିଲା – ଆରେ ବେଙ୍ଗ ଆମେ ବସରେ ଭଡ଼ା ଦେଇ ଯାଇ ପାରିବାନି । ଚାଲେ ଏ ବୁଢ଼ାବୁଢ଼ୀ ସାଙ୍ଗରେ ଆମେ ଚାଲିଯିବା । ପୁଣି ତାଙ୍କ ସାଙ୍ଗରେ ଚାଲିଆସିବା । କିନ୍ତୁ ଯିବା କେମିତି ? ବେଙ୍ଗ କହିଲା – ତୁ ବୁଢ଼ୀ ବ୍ୟାଗରେ ଯା, ମୁଁ ବୁଢ଼ା ବ୍ୟାଗରେ ଯିବି । ଦୁହେଁ ସେଇଠି ଦେଖାହେବା । ଦୁହେଁ ପ୍ରସ୍ତୁତ ହୋଇଗଲେ ସହର ଯିବାକୁ ।

ବୁଢ଼ା ବ୍ୟାଗ ଭିତରେ ବେଙ୍ଗ ଲୁଚିକରି ବସିଛି ବୁଢ଼ୀ ବ୍ୟାଗରେ ବେଙ୍ଗୁଲି ବସିଛି । ଟ୍ୟାକ୍ସି ଆସି ସହର ଛୁଇଁଲା । ବେଙ୍ଗ ସମୟେ ସମୟେ କଟରକଟର ବୋବେଇ ବେଙ୍ଗୁଲିକୁ ନିଜ ଉପସ୍ଥିତି ଜଣାଇଦିଏ । ବେଙ୍ଗୁଲି ମଧ୍ୟ ସେଇଆ କରେ । ସହରର ଯାନବାହନର କେଁକାଁ ଫେଁ ପା ଶୁଣି ଦୁହେଁ ଡରି ନିଜ ବ୍ୟାଗ ଭିତରୁ ଟିକେ ମୁଣ୍ଡ ଟେକି ପରସ୍ପରକୁ ଦେଖି ଦେଉଥାନ୍ତି । ଏହି ସମୟରେ ଗୋଟିଏ ରେଳ ଗାଡ଼ି ଜୋରରେ ହ୍ୱିସିଲ ମାରି ଛୁକୁଛୁକୁ ହୋଇ ରଡ଼ି ଦେଇ ଚାଲିଗଲା । ଗାଡ଼ି ମଧ୍ୟ ବ୍ରିଜ ତଳେ ଖାଲ ଢ଼ିପରେ ଢ଼କିଢ଼କି ଗଲା । ବୁଢ଼ାବୁଢ଼ୀ ଦୁହେଁ ଭାରସାମ୍ୟ ହରାଇ ଝୁଙ୍କି ପଡ଼ିଲେ । ବେଙ୍ଗ ଛାନିଆରେ କଟରକଟର କରି ବେଙ୍ଗୁଲିକୁ ଡାକି ପଚାରିଲା – ତୁ ଭଲରେ ଅଛୁ ତ ? ବେଙ୍ଗୁଲି କଟରକଟର କରି ଉତ୍ତର ଦେଲା – ହଁରେ, ଭଲ ଅଛି । କିନ୍ତୁ ତୁ ପାଖରେ ନାହୁଁ ମୋତେ ଭାରି ଡର ଲାଗୁଛି ।

ଏହି ସମୟରେ ବୁଢ଼ାବୁଢ଼ୀକୁ କହିଲା – ହଇଲୋ ନଟବୋଉ, ମୋ ବ୍ୟାଗରୁ କ'ଣ ଗୋଟେ ଶବ୍ଦ ବାହାରୁଛି । ବୁଢ଼ୀ ମଧ୍ୟ କହିଲା – ହଁ ପରା ମୋ ବ୍ୟାଗରୁ ବି ବାହାରୁଛି । ଦୁହେଁ ଉଣ୍ଡାଳି ବେଙ୍ଗଙ୍କୁ ଦେଖି ବାହାରକୁ ଫୋପାଡ଼ି ଦେଲେ । ଦୁହେଁ ଦୁଲଦାଲ ହୋଇ ରାସ୍ତାକଡ଼କୁ ପଡ଼ିଲେ । ବେଙ୍ଗ କହିଲା – ବେଙ୍ଗୁଲି ଲୋତୋ ଗୋଡ଼ କିଛି ହେଇନି ? ଦେଖାଇଲୁ ମୁଁ ଟିକେ ଘଷି ଦିଏ । ବେଙ୍ଗୁଲି କହିଲା – ହେଃ, ଅଲାଜୁକ.. ଏ ଦିନ ଦିପହରେ ରାସ୍ତାଉପରେ ତୁମେ ମୋ ଗୋଡ଼ ଘଷିବ ? ବେଙ୍ଗ କହିଲା – ଏଇଟା ଦିନ ନୁହେଁ ଲୋ ରାତି । ବେଙ୍ଗୁଲି କହିଲା ଏଠି କେଇଟା ସୂର୍ଯ୍ୟ କି ? ରାତିରେ ବି ସୁରୁଯ ଉଠେ, ଆଲୋ ନାହିଁ ଇଏ ସବୁ ବିଦ୍ୟୁତ ଲାଇଟ । ଏଠି ରାତି ଦିନ କିଛି ଜଣାପଡ଼େ ନାହିଁ । ଏଠି ଥଣ୍ଡା ଗରମ ବର୍ଷା ପବନ ସବୁ କୃତ୍ରିମ ହୋଇପାରିବ । ହେଉ ତୁ ମୋ ପିଠିରେ ବସ, ମୁଁ ନାଉ କରି ସେ ଦୋକାନ ଖଟ ତଳକୁ ନେଇଯିବି । ସେଠି ଟିକେ ଅନ୍ଧାର ଅଛି । ଆମକୁ କେହି ଦେଖି ପାରିବେନାହିଁ କହି ବେଙ୍ଗୁଲିକୁ ନାଉ କରି ସେ ଦୋକାନ ଖଟ ତଳକୁ ନେଇଗଲା । କିଛି ସମୟପରେ କ'ଣ ଗଣ୍ଡଗୋଳ ଶୁଣି ଦୁହେଁ ମୁଣ୍ଡଟେକି ବାହାରକୁ ଚାହିଁଲେ ମା'ଝିଅ ରକ୍ସାରୁ ଓହ୍ଲାଇ ଘରକୁ ଯାଉଥିଲେ । ଚାରିଛକ ରାସ୍ତା କିଛି ଲୋକ କଳା ପୋଷାକ ପିନ୍ଧି ମୁହଁରେ କଳାମୁଖା ଲଗାଇ ସେ ମା ଝିଅ ଦୁଇଜଣକୁ ଟଣା ଓଟରା କରି ମା'କୁ ଦଳେ କେଉଁଆଡ଼େ ନେଇଗଲେ । ଆଉ ଝିଅକୁ ଦଳେ ନେଇଗଲେ । ସେ ମା–ଝିଅ ଚିତ୍କାର କରୁଥାଆନ୍ତି । ଶୁଣିବାକୁ କେହି ନାହାନ୍ତି । ଆଉ କିଛି ଲୋକ ସେହି ଖଟ ଉପରେ ଆସି ବସିଲେ । ପ୍ରଚୁର ମଦ ପିଇଥାଆନ୍ତି । ଆଉ ବୋତଲ ମଧ୍ୟ ଧରିଥାନ୍ତି । ବେଙ୍ଗୁଲି କ'ଣ କହିବାକୁ ଉଦ୍ୟତ ହୁଅନ୍ତେ ବେଙ୍ଗ ତାକୁ ଚୁପ କରାଇ କହିଲା – ଆଲୋ ପାଟି ବନ୍ଦ କର । ତୁ ଯେମିତି ଥାକୁଲୁ ଥୁକୁଲୁ ହୋଇଛୁ ତୋତେ ସେମାନେ ଦେଖିଲେ ଟେକି ନେଇଯିବେ । ବେଙ୍ଗ ପାଟିରୁ କଥା ନ ସରୁଣୁ ବେଙ୍ଗୁଲି ତାକୁ ଠେଲି ଦେଇ କହିଲା – ଧେତ୍, ମୁଁ ପରା ବେଙ୍ଗ ଜାତି ସେମାନେ ମଣିଷ । ମୋତେ କାହିଁକି ଟେକି ନେବେ ? ବେଙ୍ଗ କହିଲା – ଆଲୋ ସେ ମଣିଷ ହେଲେ କ'ଣ ହେଲା ? ସେମାନେ ପରା ନିଶାସକ୍ତ ତାଙ୍କୁ ବେଙ୍ଗ ସାପ କ'ଣ ଜଣାପଡ଼େ ? ଆ ତୁ ମୋ କୋଳରେ ଶୋଇପଡ଼ । ନିଦରୁ ଉଠିଲେ ଆମକୁ ଏ ଅଜଣା ଜାଗାରେ କୁଆଡ଼େ କୁଆଡ଼େ ନିରାପଦ ଜାଗା ଖୋଜିବାକୁ ପଡ଼ିବ । ବେଙ୍ଗୁଲି ଭୟରେ ବେଙ୍ଗ କଥା ମାନି ଶୋଇପଡ଼ିଲା ।

ସେମାନେ ଯେମିତି ଚାଲିଗଲେ, ବେଙ୍ଗ ବେଙ୍ଗୁଲିକୁ ଡାକି କହିଲା – ତୁ ମୋ ପିଠିରେ ବସ, ମୁଁ ତୋତେ ନେଇଯିବି । ସକାଳ ହେଲେ ଏ ଉତ୍ପାତିଆ କାଉ ଗୁଡ଼ିକ ଆମକୁ ଛାଡ଼ିବେନି । ବେଙ୍ଗୁଲି ହାଇମାରି କହିଉଠିଲା ଆଉ ବେଙ୍ଗ ପିଠିରେ ନାଉ ହୋଇ ଚାଲିଲା । ଦୁହେଁ ଲୁଚି ଲୁଚି ମେଡ଼ିକାଲପଛ ବାଟେ ଚାଲୁଥିଲେ । ଏହି ସମୟରେ ଗୋଟିଏ ପୁଁ ଶବଦରେ ବେଙ୍ଗୁଲି ଇଲୋ ବୋପାଲୋ କହି ଛିଟିକି ପଡ଼ିଲା । କ'ଣ ଗୁଡାଏ ତା ଗୋଡ଼କୁ ଲାଗିବାରୁ ସେ ବେଙ୍ଗକୁ ପଚାରିଲା – ବେଙ୍ଗରେ ଏ ଗୁଡ଼ା କ'ଣ ? ବେଙ୍ଗ କହିଲା – ଏଗୁଡ଼ାକ ମଣିଷ ଭ୍ରୂଣ । ବେଙ୍ଗୁଲି କହିଲା – ସିଏ କ'ଣ କିରେ ? ବେଙ୍ଗ କହିଲା, କୁଆରୀ ମାଆ, ନଚେତ ଝିଅ ଭ୍ରୂଣ ଦେଖି ତାକୁ ମେଡ଼ିକାଲରେ ପେଟରୁ ବାହାର କରି ଫୋପାଡ଼ି ଦିଅନ୍ତି । ବେଙ୍ଗୁଲି କହିଲା – କାହିଁ ? ଆମେ ତ ଏପରି କରୁନା ? ବେଙ୍ଗ କହିଲା – ମଣିଷମାନଙ୍କର ପରା ଦିବ୍ୟଜ୍ଞାନ ଅଛି, ଆମର କ'ଣ ଅଛି ?

ପୁଣି ଦୁଇଜଣ ଆଗେଇ ଗଲେ । ଦିନ ହୋଇଗଲା । ସହର ଚଳଚଞ୍ଚଳ ହୋଇଉଠିଲା । ଗାଡ଼ି, ମଟର ଲୋକାରଣ୍ୟ ଦେଖି ବେଙ୍ଗୁଲିର ହୃତକମ୍ପ ହେଲା । ସେ ବେଙ୍ଗକୁ କହିଲା – ଏଠି କ'ଣ ଗୋଟିଏ ପାହାଡ଼ ଦେଖା ଗଲାଣି । ବେଙ୍ଗ କହିଲା – ଏଇସବୁ ବର୍ଜ୍ୟବସ୍ତୁ ପ୍ଲାଷ୍ଟିକ ପାହାଡ଼ । ଏ ପ୍ଲାଷ୍ଟିକ ହେଉଛି ରୋଗ

ସୃଷ୍ଟିକାରୀ ମରଣଯନ୍ତା । ସିଏ ନିଆଁରେ ପୋଡ଼େନି କି ପାଣିରେ ବୁଡ଼େନି । ତାକୁ ପଶୁମାନେ ହଜମ କରି ପାରନ୍ତିନି । ଏବେ ପରା ବୁଢ଼ା ଖବର କାଗଜ ପଢ଼ି ବୁଢ଼ୀକୁ କହୁଥିଲା । ଶୁଣିଲଣି ନଟ ବୋଉ, ଗୋଟିଏ ତିମି ମାଛ ପେଟରୁ ତରିଶ କିଲୋର ପ୍ଲାଷ୍ଟିକ ବାହାରିଛି । ବେଙ୍ଗୁଲି କହିଲା – ଏତେ ମାରାତ୍ମକ ଜିନିଷ କ'ଣ ପ୍ରଥମରୁ ଜଣା ପଡ଼େନି ? ସେ ତା'ର କାୟା ବିସ୍ତାରକରି ସାରିଲାପରେ ଚିନ୍ତା କରି ଲାଭ କଅଣ ? ବେଙ୍ଗୁଲି କହିଲା – ବେଙ୍ଗରେ ଆମ ସହର ଦେଖା ସେତିକି ଥାଉ । ଚାଲେ ଆମେ ଫେରିଯିବା । ବେଙ୍ଗ କହିଲା – ସେ କ'ଣ ଏତେ ସହଜ ? ଆମେ କ'ଣ ବସ୍ କି ଟ୍ରେନ୍ କି ଜିପ ଯାଇପାରିବା । ମୁଁ ବୁଲି ଗୋଟିଏ ମଉକା ଖୋଜୁଛି ଯଦି ଗାଁକୁ କୋଉ ଟ୍ରକ୍ କି ଜିପ୍ ଯାଉଥିବ ସେଥିରେ ଆମେ ଚାଲିଯିବା । ମୁଁ ତୋତେ ନାଉ କରି ଏତେ ବାଟ ଯାଇପାରିବି ? ହଉ ଚାଲେ କେଉଁଠି କାହାଘର କୋଣରେ ରହିଯିବା ।

ବେଙ୍ଗୁଲି କହିଲା – ଏଠାରେ ଗୋଟିଏ ପୋଖରୀ ଟୁବ ଗାଡ଼ିଆ କେଉଁଠି ନାହିଁ କି ଗଛବୃକ୍ଷ କେଉଁଠି ନାହିଁ । ଆମ ପରି ଜୀବଜଗତ କେମିତି ବଞ୍ଚିବେ । ଚାରିଆଡ଼େ ଚଉଡ଼ା ରାସ୍ତା । ବେଙ୍ଗ କହିଲା – ହଉ ତୁ ଶୋଇପଡ଼, ମୁଁ ଟିକେ ବୁଲାବୁଲି କରି ଆସେ । ବେଙ୍ଗ ଗଲା ବୁଲିବାକୁ । କେତେ ସମୟପରେ ଧଇଁସଇଁ ହୋଇ ଡାକ ପକାଇଲା – ଆଲୋ ବେଙ୍ଗୁଲି ଉଠ୍ ଶୁଣୁ । ବେଙ୍ଗୁଲି କହିଲା – ସାରଥୀ ତ ନାହିଁ ପ୍ରବଚନ କେଉଁଠୁ ଶୁଣି ମୋତେ ଶୁଣଉଛୁ । ବେଙ୍ଗ କହିଲା – କୁହାକୁହି ହେଉଛନ୍ତି ଗଛଲତା କାଟି, ପାହାଡ଼ପର୍ବତ ଭାଙ୍ଗି ବଡ଼ କାରଖାନାମାନ ବସେଇବେ । ନାମ ଦିଆଯିବ ଅମୃଥ ସହର । ବେଙ୍ଗୁଲି କହିଲା – ଯାଉନ୍ତୁ, ଯେଉଁଠି ପାଣିପବନ ଖାଦ୍ୟ ସବୁ ଜହର, ସେ ପୁଣି ଅମୃତ ସହର ? ଚାଲେ ଆମେ ଗାଁକୁ ପଳେଇବା । ଆମର ସେ ସାରୁଗଛ ମୂଳ ଭଲ । କି ବାବୁ ଘର ଅନ୍ଧାର କୋଣ ଭଲ ।

ବେଙ୍ଗ କହିଲା, ଏହି ବାବୁଘର ଆଜି ଗାଁକୁ ଯାଉଛନ୍ତି । ଚାଲେ ଆମେ ତାଙ୍କ ଗାଡ଼ି ପଛରେ ଲୁଚି କରି ପଳେଇବା । ବେଙ୍ଗୁଲି କହିଲା – ଆରେ ବେଙ୍ଗ ତୁ ଏତେ ଡରୁଛୁ କାହିଁକି ? କାଉ, ଶାଗୁଣା ପରି କେତେ ପକ୍ଷୀ ଲୋପ ପାଇଗଲେଣି । ଆମେ ଆରାମରେ ଯିବା । ହଠାତ୍ ଗାଡ଼ି ଷ୍ଟାର୍ଟ ହେବାର ଶବ୍ଦ ଶୁଣି ଦୁହେଁ ଖପଖାପ ଡେଇଁ ଲୁଚିକରି ବସିଗଲେ । ଗାଁରେ ପହଞ୍ଚିଲାବେଳକୁ ସଂଜ ଗଡ଼ି ଯାଉଥିଲା । ଦୁହେଁ ଡେଇଁପଡ଼ି ସାରୁଗଛ ମୂଳକୁ ଚାଲିଗଲେ । ବେଙ୍ଗ ପଚାରିଲା – ଆଲୋ ବେଙ୍ଗୁଲି ସହରରେ କ'ଣ ଦେଖିଲୁ ? ବେଙ୍ଗୁଲି କହିଲଶ – ନ କହିଲେ ଭଲ । ଖଜୁରୀ ଗଛଟା ମୂଳରୁ ପାହାଚ ପାହାଚ । କେତେ ମୁଁ ବାହୁନି ବି ? ଖାଲି ଏତିକି ଜାଣେ ତୁ ବେଙ୍ଗ ରାଜା, ତୁ କେଡ଼େ ଡଉଲୁ ଡାଉଲୁ । ଛାଡ଼, ଯାହା ହେଉଛି ତାହା ହେବାକୁ ଦିଅ ।

ଗଣ୍ଡରପୁର, କଟକ


POWER HOUSE
DISTRIBUTOR
LUMINOUS, EXIDE, AMCO
MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943


# ମୋ ଭାଷା ମୋ ସ୍ୱାଭିମାନ

- ଶ୍ରୀ ସତ୍ୟବ୍ରତ ସାହୁ

ମୋ ଭାଷା ମୋ ସ୍ୱାଭିମାନ

ମୋ ମାତୃଭାଷା ଓଡ଼ିଆ । ଇଂରାଜୀ, ହିନ୍ଦୀ ଲେଖି ପଢ଼ି ଜାଣେ । କିଛି ଆଞ୍ଚଳିକ ଭାଷା ମଧ୍ୟ ବୁଝେ । କିନ୍ତୁ ନିହାତି ଦରକାର ନପଡ଼ିଲେ ମୁଁ ଇଂରାଜୀରେ ଦସ୍ତଖତ ବି କରେନି । ଓଡ଼ିଆରେ କରେ ।

ସେଦିନ ଷ୍ଟେଟ ବ୍ୟାଙ୍କ ଏଟିଏମକୁ ଗଲି ଟଙ୍କା ଉଠାଇବା ପାଇଁ ଧାଡ଼ିରେ ଠିଆ ହେଲି । ମୋ ପଛକୁ ମଧ୍ୟ କିଛି ଲୋକ ଥାନ୍ତି । ଏଟିଏମ ପାଖରେ ପହଞ୍ଚି କାର୍ଡ଼ ଭରିଲି ଓଡ଼ିଆ ବଟନ ଦବାଇଲି । ସେ ଟିକେ ବିରକ୍ତ ହୋଇ କହିଲେ, ଆପଣ ଓଡ଼ିଆ ମାରୁଛନ୍ତି ସେଥିରେ କ'ଣ ଟଙ୍କା ଆସିବ? ଗୁଡ଼େ ୟାଡ୍ତୁ ସ୍ୟାଡ୍ତୁ ଲେଖିବ କିଛି ବୁଝି ପାରିବେନି ଟଙ୍କା ଆସିବନି । ଖାଲି ସମୟ ନଷ୍ଟ ହେବ ଯାହା । ମୁଁ ବି ଟିକେ ବିରକ୍ତ ହୋଇ କହିଲି, କାହିଁକି ଆପଣ ଏଣୁତେଣୁ ଗପୁଛନ୍ତି ? ଟଙ୍କା ଆସୁ କି ନାହିଁ ଚୁପ୍‌ଚାପ୍ ଦେଖନ୍ତୁ । ଏହା ଭିତରେ ମୋ କାମ ଚାଲିଥାଏ । ଯେତେବେଳେ ଏଟିଏମ ପରଦାରେ ଲେଖାହେଲା ଆପଣଙ୍କ କାରବାର ପ୍ରକ୍ରିୟା ଚାଲୁଅଛି ଦୟାକରି ଅପେକ୍ଷା କରନ୍ତୁ ଓ ମେସିନ ଟଙ୍କା ଗଣିବା ଆରମ୍ଭ କଲା ସେତେବେଳେ ପଛରୁ କେହିଜଣେ କହିଲେ, ଆରେ..ଏଟିଏମରେ କ'ଣ ଓଡ଼ିଆ ଲେଖା ଆସିଲାଣି । ଟଙ୍କା ବାହାରିଲା । ମୁଁ ଟଙ୍କା ରଖି କହିଲି, ଆମେ ଓଡ଼ିଆ । ଓଡିଆ ପଢ଼ିବା ଓ ବୁଝିବାରେ ଆମକୁ କିଛି ଅସୁବିଧା ହେବନି । ତାପରେ ଏଟିଏମରେ ସ୍ୱଷ୍ଟ ଓଡ଼ିଆରେ ଲେଖି ଦେଉଛି । ତେବେ ଓଡ଼ିଆ ବିକଳ୍ପ ବାଛିବାରେ ଅସୁବିଧା ରହିଲା କେଉଁଠି ? ଓଡ଼ିଆ ଆମ ମାତୃଭାଷା । ଆମ ସ୍ୱାଭିମାନର ପ୍ରତୀକ । ଆମ ଭାଷା ମଧ୍ୟ ଶାସ୍ତ୍ରୀୟ । ଅଥଚ ଆପଣମାନେ ଇଂରାଜୀ ପ୍ରେମରେ ପଡ଼ିଯାଇଛନ୍ତି । ଇଂରାଜୀରେ ଧାଡ଼ିଏ ସ୍ୱଷ୍ଟ କହି ପାରିବେନି କି ବୁଝି ପାରିବେନି କିନ୍ତୁ ଏଟିଏମରେ ଇଂରାଜୀ ମାରି ଟଙ୍କା ଉଠାଇବେ ? ଓଡ଼ିଆ କାହିଁକି ନମାରିବେ? ମୋ କଥା ଶୁଣ ଜଣେ ମଉସା କହିଲେ ହଁରେ ପୁଅ ତମେ ଯାହା କହିଲ ଠିକ ହେଲେ ସମସ୍ତେ କ'ଣ ଏକଥା ବୁଝୁଛନ୍ତି ?

ଏଥର ମୋ ପଛ ଲୋକଙ୍କୁ ଲକ୍ଷକରି ସେ ବି ଓଡ଼ିଆ ବିକଳ୍ପକୁ ପସନ୍ଦ କରି ଭଲ ଭାବରେ ପଢ଼ି ପଢ଼ି ଆଗକୁ ବଢ଼ୁଛନ୍ତି । ସେ ଟଙ୍କା ଉଠାଇବା ବେଳକୁ ମୁଁ ବାହାରି ଆସିଥିଲି ଏଟିଏମ ବାହାରକୁ । ଖୁସି ହେଉଥିଲି ମୁଁ ଓଡ଼ିଆ ଭାଷା ବାଛିବାରେ ବିରକ୍ତ ହେଉଥିବା ଲୋକ ଜଣକ ଓଡ଼ିଆ ଭାଷା ପସନ୍ଦ କରି ଟଙ୍କା ଉଠାଉଥିବାରୁ ।

ପଲ୍ଲୀସାହି,କମଳ ପୁର,ଅହିଆସ,ଯାଜପୁର

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଫେସବୁକ୍

- ସିଦ୍ଧେଶ୍ୱର ତ୍ରିପାଠୀ

ମାର୍କ ଜେକିବର୍ଗଙ୍କ କିଛି ନୂଆ କରିବାର ପ୍ରୟାସ ୨୦୦୫ ରେ ସୃଷ୍ଟି ହେଲା ଫେସବୁକ ଏକ ସାମାଜିକ ଗଣମାଧ୍ୟମ । ଯେତେବେଳେ ତାଙ୍କ ବୟସ ଥିଲା ମାତ୍ର ୧୯ ବର୍ଷ ।

ଫେସବୁକ ଆସିଲାପରେ ପରିବର୍ତ୍ତନ ଆସିଛି ସମାଜରେ । ଫେସବୁକ ବ୍ୟବହାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ଅଛି କି ? କେଉଁ ଦେଶରେ ଭିନ୍ନ ଭିନ୍ନ ନିୟମ ଥାଇପାରେ । ଆବାଳ ବୃଦ୍ଧବନିତା କିନ୍ତୁ ସକାଳ ବା ସଞ୍ଜ ,ଦିନ ହେଉ ବା ରାତି,ଏହାକୁ ବ୍ୟବହାର କରନ୍ତି । ସେ ସୁଖ ହେଉ କି ଦୁଃଖ କଥା ଆଙ୍ଗୁଠି ଚିପିଲେ ମୋବାଇଲ ଅବା କମ୍ପ୍ୟୁଟର ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଏ । ଖୁସିକୁ ଶତ ଗୁଣ କରେ ଆଉ ଦୁଃଖରୁ କିଛି ଭାଗ ନିଶ୍ଚୟ କମାଏ ।

ବିଦ୍ୟାଳୟ, ମହାବିଦ୍ୟାଳୟର ସାଙ୍ଗ ଅତୀତର କର୍ମସଂସ୍ଥାନର ସହକର୍ମୀ କେଉଁ ନଦୀ ଆଉ ଦରିଆ ସେପାରିରେ ରହିଯାଇଥିବା ଅତୀତର ପ୍ରେମିକ ପ୍ରେମିକାଙ୍କୁ ପୁଣି ଥରେ ଏକାଠି କରିପାରିଛି ଏ ଫେସବୁକ ।

ନିଜ ଭିତରେ ରହିଯାଇଥିବା ଅନ୍ତର୍ନିହିତ ଗୁଣକୁ ବିକାଶ କରିବାକୁ ପ୍ରେରଣା ଯୋଗାଏ । ବହୁ ଅତୀତରୁ କଲମ ଛାଡ଼ିଦେଇଥିବା ଲେଖକକୁ ବାଧ୍ୟ କରାଇଛି ଏଇ ଫେସବୁକ ଲେଖିବା ପାଇଁ ।

ବ୍ୟବସାୟ ହେଉ ଅବା କଳା,ସାହିତ, ସଂସ୍କୃତି.କ୍ରୀଡ଼ା ଯାହାର ରୁଚି ବ୍ୟକ୍ତିତ୍ୱର ବିକାଶ ଦିଗରେ ଆଗେଇଯିବାକୁ ପ୍ରେରଣା ଯୋଗାଇଛି ଏହି ଫେସବୁକ ।

ଅସହାୟକୁ ମିଳିପାରିଛି ସାହାଯ୍ୟ ,ସରକାର ଆଉ ସାମ୍ବାଦିକମାନଙ୍କ ସହିତ ସାଧାରଣ ଯୋଡ଼ିପାରିଛି ଫେସବୁକ୍ । ଶିଳ୍ପପତି ହୁଅନ୍ତୁ ଅବା ଧର୍ମଗୁରୁ ରାଜନେତା ହୁଅନ୍ତୁ ଅଭିନେତା କି କ୍ରୀଡ଼ାବିତ ଅବା ପ୍ରଶାସକ ସମସ୍ତେ ତାଙ୍କ ମନଖୋଲା କଥା ଦି ପଦ ଲେଖି ସାରା ଦୁନିଆ ଆଗରେ ନିଜ ଅନୁଭୂତିକୁ ବାଣ୍ଟି ଆତ୍ମତୃପ୍ତି ଲାଭ କରୁଛନ୍ତି ନିଶ୍ଚୟ ।

ନିଛାଟିଆ ରାସ୍ତାରେ ଦୁର୍ଘଟଣାରେ ପଡ଼ିଥିବା ବ୍ୟକ୍ତି ହେଉ ଅବା ବିରଳ ରକ୍ତ ଖୋଜୁଥିବା ରୋଗୀର ସମସ୍ୟାର ବାର୍ତ୍ତା ଏଇ ଫେସବୁକ ମାଧ୍ୟମରେ କେଇ ସେକେଣ୍ଡ ମଧ୍ୟରେ ସମସ୍ତଙ୍କ ପାଖରେ ପହଞ୍ଚିପାରୁଛି ଏବଂ ସାହାଯ୍ୟ ମଧ୍ୟ ମିଳି ପାରୁଛି ।

ଧାନ ସହିତ ବାଲୁଙ୍ଗା ରହିଲା ଭଳି କିଛି ଅସାମାଜିକ ବ୍ୟକ୍ତିଙ୍କ କିଛି କୁବାର୍ତ୍ତା ଆଉ କୁକର୍ମର ପ୍ରଚାର ପ୍ରସାର ଯୁବପିଢ଼ି କାହିଁକି ସାରା ସମାଜର ସବୁ ସ୍ତରକୁ ପ୍ରଭାବିତ କରି କ୍ଷତି ପହଂଚାଉଛି ନିଶ୍ଚୟ । ଗାଁଠୁ ସହର, ବନ୍ଧୁ ବନ୍ଧୁ ମଧ୍ୟରେ, ପରିବାରର ସଦସ୍ୟଙ୍କ ମଧ୍ୟରେ ଦୂରତା ବଢ଼ିଛି । କେହି କାହା ସହିତ କଥା ହେବ ଅପେକ୍ଷା ମୋବାଇଲରେ ସମୟ ଦେବାକୁ ବେସି ପସନ୍ଦ କରୁଛନ୍ତି ।

ଆଉ ମିଛ ଫଟୋ ଆଉ ମିଛ ତଥ୍ୟଦେଇ ମଧ୍ୟ ଫେସବୁକ ଖୋଲା ଯାଉଛି ଯାହା ଫେକ ଆକାଉଣ୍ଟ ନାମରେ ଚର୍ଚ୍ଚିତ ଏଂବ ଭୟଙ୍କର । ଏହି ଫେକ ଆକାଉଣ୍ଟ ୧୪କୋଟି ୫୦ଲକ୍ଷ ବୋଲି ଏକ ତଥ୍ୟରୁ ଜଣାଯାଏ ।

ନାନୀ ଯାଉଛି ଯାତରା ଦେଖି ମୁଁ ଯିବି ଯାତରା ଦେଖି ନ୍ୟାୟରେ ଅନେକ ସମୟରେ ଅନେକ ବ୍ୟକ୍ତି ଜାଣି ନଥିବା ବିଦ୍ୟାରେ ହାତ ମାରି ଅପଦସ୍ତ ମଧ୍ୟ ହେଉଛନ୍ତି ।

ଅନେକ ସମୟରେ କିଛି ମତପାର୍ଥକ୍ୟକୁ ନେଇ ବାକ ଯୁଦ୍ଧ ଯାହାକି ଏଠାରେ କମେଣ୍ଟ ଯୁଦ୍ଧର ରୂପ ନେବା ସହିତ ଅନେକଙ୍କ ମାନ ମହତ ମାଟିରେ ପକାଉଛି । ତାପରେ ବନ୍ଧୁତାର ନାଟକରେ ପଡୁଛି ଯବନିକା ଅନଫ୍ରେଣ୍ଡ ଆଉ ବ୍ଲକ ମାଧ୍ୟମରେ । ତାପରେ ଚାଲୁଥିବା ପୋଷ୍ଟ ଦୁଇ ସଉତୁଣୀଙ୍କ ଭିତରେ ଚାଲୁଥିବା କଳହଠାରୁ ବି ଆହୁରି ଭୟଙ୍କର ।

ଟୁଇଟର ହ୍ୱାଟ୍ସଆପ ଏମିତି ଯେତେ ସାମାଜିକ ଗଣମାଧ୍ୟମ ରହିଥିଲେ ବି ଫେସବୁକ ଯେ ସର୍ବାଦୌ ଅଗ୍ରଗଣ୍ୟ ଏହା ନିଃସନ୍ଦେହ ।

ଏଇ ବିଂଶ ଶତାବ୍ଦୀର ପରେପରେ ଫେସ୍‌ବୁକ ଯେ ଗୋଟେ ବନ୍ଧୁର ପରିଚୟ ନେଇପାରିଛି ଏଥିରେ ସନ୍ଦେହ ନାହିଁ

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

# ନିର୍ବାଣ

**- ରୋଜାଲିନ୍ ମିଶ୍ର**

ଜଗଦୀଶ ବାବୁ ବିଛଣାରେ ପଡ଼ିପଡ଼ି ଭାବୁଛନ୍ତି କ'ଣ କରାଯାଇପାରେ ଏ ପରିସ୍ଥିତିରେ । କାଲି ଯାଏ ସଂସାରର ମୋହରେ ବାନ୍ଧିହୋଇ ରହିଥିବା ମଣିଷଟାକୁ ଆଜି ଅଣନିଃଶ୍ୱାସୀ ଲାଗୁଛି ଘରଟା ଭିତରେ । ତାଙ୍କୁ ଏ ମୋହରୁ ମୁକ୍ତି ଦରକାର । ମୋକ୍ଷ ଦରକାର ଏ ଜୀବନ ମୃତ୍ୟୁର କାଳଚକ୍ରରୁ ।

ଜଗଦୀଶ ବାବୁ ଜଣେ ଅବସରପ୍ରାପ୍ତ କ୍ଲାସୱ୍ୱାନ ଅଫିସର । ନିଜର ଆଜ୍ଞାଧୀନ ପୁଅବୋହୂ, ଝିଅଜ୍ୱାଇଁ ଆଉ ନାତି ନାତୁଣୀଙ୍କୁ ନେଇ ବହୁତ ଗର୍ବ ତାଙ୍କର । ଦିନେ ଦିନେ ମର୍ଣ୍ଣିଂୱାକରୁ ଫେରିଲାବେଳେ ଜଗଦୀଶ ବାବୁଙ୍କର ତାଙ୍କ ବାଲ୍ୟବନ୍ଧୁଙ୍କ ସହ କଥା କଟାକଟି ଯୁକ୍ତିତର୍କ ହୁଏ ଏଇ ପିଲାମାନଙ୍କୁ ନେଇ । ବାଲ୍ୟବନ୍ଧୁ ଶଙ୍କରବାବୁ ଯେତେବେଳେ କୁହନ୍ତି କ'ଣ ପାଇଁ ତୁ ଆଉ ଏ ସଂସାର ମାୟାରେ ପଡ଼ିଛୁ । ତୋ କର୍ତ୍ତବ୍ୟ ତୁ କରି ସାରିଲୁଣି । ପିଲାମାନେ ତ ପାରି ଗଲେଣି । ନିଜ ସଞ୍ଚିତ ଅର୍ଥରୁ କିଛି କିଛି ଦାନ ଧର୍ମ କର ଏଥର । ଯେଉଁ ଗରିବ ଅସହାୟମାନଙ୍କର ଧନର ଅବାଶ୍ୟକତା ଅଛି ସେମାନଙ୍କୁ ଯଦି ଆମେ କିଛି ମାତ୍ରାରେ ସାହାଯ୍ୟ କରି ପାରିବା ତାହେଲେ ତା ଠାରୁ ପୁଣ୍ୟ ଆଉ କ'ଣ ଅଛି । ସେତେବେଳେ ବିରକ୍ତିରେ ଭରିଉଠେ ଜଗଦୀଶ ବାବୁଙ୍କର ମନଟା ଏ ଶୁଣିଥିବା ଉପଦେଶ ସବୁ ଶୁଣିକି ।

ଦିନେ ହଠାତ ସନ୍ଧ୍ୟାବେଳେ ଦେଖା ହୋଇଗଲେ ଦୁଇ ବନ୍ଧୁ । ଶଙ୍କର ବାବୁ କହିଲେ ମୁଁ ଆସନ୍ତା କାଲି ପୁରୀ ଯାଉଛି ରଥଯାତ୍ରା ଦେଖିବା ପାଇଁ । ଏଥର ତୁ ବି ଚାଲେ ମୋ ସହ । ସେଠି ଆମେ ମିଶିକି ରହିବା କିଛିଦିନ । ମହାପ୍ରଭୁଙ୍କ ରଥରେ ଦର୍ଶନ କରିବା ସହ ସନ୍ଧ୍ୟା ଆଳତି, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ନୀତି ନୀଳାଦ୍ରିବିଜେ ସବୁ ଦେଖିସାରି ଘରକୁ ଫେରିବା । ଜଗଦୀଶ ବାବୁ କହିଲେ ନା, ନା କଣ ଦରକାର ସେ ଗହଳି ଭିତରେ ପଶି ହଇରାଣ ହେବା । ମୋର ଘରେ ଜଗନ୍ନାଥଙ୍କ ମୂର୍ତ୍ତି ଅଛନ୍ତି । ମୁଁ ସବୁଦିନେ ପୂଜା କରୁଛି । ଶଙ୍କର ବାବୁ କହିଲେ ହଁ ଯେ କିନ୍ତୁ କଥାରେ ଅଛି ପରା,

ଦୋଳେ ଚ ଦୋଳ ଗୋବିନ୍ଦମ୍ ଚାପେ ଚ ମଧୁସୂଦନମ୍
ରଥେ ତୁ ବାମନଂ ଦୃଷ୍ଟ୍ୱାପୁନର୍ଜନ୍ମ ନ ବିଦ୍ୟତେ ॥

ରଥରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ । ଆଉ ମୁଁ ତ ଭାବୁଛି ଏଥର ପୁରୀରୁ ଫେରି କାଶୀ ବିଶ୍ୱନାଥ ଦର୍ଶନ ପାଇଁ ଚାଲିଯିବି । ଭାବୁଛି ସେଠି ରହିଯିବି ସବୁଦିନ ପାଇଁ । ମୋର ଏଠି କିଏ ଅଛି ଯେ ବରଂ ସେଠି ଶେଷ ଜୀବନଟା କାଟିଦେବି ।

ଏକଥା ଶୁଣି ତାଚ୍ଛଲ୍ୟ କରି ହସି ଉଠିଲେ ଜଗଦୀଶ ବାବୁ । କହିଲେ ବୁଝିଲୁ ଶଙ୍କର ତୋ ପିଲାମାନେ ତୋତେ ପଚାରୁ ନାହାନ୍ତି ତ ସେଥିପାଇଁ ତୁ ସଂସାର ବିମୁଖ ହୋଇ ତୀର୍ଥସ୍ଥାନ ଧର୍ମ ଆଡ଼କୁ ମନ ବଳଉଛୁ । କିନ୍ତୁ ମୋ ପିଲାମାନେ ସେମିତି ନୁହନ୍ତି । ମୋର ସେମାନଙ୍କ ପ୍ରତି କର୍ତ୍ତବ୍ୟ ସରିନାହିଁ । ମରିବା ଆଗରୁ ସବୁ ସମ୍ପତ୍ତିକୁ ସମାନ ଭାବରେ ପୁଅଝିଅଙ୍କ ଭିତରେ ବାଣ୍ଟିଦେବି । ଯେମିତି ମୋ ଅନ୍ତେ ସେମାନେ ହଇରାଣ ନ ହୁଅନ୍ତି କି, ସେମାନଙ୍କ ଭିତରେ କଳି ତକରାଳ ନଲାଗେ । ତା ଛଡ଼ା ମୋ ସ୍ତ୍ରୀ ଥିଲାବେଳେ ମୁଁ ସସ୍ତ୍ରୀକ ଚାରିଧାମ ଭ୍ରମଣ କରି ସାରିଛି । ତୁ ଯାଆ ମୋର କୁଆଡ଼େ ଯିବାର ନାହିଁ । ମୁହଁ ଶୁଖାଇ ଚାଲିଗଲେ ଶଙ୍କର ବାବୁ ।

ବାଲ୍ୟବନ୍ଧୁଙ୍କ ସହ କଥୋପକଥନର କିଛିଦିନପରେ ହଠାତ ଅସୁସ୍ଥ ହୋଇପଡ଼ିଲେ ଜଗଦୀଶ ବାବୁ । ଡାକ୍ତର କହିଲେ ଏଇଟା ଫାଷ୍ଟ ଷ୍ଟ୍ରୋକ । ହାଇବିପି ସହ ହାଇ ସୁଗାର ଲେବଲ ତେଣୁ ନର୍ମାଲକୁ ଆସିବା ପାଇଁ କିଛି ଦିନ ଚିକିତ୍ସା ସହ ବେଡରେଷ୍ଟ ଦରକାର । ଖବର ପାଇଁ ଝିଅଜ୍ୱାଇଁ ଆସି ପହଞ୍ଚିଗଲେ । ପୁଅବୋହୂ ଝିଅଜ୍ୱାଇଁ ଦିନରାତି ଏକାକାର କରି ଲାଗିପଡ଼ିଲେ ଜଗଦୀଶ ବାବୁଙ୍କ ସେବାରେ । ଗାଧୋଇଦେବା, ପିନ୍ଧାଇଦେବା ଠାରୁ ଆରମ୍ଭ କରି ଝାଡ଼ା ପରିସ୍ରା ଯାଏ ସବୁ କାମ କରି ଯାଉଥାନ୍ତି ପିଲାମାନେ ବିନା କୌଣସି ବିରକ୍ତିରେ । ଗର୍ବରେ ଫାଟି ପଡୁଛନ୍ତି ଜଗଦୀଶ ବାବୁ ନିଜର ଯୋଗ୍ୟ ସନ୍ତାନମାନଙ୍କୁ ନେଇ । ଗର୍ବ ଆସୁଥାଏ ତାଙ୍କର ନିଜ ପିଲାମାନଙ୍କୁ ଦେଇଥିବା ସଂସ୍କାର ଉପରେ । ତା ସହ ଦୟା ଆସୁଥାଏ ନିଜ ବାଲ୍ୟବନ୍ଧୁ ଶଙ୍କର ଉପରେ । ବିଚରା ପିଲାମାନଙ୍କର ହତାଦର ସହି ନପାରି ଦାନଧର୍ମ ତୀର୍ଥ ପ୍ରବଚନରେ ଦିନ କଟାଉଛି । କିନ୍ତୁ ମୋ ପିଲାମାନେ କେତେ ଭିନ୍ନ ।

ରାତି କେତେହେବ କେଜାଣି, ନିଦ ଭାଙ୍ଗିଗଲା ଜଗଦୀଶ ବାବୁଙ୍କର । ଶୋଷରେ ତଣ୍ଟି ଅଠା ଅଠା ହୋଇଯାଉଛି । ଉଠି ବସିଲେ ବିଛଣାରେ ଦେଖିଲେ ପାଖରେ କେହି ନାହାନ୍ତି । ପାଖରେ ଆଉ ଗୋଟିଏ ଖଟ ପକେଇ ପାଳି କରି ଶୋଉଥିଲେ ପିଲାମାନେ । ଆଜି କୁଆଡ଼େ ଗଲେ ସବୁ । ପାଖରେ ପାଣି ବି ରଖିବା ପାଇଁ ଭୁଲି ଯାଇଛନ୍ତି ବୋଧେ । ପୁଅକୁ ଡାକିବି କି ? ନା ନା ଥାଉ ମୋ ପିଲାମାନେ ବହୁତ ହଇରାଣ ହେଲେଣି ମୋ ପାଇଁ । ଏ କିଛିଦିନ ଭିତରେ ଘାଣ୍ଟି ହୋଇଗଲେଣି ସେମାନେ ମୋ ସେବା କରି କରି । ଶୋଇ ବି ପାରୁ ନାହାନ୍ତି ଟିକେ ଛୁଆ ଗୁଡ଼ାକ । ବରଂ ମୁଁ ନିଜେ ଯାଇ ରୋଷେଇଘରୁ ପାଣି ବୋତଲଟିଏ ନେଇ ଆସିଲେ ଭଲ ହବ । ଶୋଇଥାନ୍ତୁ ସେମାନେ ।

ଧୀରେ ଧୀରେ ଉଠି ରୋଷେଇଘର ଆଡ଼କୁ ଗଲେ ଜଗଦୀଶ ବାବୁ । ହଠାତ ବୋହୂର ପାଟି ଶୁଣି ଅଟକି ଗଲେ ସେ । ବୋହୂ କହୁଛି, ତୁମେ ତୁମ ଭାଗ ସିନା ତୁମ ମା ବଞ୍ଚିଥିଲା ବେଳେ ନେଇ ସାରିଛ । ଆଉ ବାକି ଯାହା ଅଛି ସବୁ ବାପା ରଖିଛନ୍ତି । ବାପା ମଲାପରେ ସବୁ ମୋର ।

ପାଣିବୋତଲ କଥା ଭୁଲିଗଲେ ଜଗଦୀଶ ବାବୁ । ଧୀରେ ଧୀରେ ଯାଇ କାନ ଡେରିଲେ । ରୋଷେଇଘର ପାଖ ପୁଅର ବେଡ଼ରୁମରେ ଲାଇଟ ଜଳୁଛି ଆଉ ମିଟିଙ୍ଗ ଚାଲିଛି । ଝିଅ କହୁଛି ତୁ ତ ବାପାଙ୍କର ସବୁ ଫିକ୍ସଡ଼ ଡିପୋଜିଟରେ ନୋମିନି ଅଛୁ । ବାପା ମଲାପରେ ସବୁ ପଇସା ତ ତୋର । ମୋ ନାଁରେ ସେ ଘରଟା କରିବାରେ ତୋର ଅସୁବିଧା କୋଉଠି । ପୁଣି ପାଟି ଶୁଭିଲା ବୋହୂର । ତୁମ ବାପା ତ ଖାଲି ରାତି ପାହିଲେ ମରି ଯାଉଛନ୍ତି ଆଉ ଆମେ ପଇସା ଗୁଡ଼ାକ ନେଇ ଯାଉଛୁ ।ତା ଛଡ଼ା ବାପା ମଲେ ଶୁଦ୍ଧିକ୍ରିୟାରେ ପଇସା ଖର୍ଚ୍ଚ ହେବନି କି ? କିଏ କରିବ ସବୁ ? ଆହୁରି ପୁଣି ବାପା କହିଛନ୍ତି ସେ ମଲାପରେ ଗାଁରେ ଯେଉଁ ଜମି ଖଣ୍ଡକ ଅଛି ସେଠି ତାଙ୍କ ନାଁରେ ସ୍କୁଲଟିଏ ଖୋଲିବା ପାଇଁ । କ'ଣ ମାଗଣାରେ ସ୍କୁଲ ଖୋଲାଯିବ । କୋଉଠୁ ଆସିବ ପଇସା । ପୁଅ କହୁଛି ସ୍କୁଲ ନା ଆଉ କିଛି । ମୁଁ ଖାଲି ବାପାଙ୍କ ମନ ରଖିବା ପାଇଁ ହଁ ମାରିଦେଇଛି ନା । ବାପା ମଲାପରେ ସେ ଜାଗା ସାଂଗେ ସାଂଗେ ବିକ୍ରି ହେବ ମୁଁ କଥା ହେଇସାରିଛି । ସେ ପଇସାରେ ବାପାଙ୍କ ସୁଦ୍ଧିକ୍ରିୟା ହେବ ।

ଜ୍ୱାଇଁ କହିଲେ ଯାହା କରୁଛ କର । ଟିକେ ଜଲଦି ଫାଇନାଲ କର । ଆମେ କେତେଦିନ ଏଠି ପଡ଼ିକି ରହିବୁ । ଝିଅ ପାଳି ଧରିଲା ଜ୍ୱାଇଁଙ୍କ ସଂଗରେ । ଆମର କିଛି କାମଧନ୍ଦା ନାହିଁ ତ ଏଠି ପଡ଼ି ରହିବୁ ବାପାଙ୍କ ସେବା କରିବା ପାଇଁ ।

ଚିହିଁକି ଉଠିଲା ବୋହୂ । କାଇଁ ମୁଁ କ'ଣ ଠିକା ନେଇଛି ସେବା କରିବି ବୋଲି । ମୋତେ ବେଶୀ ଭାଗ ଦେଇଦେବ କି ? ତୁମେ ଗଲାପରେ ଗୋଟେ ଲୋକ ରଖାହେବ ଏ କାମପାଇଁ ବାପାଙ୍କ ପେନସନ ପଇସାରେ । ତୁମ ବାପା ମରିବେନି ସହଜରେ । ଆହୁରି ଘାଣ୍ଟିବେ ଆମକୁ । ତାଙ୍କର ତ ଲୋଭ ଛାଡୁନି ସେ...

କାନରେ ହାତ ଦେଇଦେଲେ ଜଗଦୀଶ ବାବୁ । ଆଉ ଶୁଣି ପାରିଲେନି ବେଶୀକିଛି । ଦେହରୁ ଝାଳ ପରସ୍ତେ ବୋହିଗଲାଣି । ସେକେଣ୍ଡ ଷ୍ଟ୍ରୋକଟା ହେଇ ଯିବକି ଆଉ । ପାଣିବୋତଲଟିଏ ଆଣି ଚୁପ କରି ଆସି ଶୋଇପଡ଼ିଲେ ଖଟରେ ।

ମନକୁ ଯେତେ ନିୟନ୍ତ୍ରଣ କଲେ ବି ଆଖିରେ ଜକେଇ ଆସୁଛି ଲୁହ । ଏବେ ସେ କରିବେ କ'ଣ ?? ଏ ଯାଏ ସେ ଯାହା କରିଛନ୍ତି ସବୁ ପିଲାମାନଙ୍କ ପାଇଁ । ନିଜ ପେଟରୁ କାଟି ପିଲାମାନଙ୍କୁ ସୁରକ୍ଷିତ ଭବିଷ୍ୟତ ପାଇଁ ସଞ୍ଚୟ କରିଛନ୍ତି । ନିଜ ଖର୍ଚ୍ଚରୁ କାଟି ଜାଗାବାଡ଼ି, ଘରଦ୍ୱାର ଆଉ ବ୍ୟାଙ୍କ ବାଲାନ୍ସର ପରିମାଣ ବଢ଼େଇଛନ୍ତି ଖାଲି ଏଇ ପିଲାମାନଙ୍କ ପାଇଁ । କିନ୍ତୁ ଆଜି ସେ ଅନୁଭବ କରୁଛନ୍ତି ଯେ ଆଜି ଯାଏ ସେ କର୍ତ୍ତବ୍ୟ ନାଁରେ ଖାଲି ତେଲିଆ ମୁଣ୍ଡରେ ତେଲ ଢ଼ାଳି ଆସୁଥିଲେ ଯାହା । ବାପା ହିସାବରେ ଖାଲି ମୋର କର୍ତ୍ତବ୍ୟ ଅଛି ଆଉ ମୋର ଉତ୍ତରଦାୟାଦ ହିସାବରେ ଏମାନଙ୍କର ମୋ ପ୍ରତି କିଛି ବି କର୍ତ୍ତବ୍ୟ ନାହିଁ ?

କିଛିଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥହୋଇଗଲେ ଜଗଦୀଶ ବାବୁ । ଶଙ୍କର ବାବୁଙ୍କ ସହ କଥା ହୋଇ ପୁରୀ ଯିବା ପାଇଁ ଆଉ କାଶୀ ବିଶ୍ୱନାଥ ଦର୍ଶନ ପାଇଁ ବ୍ୟବସ୍ଥା କରିଦେଲେ । ଦଶଦିନରେ ଫେରି ଆସିବି ବୋଲି ପିଲାମାନଙ୍କୁ ପ୍ରତିଶ୍ରୁତି ଦେଇ ନିର୍ଦ୍ଧାରିତ ଦିନରେ ବାହାରିପଡ଼ିଲେ ଦୁଇବନ୍ଧୁ ।


ବାଟରେ ସବୁ କଥା କୋହଭରା କଣ୍ଠରେ କହିଲେ ଜଗଦୀଶ ବାବୁ ନିଜ ବନ୍ଧୁଙ୍କ ଆଗରେ । କିଛିଦିନ ପରେ ପୁଅ ଫୋନ କରି ପଚାରିଲା, ବାପା ଆଉ କେତେଦିନ ରହିବ ସେଠି । କେବେ ଫେରିବ ତୁମେ ।

ଜଗଦୀଶ ବାବୁ କହିଲେ, ମୁଁ ଆଉ ଫେରିବିନି ତୁମମାନଙ୍କ ସଂସାରକୁ । ସେଦିନ ରାତିରେ ତୁମମାନଙ୍କର ସବୁ କଥାବାର୍ତ୍ତା ମୁଁ ଶୁଣିଛି । ଏ ସଂସାର ଯେ ଏତେ ଦୁଃଖମୟ ଏତେ ଛଳନାମୟ ବହୁତ ଡେରିରେ ବୁଝିଲି ମୁଁ । ମୁଁ ମୋର ସବୁ ସମ୍ପର୍ତ୍ତି ଦାନ କରି ସାରିଛି । ଗାଁରେ ଥିବା ଜମିକୁ ଗ୍ରାମ୍ୟ

ଉନ୍ନୟନ ସଂସ୍ଥାକୁ ଦେଇ ଦେଇଛି ସ୍କୁଲଟିଏ ଖୋଲିବା ପାଇଁ । କଟକ ଘର ଦେଇ ଦେଇଛି ଗୋଟେ ଜରାଶ୍ରମକୁ ଦାନ ସୂତ୍ରରେ । ମୁଁ ବଞ୍ଚିଥିବା ଯାଏ ଏଠି ଗୋଟେ ଅନାଥାଶ୍ରମରେ ମାଗଣାରେ ଛୁଆଙ୍କୁ ପାଠ ପଢ଼େଇବା ପାଇଁ କଥାବାର୍ତ୍ତା କରି ସାରିଛି । ମୋ ଅନ୍ତେ ମୋର ସବୁ ବ୍ୟାଙ୍କ ବାଲାନନ୍ସ ଆଉ ଲକରରେ ଥିବା ସମସ୍ତ ସୁନା ସେହି ଅନାଥାାଶ୍ରମର ଟ୍ରଷ୍ଟକୁ ଚାଲିଯିବ । ତୁମମାନଙ୍କୁ ଜନ୍ମ କରିଛି ଯେତେବେଳେ ଏତେ ନିଷ୍ଠୁର ମୁଁ ହୋଇପାରିଲିନି । ତୁମମାନଙ୍କୁ ରାସ୍ତାକଡ଼ରେ ଠିଆ କରିଦେବା ପାଇଁ ମୋ ବିବେକ ବାଧା ଦେଲା ମୋତେ । ସେଥିପାଇଁ ଏବେ ରହୁଥିବା ଘରଟି ତୁମ ଭାଇ ଭଉଣୀଙ୍କ ନାଁରେ ଅଛି । ତୁମର ଯାହା ଇଚ୍ଛା କରିପାର ।

କୌଣସି ପ୍ରତ୍ୟୁତ୍ତରର ଆଶା ନରଖି ଫୋନ ରଖିଦେଲେ ଜଗଦୀଶ ବାବୁ । ବହୁତ ହାଲକା ଅନୁଭବ କରୁଥିଲେ ସିଏ ନିଜ ଭିତରେ ନିଜକୁ । ଲାଗୁଥିଲା ଏତେ ଦିନ ଭିତରେ ସେ କିଛି ପୁଣ୍ୟକାମ କରି ପାରିଛନ୍ତି । ତାଙ୍କର ସ୍ୱ ଅର୍ଜିତ ସମ୍ପତ୍ତିକୁ ସେ ସତମାର୍ଗ ଆଉ ସତପାତ୍ରରେ ବିନିଯୋଗ କରି ପାରିଛନ୍ତି । ବଞ୍ଚିଥିବା ଅବସ୍ଥାରେ ଏ ସଂସାରରେ ମୋହମାୟାକୁ ଛିନ୍ନ କରି ନିର୍ବାଣର ପଥରେ ପାଦ ଦେଇ ସାରିଛନ୍ତି । ମନେ ପଡୁଥିଲା ତାଙ୍କର ବୁଦ୍ଧଦେବଙ୍କ ବାଣୀ – ଏ ସଂସାର ଦୁଃଖମୟ ଦୁଃଖର କାରଣ ହେଉଛି କାମନା । କାମନାର ବିନାଶରେ ଦୁଃଖର ବିନାଶ ଆଉ ନିର୍ବାଣ ପ୍ରାପ୍ତି ।

*ଭି ଏସ ଏସ ନଗର ।*

# ଗାଁ ଦଶହରା

- ରଞ୍ଜନ କୁମାର ବ୍ରହ୍ମା

ସଂସ୍କୃତି ସମ୍ପନ୍ନ ଆମ ଦେଶ ଭାରତ । ଏହି ଦେଶର ପ୍ରତିଟି ଗାଁରେ ନିଜସ୍ୱ ସାହିତ୍ୟ ଓ ଐତିହ୍ୟ ଭରି ରହିଛି । ଅନୁସନ୍ଧାନ କଲେ କଳା ଖଜୁରା ପଣସ ଦେହରୁ ସ୍ୱାଦିଷ୍ଟ ଖୋଷାପରି ପଦାକୁ ଆସିଥାଏ ଏହାର ଲୋକ ସଂସ୍କୃତି, ଲୋକନୃତ୍ୟ, ଲୋକ କଥା ପ୍ରଭୃତି । ଏପରି ଏକ ଗ୍ରାମୀଣ ସଂସ୍କୃତି ପରମ୍ପରା କୋଉ କାଳରୁ ଚଳି ଆସୁଅଛି ଆମ ଅଞ୍ଚଳର ଟିକି ଗାଁରେ । ଯାହା ଆମ ପାଇଁ, ଆମ ନୂଆ ଯୁବପିଢ଼ି ପାଇଁ ସମ୍ପୂର୍ଣ୍ଣ ନୂଆ । ଏକତ୍ର ବାସ କରିବା, ଶାନ୍ତି ଓ ଖୁସିରେ ବଞ୍ଚିବା ନିଜସ୍ୱ ଶୈଳୀରେ ଜୀବନ ଜିଇଁବା, ପରମ୍ପରାକୁ ସମ୍ମାନଦେବା, ସଂହତିକୁ ସଂଗରେ ନେଇଆଗକୁ ବଢ଼ିବା, ପରିଶ୍ରମ ଜୀବନରୁ କିଛିଟା ସମୟ ବାହାର କରି ସହଦୋରଙ୍କୁ ନେଇ ଆତ୍ମହରାହେବା, ଏପରି ଅନେକ ବାର୍ତ୍ତା ପ୍ରଦାନ କରି ଚିକିଟୀ ଅନ୍ତର୍ଗତ ଡାଳ ପଲଙ୍କ ଗ୍ରାମର ଗ୍ରାମବାସୀ ପାଳନ କରନ୍ତି ଗାଁ ଦଶହରା ।

ଡାଳପଲଙ୍କ ଗୋଟିଏ ଛୋଟିଆ ଗାଁ । ଏହାର ଅଧିକାଂଶ ଲୋକ ଜାତିରେ ଗୋଲା । ଗାଁରେ ପ୍ରାୟ ଆଠଶହରୁ ଅଧିକା ଲୋକ ବାସ କରନ୍ତି । ଗାଁରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ପୋଖରୀ, ଗ୍ରାମଦେବତୀଙ୍କ ପୀଠ, ଶିବ ଦେଉଳ, ମକର ଚାଂଚଡ଼ା ପ୍ରଭୃତି ରହିଛି । ଗାଁର ଅନତି ଦୂରରେ ଛୋଟିଆ ପାହାଡ଼ । ତା'ରି ଉପରେ ମାଁ ସଙ୍କଟ ତାରିଣୀ ବିଜେ କରିଛନ୍ତି । ଗାଁଟି ସବୁଜ ଶ୍ୟାମଳ ଶସ୍ୟକ୍ଷେତ୍ର ଘେରରେ ରହିଥିଲେ ମଧ୍ୟ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଗେ ଗମନା ଗମନର ସୁବିଧା ରହିଛି । ଗାଁରେ ଖୁବ୍ ଅଳ୍ପ ଲୋକ ଚାକିରିଆ । ଅଧିକାଂଶ ଲୋକେ ଚାଷବାସ ଛେଳି ମେଣ୍ଢା ଗାଈ ପରି କେତକ ପଶୁ ପାଳନ ଏବଂ ଦିନ ମଜୁରୀ ଲାଗିବା ସହ ବାହାର ରାଜ୍ୟକୁ ଯାଇ କାମ କରି ଚଳନ୍ତି । ଗାଁରେ ଗୋଲା ନାଚର ପୁଞ୍ଜା ରହିଛି । ବାହାରକୁ ଯାଇ ନାଚ ଖେଳି ଅନେକ ପ୍ରଶଂସା ଧରି ଫେରିବା ନଜିର ରହିଛି । ନାଚରେ ବାପା, ବଡ଼ଭାଇ ମାନଙ୍କୁ ଗାଁର ଛୋଟ ପିଲାଏ ଅନୁକରଣ ଏବଂ ଅନୁସରଣ କରୁଥିବାର ଦେଖିବାକୁ ମିଳୁଛି । ଏଠାରେ ଅଳ୍ପ ନାଇକ ପରିବାର ରହନ୍ତି । ସେମାନଙ୍କ ଘରେ କୋଠି ଶାଳ ରହିଛି । ସେଠାରେ ମାଁ ମଙ୍ଗଳାଙ୍କୁ ପୂଜା କରନ୍ତି । ସେମାନଙ୍କ କିଛି ପିଲା ଓଷାକୋଠି ନାଚ ବି ଜାଣନ୍ତି । ଏପରି ଗୋଟିଏ ଛୋଟିଆ ଗାଁର ନାମ ତାର କାହାଣୀ ଏଯାବତ କୌଣସି ଭୂଗୋଳ ପୋଥିପତରରେ ନଥିଲେ ମଧ୍ୟ ଏଇନେ ତା ନିଜସ୍ୱ ଐତିହ୍ୟ ସଂସ୍କୃତିକୁ ନେଇ ଏହି ପୋଥିର ପୃଷ୍ଠା ମଣ୍ଡନ କରିବାକୁ ଯାଉଛି।

ଶରତ ଋତୁର ଆଶ୍ୱିନ ମାସ ଖୁବ ସୁନ୍ଦର । ପ୍ରତି ପରିବାରରେ ଖୁସି । ବିଶ୍ୱାସ, ପିତୃଲୋକ ସ୍ୱର୍ଗୀଲୋକରୁ ଅବତରି ଆମ ସହ ଏକତ୍ର ବାସ କରିଥାନ୍ତି । ଆମ ଘର ପୂରିଲା ପୂରିଲା ପରି ମନେହୁଏ । ସେପରି ଗାଁ ଚାରିପାଖର ଶସ୍ୟକ୍ଷେତ୍ର ସବୁଜ ଶ୍ୟାମଳ ରଙ୍ଗରେ ପୁଣି ଧାନ ଗଛ ଯୁବକ ସୁଲଭ ଠାଣିରେ କୁରୁଳି ଉଠନ୍ତି । ପବନର ତାଳେ ତାଳେ ବଗ ଓ ଗେଣ୍ଡାଳିଆଙ୍କ ଖେଳ କାଶତଣ୍ଡିର ମତୁଆଲା ବେଶ୍ ମନଛୁଆଁ । ଏ ପରିପ୍ରେକ୍ଷିରେ ଗାଁଲୋକେ ଏକତ୍ର ଦଶହରା ପାଳନ କରନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ବଞ୍ଚିବାର ବନ୍ଧ୍ୟାମିଶା ପରି କୃଷି ଭିତ୍ତିକ କାର୍ଯ୍ୟ ସଠିକ ଭାବେ ସମ୍ପାଦନା ହେବା ପଛରେ ଗ୍ରାମଦେବୀଙ୍କ ଆଶିଷ ରହିଛି । ଏଣୁ ପ୍ରତିଟି କାର୍ଯ୍ୟ ଆରମ୍ଭରେ ଏବଂ ଶେଷରେ ଗ୍ରାମ ଦେବତୀଙ୍କୁ ପୂଜି ସନ୍ତୁଷ୍ଟ କରିବାର ନିଆରା ପରମ୍ପରା ଡାଳ ପଲଙ୍କ ଗ୍ରାମରେ ଦେଖିବାକୁ ମିଳୁଛି । ଏହି ସମୟରେ ଗାଁ ଠୁଁ ଯେତେ ଦୂରରେ ଥିଲେ ମଧ୍ୟ ଏହାର ଅଧିବାସୀ ଟାଣି ହୋଇ ଆସନ୍ତି ଗାଁ ଦଶହରା ଏକତ୍ର ପାଳନ କରିବାକୁ ।

ଆଶ୍ୱିନ ଅମାବାସ୍ୟା ପରେ ତା ୦୧.୦୩.୦୭ କିମ୍ବା ୦୯ ରିଖରେ ଯେଉଁ ରବିବାର ପଡ଼େ ସେହି ଦିନ ଗାଁ ଦଶହରା ପାଳନ କରାଯିବା ଚୂଡ଼ାନ୍ତ ହୁଏ ଗାଁ କୋଠରେ । ଯଦି ଦୈବାତ୍ ଏହି ସବୁ ତାରିଖରେ ରବିବାର ନଆସେ ତେବେ ପଡୁଥିବା ମଙ୍ଗଳବାରରେ ପାଳନ କରିବାକୁ ଦିବସ ଓ ଲଗ୍ନ ଧାର୍ଯ୍ୟ ହୁଏ । ଏଥି ପାଇଁ କୌଣସି ବ୍ରାହ୍ମଣ ବା ପୁରୋହିତଙ୍କ ସହାୟତା ଆବଶ୍ୟକ ପଡ଼େ ନାହିଁ । ଗାଁ ପରିବେଶକୁ ନିଜକୁ ସଫାସୁତୁରା ରଖି ନବ ବସ୍ତ୍ର ପରିଧାନ କରି ଏକତ୍ର ସମାବେଶ ସକାଶେ ସ୍ଥିର ହୁଏ ।

ଏହାକୁ ପାଳନ କରିବା ନିମନ୍ତେ ପ୍ରତି ପରିବାରରୁ ଚାନ୍ଦା ଆଦାୟ କରାଯାଏ । ଆବଶ୍ୟକ ପଡ଼ିଲେ ଗାଁ କୋଠରୁ କିଛି ମିଶାଯାଏ । ଗାଁକୋଠର ସମସ୍ତ ସଦସ୍ୟ ମା ଗ୍ରାମଦେବତୀଙ୍କ ପାଇଁ ତାଙ୍କର ପ୍ରିୟ ମୁଖବାଣୀ ବାଇଦ, ବୋଦା

ପାଇଁ ଛେଳି, ପୂଜା ସଜ ,ବଂ କୀର୍ତ୍ତନ ପ୍ରଭୃତି ବ୍ୟବସ୍ଥା କରନ୍ତି । ଉକ୍ତ ଦିନ ସନ୍ଧ୍ୟାରେ ପ୍ରତି ପରିବାର ପାଞ୍ଚଟି ଲେଖାଏଁ ମାଟି ଦୀପାଳି ସହ ପୂଜା ଚାଂଗୁଡ଼ି ଧରି ବାଜା ବାଜଣା ସହିତ ଗ୍ରାମ ଦେବତୀଙ୍କ ନିକଟକୁ ବାହାରି ପଡ଼ନ୍ତି । ରାସ୍ତାରେ ଗ୍ରାମର ପୂର୍ବ ଭାଗରେ ବିଜେ ଥିବା କାଳୀମୁଖୀ ନିକଟରେ ଦୁଇଟି ଦୀପ ଜଳାଇ ଫୁଲ ଧୂପ ଏବଂ ଭୋଗ ସମର୍ପଣ କରନ୍ତି । ଆଉ ତିନୋଟି ଦୀପାଳି ଭୋଗସଜ ନେଇ ଏକତ୍ରିତ ହୁଅନ୍ତି ଗ୍ରାମ ଦେବତୀଙ୍କ ପୀଠରେ । ପୀଠରେ ପୂଜାରୀ ପୂର୍ବ ସୂଚନା ପ୍ରକାରେ ଉପସ୍ଥିତି ରୁହନ୍ତି । ଗାଁଲୋକଙ୍କ ମନକଥାକୁ ମାଙ୍କୁ ଜଣାନ୍ତି । ଦୀପ ଧୂପ ଫୁଲର ହାର ଓ ସିନ୍ଦୂର ମା ଙ୍କୁ ଚଢ଼ାନ୍ତି । ସେ ସଭିଙ୍କ ନିମନ୍ତେ ଖୁସି, ଏକତା, ଶସ୍ୟକ୍ଷେତ୍ରର ସୁରକ୍ଷା, ଭଲ ଫସଲ, ଗୃହପାଳିତ ପଶୁଙ୍କ ସୁରକ୍ଷା ଯୁବକ ଯୁବତୀଙ୍କ ପାଇଁ ଭଲ ଘର ଓ ବର ସୁନ୍ଦର ସ୍ୱାସ୍ଥ୍ୟ ପ୍ରଭୃତି କାମନା କରନ୍ତି । ପୂଜା ଶେଷରେ ବଳି ପ୍ରଥା । ସମସ୍ତ ଗ୍ରାମବାସୀ ମାଙ୍କ ନିକଟରେ ନତ ମସ୍ତକ ହୋଇ ସୁନ୍ଦର ଜୀବନ କାମନା କରନ୍ତି । ସେଠୁ ନିଜନିଜ ଘରକୁ ଫେରନ୍ତି ।

ତା ଠିକ୍ ପରଦିନ ସୁନ୍ଦୂରା ଫାଟିଲା ବେଳକୁ ବୋଦା ପଡ଼ିଥିବା ମାଂସ ଭାଗ ହୋଇ ପ୍ରତି ଘରକୁ ସୁଷମ ବଣ୍ଟନ ହୁଏ । ସେହି ଦିନ ଘରେ ପିଠାପଣା ସାଙ୍ଗକୁ ମାଂସ ତରକାରୀ । ନିଜନିଜର ପରିବାର ସଦସ୍ୟ ସହ ପ୍ରିୟ ପରିଜନଙ୍କୁ ନେଇ ଧୁମ୍ ଖିଆପିଆ ହୁଏ । ସାରାଦିନ ହସ ଖୁସିରେ ବିତେ ।

ଏହା ଗୋଟିଏ ସୁନ୍ଦର କୃଷି ଭିତ୍ତିକ ପର୍ବ । ସୁନ୍ଦର ସବୁଜ ଯୁବାଶସ୍ୟ କ୍ଷେତର ଯତ୍ନ ନେବା ପାଇଁ ମାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରନ୍ତି ଗ୍ରାମବାସୀ । ଏଯାବତ ଏହାକୁ ଆଧୁନିକ ସାମାଜିକ ଆଡ଼ମ୍ବର ଆଦୌ ପ୍ରଭାବିତ କରିପାରିନାହିଁ । ଖୁବ ଶୃଙ୍ଖଳାର ସହିତ ସଭିଏଁ ଏକତ୍ର ଏହାକୁ ପାଳନ କରିଥାନ୍ତି । ଆଜିର ସମୟରେ ପାଳନ ହେଉଥିବା ଦଶହରା କୋଉଁ ଜବରଦସ୍ତ ଆଦାୟ କରାଯାଉଥିବା ଚାନ୍ଦା, ଚୋରା ବିଦ୍ୟୁତରେ ଆଖି ଝଲସି ଯାଉଥିବା ଆଲୋକ ମାଳା, କାନ ଫାଟି ପଡୁଥିବା ଛାତି ଥରି ଯାଉଥିବା ଶବ୍ଦ ଯନ୍ତ୍ରର ଧ୍ୱନି, ଆତଶବାଜି ସାଙ୍ଗକୁ ଡିଜେର ତାଳେ ତାଳେ ମତୁଆଲାଙ୍କ ନାଚ ମୁଖ୍ୟ ରାସ୍ତାକୁ ଅବରୋଧ କରି ଗଢ଼ି ଉଠିଥିବା ସୁ ଉଚ୍ଚ ତୋରଣ, ଦୀର୍ଘ ଦିନଧରି ପାଳନ ହେଉଥିବା ଆମ ଦଶହରା ଯେଉଁ ମହତ ସାମାଜିକ ଉଦ୍ଦେଶ୍ୟକୁ ସାଧନ କରିପାରେନାହିଁ, ତା ଠାରୁ ଏହି ଗାଁଦଶହରା ଉର୍ଦ୍ଧ୍ୱରେ ଥିବା ମନେ ହୁଏ କାହିଁକି । ସାରା ଅଞ୍ଚଳ ଆଲୋକ ମାଳାରେ ସଜେଇ ହୋଇ ପୂଜା ମଣ୍ଡପର ତୋରଣ ଗୁଡ଼ିକ ମୁଣ୍ଡ ଟେକିଲା ବେଳକୁ ଏମାନଙ୍କ ଦଶହରା ସରି ଯାଇଥାଏ । ଏହାତ ଏହାର ବୈଶିଷ୍ଟ୍ୟ ।

ଶିକ୍ଷକ,ଚିକିଟା ଗଡ




# ବୋଉର ନିରବତା

- ନିବେଦିତା ମହାପାତ୍ର

ଓଃ ! ରବିବାରରେ ବି ଶାନ୍ତିରେ ଶୋଇବାକୁ ଦେବେନି । ସବୁବେଳେ ପାଟି ଆଉ ଅଶାନ୍ତି । ଏମିତି ବିରକ୍ତି ମିଶା ମନରେ ଉଠି ଘଣ୍ଟାକୁ ଚାହିଁଲି । ସମୟ ସକାଳ ୮ଟା । ଏଇଟା କିଛି ନୂଆ କଥା ନୁହେଁ ମୋ ପାଇଁ । ଏମିତି ବି ସବୁଦିନେ ମୋର ଉଠିବା ବେଳକୁ ୭ଟାବାଜିଯାଏ ଆଉ ଛୁଟି ଦିନରେ ତ ୮ଟା ପରେ ହେଇଯାଏ । ଅଳସ ମନ ଆଉ ଦେହରେ ଖଟରେ କିଛି ସମୟ ବସି ରହିଲି । ବେଳକୁ ବେଳ ପାଟି ବଢୁଥାଏ । ହଠାତ୍ ମୋ ନିଦୁଆ ଆଖିର ନିଦ କୁଆଡ଼େ ଉଭେଇଗଲା । ବାହାରେ ଶୁଭୁଥିବା ପାଟି ଶବ୍ଦଟି ଚିହ୍ନାଚିହ୍ନା ଲାଗିଲା । ତରତର ହୋଇ ଉଠିଗଲି ବାଲକୋନି ପାଖକୁ । ତଳ କରିଡରରେ ଯାହା ଦେଖିଲି ମୋ ଆଖିକୁ ବିଶ୍ୱାସ କରି ପାରିଲିନି । ବୋଉ ଭାରି ଜୋରରେ ସନକାକାଙ୍କୁ କୌଣସି କଥା ପାଇଁ ଗାଳି ଦେଇ ଚାଲିଥିଲା । ଆଶ୍ଚର୍ଯ୍ୟ ଲାଗିଲା କାରଣ ଦୀର୍ଘ ୬ବର୍ଷ ପରେ ଆଜି ମୁଁ ବୋଉକୁ କଥା କହିବାର ଦେଖିଲି । ବାପା ଚାଲିଯିବା ପରେ ସେ ଯେମିତି ମୂକ ପାଲଟି ଯାଇଥିଲା । କେବେ ବି କାହାକୁ କିଛି କୁହେନି । କିନ୍ତୁ ଆଜି ....

ବୋଉ ଅନ୍ୟଉପରେ ବିନା କାରଣରେ କେବେ ରାଗିବା ମୁଁ ଦେଖିନି । କିନ୍ତୁ ବାପା ଆଉ ଆମ ଉପରେ ସେ ବାର ବାର ରାଗେ । କେବେ ବାପାଙ୍କ ଗାଳି ମାଡ଼ରୁ ଆମ ଭାଇଭଉଣୀଙ୍କୁ ରକ୍ଷା କରିବାକୁ ବାପାଙ୍କୁ ପାଟି କରେ ତ କେବେ ପୁଣି କୌଣସି ଜିନିଷ ପାଇଁ ଆମ ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ଲାଗିଲେ ସମସ୍ତଙ୍କୁ ଦୁଇଚାରି ବିଧା ଦେଇ ଗାଳି କରୁଥାଏ । ବେଳେବେଳେ ବିରକ୍ତ ଲାଗିଲେ ବି ଭାରି ଭଲ ଲାଗେ ବୋଉର ଗାଳି । ବଡ଼ ହେବା ପରେ ସମୟ ସହ ସବୁ ଧୀରେଧୀରେ ବଦଳୁଥିଲା । କିନ୍ତୁ ବୋଉର ଚିଲେଇ ଗାଳି ଦେବା ଅଭ୍ୟାସ ବଦଳି ନଥିଲା । ବାପାଙ୍କର ଏସବୁ ଦେହସୁହା ହେଇଯାଇଥିଲା । ବୋଉ ଯେତେ ଗାଳି କଲେ ବି ବାପା ସବୁବେଳେ କୁହନ୍ତି ବୋଉ କଥା କେହି ଧରିବନି । ତାର ଅଭ୍ୟାସ କ'ଣ ବଦଳିବ ।

ସତରେ ବୋଉର ଅଭ୍ୟାସ ଟା ବଡ଼ ଅଜବ ଥିଲା । ଏମିତି କି ଭାଇନା ବାହାଘର ପରେ ବି ସେ ସେମିତି ଥିଲା । ଚିରାଚରିତ ଶାଶୁଙ୍କ ଭଳି ଭାଉଜଙ୍କୁ ସେ ଛୋଟ ଛୋଟ କଥାରେ ଗାଳି ଦିଏ । ହେଲେ ବାପା ସବୁବେଳେ ବୋହୂ ସପକ୍ଷରେ ଥାଆନ୍ତି । ସେଥିପାଇଁ ବୋଧହୁଏ ଭାଉଜ ବିନା ପ୍ରତିବାଦରେ ସୁନା ବୋହୂ ଭଳି ବୋଉର ଗାଳି ସହିଯାନ୍ତି । ତଥାପି ବୋଉ ତା ବୋହୂକୁ ଭଲପାଏ ବୋଲି ମୁଁ ଜାଣିଛି । ସେମିତି ନହେଇଥିଲେ ମିଶ୍ର ମାଉସୀଙ୍କ ଆଗରେ ସେ ଭାଉଜଙ୍କ ପ୍ରଶଂସା କରନ୍ତାନି ଯାହା ବି ହେଉ ବୋଉ ବିନା ଘରଟା ପୂରା ନିସ୍ତବ୍ଧ ହେଇଯାଏ । ଯାହାକୁ ଆମେ ୬ବର୍ଷ ହେଲାଣି ଅନୁଭବ କରୁଥିଲୁ ।

ବାପା ରୋଗଶର୍ଯ୍ୟାରେ ପଡ଼ିବା ବେଳେ ବି ବୋଉ ବାପାଙ୍କ ଔଷଧ ନଖାଇବା, ଠିକ୍ ସମୟରେ ନଖାଇବା ଆଦି ପାଇଁ ପାଟି କରେ । ଯୋଉଦିନ ବାପାଙ୍କ ଦେହ ବେଶି ଖରାପ ହେଇଗଲା ସେଦିନ ବି ସେ ବାପାଙ୍କ ପାଦ ପାଖରେ ବସି କ'ଣ ସବୁ କହୁଥାଏ । ଯାହା ସ୍ପଷ୍ଟ ଜଣା ପଡୁନଥାଏ । ଆମେ ସବୁ ଭାଇଭଉଣୀ, ମାମୁଁ ବାପାଙ୍କ ଖଟ ପାଖରେ ଘେରି ବସିଥାଉ ଆଉ ଅପେକ୍ଷା କରିଥାଉ ଅନାଗତ ବିପଦକୁ । ସେଦିନ ବୋଉ ଆଖିରେ ଛୋଟ ଛୋଟ ଲୁହଟୋପା ବସା ବାନ୍ଧିବାର ଆଉ ସମସ୍ତଙ୍କ ଅଲକ୍ଷରେ ନିଜ ପଣତକାନିରେ ତାକୁ ଲୁଚାଇବାର ମୋ ନଜରରେ ପଡ଼ିଥିଲା । ହେଲେ ସେ ମୁହୂର୍ତ୍ତରେ ତାକୁ କିଛି କହିବାର ସାହସ ମୋର ନଥିଲା । ସେଦିନ ଶେଷଥର ପାଇଁ ବୋଉ ଭାଇନାଙ୍କୁ କହିଥିଲା ବୁବୁନା ଭାଗବତ ଦୁଇ ଅଧ୍ୟାୟର ପଢ଼ନ୍ତୁନି ! ଭାଇନା ବି ଠାକୁର ଘରୁ ଭାଗବତ ଆଣି ପଢ଼ିଲା । ଆଉ କିଛି ସମୟପରେ ହଠାତ ମାମୁ କହିଲେ ସେତିକି ଥାଉ ବାବା ନନାଙ୍କ କାମ ସରିଗଲା । କେହି କିଛି ବୁଝିବା ଆଗରୁ ବାପା ସବୁଦିନ ପାଇଁ ଆମକୁ ଛାଡ଼ି ଚାଲିଗଲେ । ଘରେ କାନ୍ଦବୋବାଳି ପଡ଼ିଗଲା । ହେଲେ ବୋଉ ...... ।

ସ୍ଥାଣୁ ପଥର ପରି ବସିରହିଥିଲା ସେ । ଅପା, ଭାଇନା, ମୁଁ ବୋଉ କୋଳରେ ମୁଣ୍ଡ ରଖି କାନ୍ଦୁଥିଲେ ବି ସେ ସେମିତି ବସିଥିଲା । ନା ତା ଆଖିରେ ଥିଲା ଲୁହ ନା ମୁହଁରେ କିଛି ଭାଷା । ମୋ ପାଦତଳୁ ମାଟି ଖସିଯାଇଥିଲା । କାରଣ ବାପାଙ୍କ ବିନା ମୋ ଦୁନିଆ ଯେମିତି ଅନ୍ଧାର ପାଲୋଟି ଯାଇଥିଲା । ଦଶଦିନର କାମ ଆମେ ସମସ୍ତେ ମିଶି କରୁଥିଲେ ବି ବୋଉ ମୁହଁରୁ ପଦଟିଏ

ହେଲେ କଥା ବାହାରିନଥିଲା । ବାପାଙ୍କ ଅସ୍ଥି ରଖାଯାଇଥିବା ଘରେ ସେ ଏକାକୀ ସେମିତି ବସି ରହିଥିଲା । ନାଁ କିଛି ଖାଉଥିଲା ନା କାହା ସହ କଥା ହଉଥିଲା । ଥରେ ଅଧେ ମାଇଁ ଯାହା ପାଣି ତାକୁ ପିଆଉଥିଲେ ।

ଦଶଦିନ ତୁଠକୁ ଯିବା ପୂର୍ବରୁ ଆମେ ଭାଇଭଉଣୀ ବୋଉ ପାଖକୁ ଗଲୁ । ବାପାଙ୍କ ଫଟୋ ଦେଖି ଅପା ଯେତେବେଳେ କହିଲା ବୋଉ ଆମେ ବାପଛେଉଣ୍ଡ ହୋଇଗଲୁଲୋ । ବାପା ଆମକୁ ଏକାକରି ଦେଇ ଚାଲିଗଲେ । ବାସ୍ ଛୋଟ ଶିଶୁ ପରି ଅପାକୁ ଧରି ବୋଉ ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲା । ଦଶଦିନର ସାଇତା କୋହ, ଲୁହ ସବୁ ଆଜି ଅମାନିଆ ହୋଇ ବହିଯାଉଥିଲା । ସବୁ କାମ ସରିବା ପରେ ଯିଏ ଯାହାବାଟରେ ଚାଲିଯାଇଥିଲେ । ଆଉ ସେହିଦିନୁ ବୋଉ ଆମର ସବୁଦିନ ପାଇଁ ନିରବ ପ୍ରତିମୂର୍ତ୍ତି ପାଲଟି ଯାଇଥିଲା । କାହା ସଂଗେ କଥାଭାଷା ହଉନଥିଲା । ଘରର ସବୁ କାମ ସେ କରୁଥିଲା ନିରବରେ । ହେଲେ ଆଜି.......... ।

ମୁଁ ତଳକୁ ଯାଇ ବୁଝିଲାବେଳକୁ କଥାଟା ଜଣାପଡ଼ିଲା ଯେ ବାପାଙ୍କ ପ୍ରିୟ ଫୁଲକୁଣ୍ଡକୁ ଅଜାଣତରେ ସନାକାକା ଭାଂଗି ଦେଇଛନ୍ତି । ଯାହାପାଇଁ ଆଜି ବୋଉ ଏତେ ପାଟି କରୁଛି । ସତରେ ଯେତେ ଗାଳି ଦେଲେବି ବାପାଙ୍କ ପାଇଁ ବୋଉର ଭଲପାଇବା ସବୁବେଳେ ଥିଲା । ନହେଲେ ୧୫/୨୦ବର୍ଷ ପୁରୁଣା କୁଣ୍ଡଟି ଭାଂଗିବାର ଦେଖି ବୋଉ ତା ଛଅବର୍ଷର ନୀରବତା କ'ଣ ଭାଂଗି ଦେଇଥାନ୍ତା । ବାପା ସିନା ଚାଲିଗଲେଣି ହେଲେ ବୋଉ ମନରେ ତାଙ୍କ ପାଇଁ ଥିବା ଭଲପାଇବା ଆଜିବି ପୂରା ସତେଜ ଅଛି । ଯାହାହେଉ ମୁଁ ଆଜି ବୁଝିପାରିଲି ମୋ ବୋଉର ନିରବ କ'ଣପାଇଁ ହେଇଯାଇଥିଲା । ଯାହାପାଇଁ ସିଏ ପାଟି କରୁଥିଲା ଯେତେବେଳେ ସିଏ ଶୁଣିବା ପାଇଁ ତା ପାଖରେ ନାହିଁ ସେ ବା କାହାକୁ କ'ଣ କହିବ ?

- ମୁକୁନ୍ଦମିଶ୍ର ନଗର, ପୁରୀ



# ଗୋଟିଏ ବାଟ ଆଉ ବାଟୋଇର କାହାଣୀ

- ସ୍ନେହଲତା ଦାସ

ମୋ ଘର ଦ୍ୱାରା ମୁହଁରେ ଥିବା ବାଟଟି ଲମ୍ବିଯାଇଛି କାହିଁ କେତେଦୂର । ଗାଁରୁ ସହର ନଦୀନାଳ କୋଉ ଅଗନାଅଗନି ବନସ୍ତ ଭିତରେ ରହୁଥିବା ବୁଢ଼ି ଅସୁରୁଣୀର ଘର ପର୍ଯ୍ୟନ୍ତ । ଅଥବା କେଉଁ ରଜା ଉଆସ ପଥକୁ । ଥରେ ଥରେ ଖୁବ ଉତ୍କଣ୍ଠା ବଢ଼େ କେଉଁଠି..... ?ଏ ବାଟର ପରିସମାପ୍ତି ଅଥବା ବାଟଟି ହଜି ଯାଇଛି କେଉଁ ବାଟହୁଡ଼ା ପଥଚଲାର ପାଦଚିହ୍ନରେ । ମନକହେ ଧାଇଁ ଯାଇଛି ବାଟଟିର ଶେଷବିନ୍ଦୁକୁ । ମାତ୍ର, ମୋ ଘର ଚାରିପଟ ମଞ୍ଜୁଆତି ଗଛଘେରା ବାଡ଼ ଭିତରେ ଆବଦ୍ଧ ହୋଇଯାଏ ଦିନସାରା । ଲୋଭଟିଏ ହୁଏ ଆମ ଘର କଅଁଳା ବାଛୁରୀ ଚାନ୍ଦମଣି ପରି ମନଟା ଖୁବ ଡିଆଡେଇଁବାରେ ପଘା ଛିଣ୍ଡେଇ ବାଟଟିରେ ଧାଇଁବାକୁ । ମାତ୍ର ମୋ କଅଁଳିଆ ଟିକିଟିକି ଗୋଡ଼ରେ ଚନ୍ଦ୍ରମଣି ପରି ଡେଇଁବା ଶକ୍ତି ନଥାଏ । ବୁଆ ମୋତେ କାଖକରି ବୁଲାଇ ନେଲେ ଛାଟିପିଟି ହୁଏ ତଳକୁ ଓହ୍ଲାଇବାକୁ । ବୁଆ ମୋତେ ଭିଡ଼ିଧରେ କହେ ଟିକେ ବଡ଼ ହ । ବାଟରେ ଧାଇଁବୁ ଜଙ୍ଗଲକୁ ଯିବୁ । ଆମେ ଏ ଜଙ୍ଗଲର ନୁକ । ଏ ଜଙ୍ଗଲ ଆମର ମା । ତୋର ବାଟ ଚାଲିବାର ଅଛିରେ । ଜଙ୍ଗଲ ତଳେ ପଥର ହାଣିବାର ଅଛି । ତୋର ବାହାକେ ଶକ୍ତି ଆସିଲେ ତୁଇ ଏତେ କାମ କରିବୁନା । ଏବେ ତୁ ଖାଲି ଖେଳିବୁ ବୁଲିବୁରେ ସୁକ୍ତା । ମୁଁ ତା କଥା ଗୁଡ଼ିକ ଶୁଣିଯାଏ ଏକଲୟରେ ତା ମୁହଁକୁ ଚାହେଁ । ସେ ବୁଝିପାରେ ମା ଛେଉଣ୍ଡ ପିଲାର ମନକଥା ବୋଧେ । ଢ଼େର ସାରା ଗେହ୍ଲାକରେ । ଝରିପଡ଼େ ତା ଆଖିରୁ ଦୁଇବୁନ୍ଦା ଲୁହ । ତା ବାଖର ମିଶା ହାଣ୍ଡିଆ ତାଟିଆକୁ ଭିଡ଼ି ଧରିଲେ ସେ ହସେ । ତା ହସ ଦେଖି ମୁଁ ବି ହସେ ।

ରାତିର ନିଛାଟିଆ ଅନ୍ଧାର ଦିଶୁଥିବା ବାଟଆଡ଼େ ମୁଁ ଚାହିଁ ରହେ । ସତେକି ବାଟଟି ମୋତେ ହାତଠାରି ଡାକୁଛି ଆ ଶୁକ୍ତା ତୁ ମୋ ଛାଡ଼ି ଉପରେ ଭରାଦେଇ ଖୁବ ଦୌଡ଼ଅତର୍ଛା ଅତର୍ଛା ଆଉ ଅତର୍ଛା ଭାବେ । ଅଇଁଠା ତୋରାଣି ବେଲାକୁ ଉଠାଇସାରି ବୁଆ ମଶିଣା ପାରେ । ମଳିଶିଆ କପଡ଼ାଭରା ତକିଆଟିକୁ ଢ଼ିରାଦେଇ ପାଖରେ ବସେ । ମୋତେ ପାଖକୁ କତିକି ଟାଣିନେଇ କହେ ଶୁକ୍ତା ସେ ଆଡ଼େ ଚାହେଁନା । ଡାହାଣୀବୁଢ଼ୀ ଛୁଆ ସେବୁଥିବ । ଏବେ ତ ଡାହାଣୀ ଚରତେ ଯିବାର ସମୟ । ଦେଖୁନୁ କେମିତି ଦିକିଦିକି ଆଲୁଅ ଜଳୁଛି । ମୋ ଛାତିରେ ଛନକା ପଶେ । ଝରକା ପାଖକୁ ମୁହଁ ବୁଲେଇ ବୁଆ କୋଳରେ ମୁହଁକୁ ଜାକିଦିଏ । ଆଉ ସେତେବେଳେ ବୁଆ ଲୁଗାର ଭୁରୁକୁଟିଆ ଗନ୍ଧ ମେତେ ଅତର ଅତର ପରି ବାସେ ।

ଏଥର ଟିକେ ଟିକେ ବାଟଟି ସହ ଆପଣାର ହେଉଥିଲି । ସେହି ବାଟର କରରେ ଝୁଙ୍କାଳିଆ ଶାଳୁଆ ଗଛର ତଳେ ସାଂଗମାନଙ୍କ ସହ ଗର୍ମାତ କାଲି ଭଂଗା ସାଇକେଲ ଟାୟାର ଗଡ଼େଇ ତାର ଦୀର୍ଘତାକୁ ଖୋଜିବାକୁ ଚେଷ୍ଟା କରୁଥିଲି । ବୁଆ ବି ମୋତେ ଆଜିକାଲି ଏତେ ଆକଟୁ ନଥିଲା । ତଥାପି ମୁହଁ ସଞ୍ଜବେଳେ ମନେ ପଡ଼ିଯାଏ ବୁଆର କଥାଗୁଡ଼ିକ ଡାହାଣୀ ବୁଢ଼ୀର କଥା । ଛାନିଆଁ ଛାନିଆଁ ଲାଗେ । ଦୌଡ଼େ ତା୍ର ମୁହଁ ଦିଢ଼ାଳ ପାଣି ଏକାଥରେ ପିଦେଇ ଦମ୍ ମାରେ ।

ଆଜିକାଲି ବାଟଟି ସହ ମୋର ଆତ୍ମିୟତା ଖୁବ୍ ବଢ଼ିଯାଇଛି । ଯେବେଠୁ ମହୁଆକୁ ଫୁଲସାଥୀ କରିଛି । ମହୁଆ ଆମ ପଡ଼ାର ସବୁଠୁ ସୁନ୍ଦରୀ ତାର କଳା ମଚମଚ ବଳିଲା ବଳିଲା ଶରୀରରେ ହଳଦୀ ରଂଗର ଶସ୍ତାଶାଢ଼ୀ ଖୁବ ମାନେ । ନିମ୍ବତେଲ ଲଗା ଚିକ୍କଣ ଜୁଡ଼ାରେ ଜଂଗଲୀ ଫୁଲର ଖୋସା । ତା ମୁହଁକୁ ବେଶ ସୁନ୍ଦର ଦିଶେ । ପୁଷପୁନେଇଁ ଦିନ ଧାଙ୍ଗୁଡ଼ି ମାନଙ୍କ ନାଚ ସମୟରେ ବୁଝିପାରିଥିଲା ଶୁକ୍ତା ମହୁଆର ଆଖିର ଭାଷା । ଫୁଲପୁଟୁଳି ମହୁଆ ଉପରକୁ ଛାଟି ମହୁଆକୁ ନିଜର କରିନେଲା । ବାକି ରହିଲା ଗୁରୁଜନଙ୍କ ନିଷ୍ପତ୍ତି । ଶୁକ୍ତାର ବାହାଘର ଲାଗି ବୁଆ କେବେଠୁ ଗୋଟିଏ ପେଣ୍ଠ ଆଉ ଦିଟା ଖାସି ଆଣି ରଖିଛି । ଭାଂଗିଯାଇଥିବା ପଲୀଟିକୁ ନଡ଼ାକୁଟା ଦେଇ ନୂଆଁଣିଆ ଛପର କରିଛି । ବୁଆ ଆଖିକୁ ଆଜିକାଲି ଭଲ ଦିଶୁନି । ଘର ଲିପାପୋଛ କରିପାରୁନି । କେବଳ ବାକି ଅଛି ମହୁଆ ଏ ଘରକୁ କନିଆଁ ହୋଇ ଆସିଲେ ଏ ଆବୁଡ଼ାଖାବୁଡ଼ା ପିଣ୍ଡାକୁ ଚିକ୍କଣ କରିଦେବ । ନାଲିମାଟି ଖଡ଼ିମାଟି କାଳିମାଟି ବସ୍ତାରେ ପୂରେଇ ରଖିଛି ଶୁକ୍ତା କେବଳ ମହୁଆ ପାଇଁ । ମହୁଆ

ତା ହାତରେ ଏ ମାଟିକୁ ଚକଚକ ଘରକୁ ରଂଗଣୀ କରିଦେବ । ଏ ମାଟି ବସ୍ତାରେ ଶୁକ୍ରା କାହାକୁ ବି ଟିପ ଛୁଇଁବାକୁ ଦିଏନା । ଏପରିକି ବୁଆକୁ ବି ନୁହେଁ । ଥରେଥରେ ବୁଆ ରବେଇ ଖବେଇ ହୁଏ । ନିବାସା ହୋଇ ଘଷର ବସି ମହୁଆକୁ କନିଆଁ କରିବାର ସପନ ଦେଖୁଥା । କିଛି ତ କାମଧନ୍ଦା କରରେ ଶୁକ୍ରା । ଶୁକ୍ରା ଗାଳେଇ ଯାଏ ବୁଆ କଥାକୁ ।

କଣ୍ଟ୍ରାକ୍ଟର ଆନ୍ନା ଶୁକ୍ରାକୁ କଥା ଦେଇଛନ୍ତି । ସହରରେ ତାଙ୍କର ବହୁତ ଚିହ୍ନା ଲୋକ ଅଛନ୍ତି ଶୁକ୍ରା ପାଇଁ କାମ ଠିକ୍ କରିଦେବେ ।

ଶୁକ୍ରାର ଗାଁଦେଇ ସହରକୁ ଯାଉଥିବା ଗୋଟିଏ ମାତ୍ର ବସରେ ଯେବେ ଶୁକ୍ରା ଚଢ଼ିଲା ରୋକି ପାରୁନଥିଲା ଆଖିର ଲୁହକୁ । ଛାତିକୁ ପଥରକରି ମହୁଆ ବିଦାୟ ଜଣାଉଥିଲା । ଶୁକ୍ରାର କାନ୍ଧରେ ମୁଣ୍ଡରଖି ଅନେକ କାନ୍ଦିଲା । ଶୁକ୍ରା ମହୁଆର ବୋହି ଆସୁଥିବା ଲୁହଧାରକୁ ପୋଛିଦେଇ ଭିଡ଼ି ନେଲା ନିଜ ଛାତି ଉପରକୁ । ଥରି ଉଠିଲା ମହୁଆର ଶରୀର । ଶୁକ୍ରାଠୁ ନିଜକୁ ଅଲଗା କରିନେଲା ମହୁଆ । କଂପ ଉଠୁଥିଲା ଶୁକ୍ରାର ଓଠ । ଫୁଲୁଥିଲା ନାକପୁଡ଼ାର ନିଶ୍ୱାସ ପ୍ରଶ୍ୱାସ । ଶେଷଥର ପାଇଁ ଦିହେଁ ଦୁହିଁଙ୍କୁ ଜାବୁଡ଼ି ଧରିଥିଲେ ନିବିଡ଼ ଆଶ୍ଲେଷରେ ।

ବା କହୁଥିଲା ବାବୁରେ ଭଲରେ ଭଲରେ ରହିବୁ । ସହରର ବାଟ, ଶୁଣିଚି କୁଆଡ଼େ ଚିହ୍ନା ମଣିଷକୁ ଅଚିହ୍ନା କରିଦିଏ । ହୁସିଆରେ ଚଳିବୁ । ବୁଆ କାନ୍ଦିକାନ୍ଦି କହୁଥିଲା ତୋର ସହରକେ ଯିବା ଦରକାର ନାହିଁ । ତୁଇ ପଛେ ଏଠି ନିକମ୍ମା ହୋଇ ରହ ହେଲେ ମୋତେ ଛାଡ଼ିକି ଯାଆନିରେ ଶୁକ୍ରା ।

ଦୂରେଇ ଯାଉଥିଲା ଶୁକ୍ରାଠୁ ତା ପ୍ରିୟ ଜନ୍ମମାଟି । ତା ପ୍ରିୟଜନମାନେ । ତା ପ୍ରିୟ ସେଇ ଝଂକାଳିଆ ଶାଳୁଆଗଛ ତାର ଖେଳସାଥୀ ମାନେ । ଶୁକ୍ରାର ଖୁବ୍ ଇଚ୍ଛାଟେ ହେଉଥିଲା ବସରୁ ଓହ୍ଲାଇ ଧାଇଁଯିବାକୁ ତା ଠୁ ଦୂରେଇ ଯାଉଥିବା ତା ଗାଁବାଟ ଦିହରେ । ମନ କହୁଥିଲା ଲୁହରେ ସାଲୁବାଲୁ ହୋଇଯାଇଥିବା ମୁହଁକୁ ବାର ଗାମୁଛାରେ ପୋଛିବାକୁ । ମାତ୍ର ବସଟି ଖୁବ ଜୋରରେ ଦୌଡୁଥିଲା । ବା ରହିଯାଇଥିଲା ବହୁତ ପଛରେ । ବସର ଧୂଳିଧୂଆଁରେ ବା ଏବଂ ବୁଆ ଦିଶୁଥିଲେ ଝାପ୍ସା ଝାପ୍ସା ।

ସହରରେ ପହଞ୍ଚିଲାପରେ ଆଖି ଖୋସି ହୋଇଗଲା ଶୁକ୍ରାର । ଆରେ ବାପରେ କି ସୁନ୍ଦର ପରିଷ୍କାର ରାଜରାସ୍ତା । କଳା ମଚମଚ ଠିକ୍ ମହୁଆ ଦେହପରି ଚିକ୍କଣ । ପୁଣିଥରେ ମନେ ପଡ଼ିଗଲା ମହୁଆ । ଆଖି ଭାରିଭାରି ହୋଇଗଲା । ପାଖରେ ମହୁଆ ଥାନ୍ତା କି ? ଏମିତିଆ ରାସ୍ତା ଦେଖି ଖୁବ ଖୁସି ହୋଇଯାଇଥାନ୍ତା । ପାଦରୁ ଚପଲ ଓହ୍ଲାଇ ଖାଲିପାଦରେ ବହେ ଚାଲୁବୁଲ କରିଦେଲା ଶୁକ୍ରା । ପାଦକୁ କୁତୁକୁତୁ ଲାଗୁଥିଲା । ଗାଁ ରାସ୍ତାପରି କଣ୍ଟା ଫୋଡୁନଥିଲା ।

କ୍ରଣ୍ଟାକ୍ଟରର ବାବୁଙ୍କ ଲୋକ ଆସି ଶୁକ୍ରାକୁ ନେଇଗଲେ କାମ ହେଉଥିବା ଜାଗାକୁ । ଆରେ ଯେ କି କାମ ପଥରବୋହା ନା ମାଟିହଣା । କିଛି କାମ ନାହିଁ । ମାଳମାଳ ଲୋକ ଘେରି ହୋଇ ବସିଛନ୍ତି । ମଝିରେ ଥିବା ଅଳ୍ପ ଖୋଲାଜାଗାରେ ଦୁଇଚାରିଜଣ ଲୋକ ଛିଡ଼ା ହୋଇ କ'ଣ ସବୁ କହୁଛନ୍ତି । କିଛି ଶୁଭାଯାଉଥିଲା ଶୁକ୍ରାକୁ । ତୁହାକୁ ତୁହା ଲୋକମାନେ ତାଳି ମାରୁଥାନ୍ତି । ଶୁକ୍ରା ଭକୁଆ । ପାଖରେ ଥିବା ଜଣେ ଲୋକକୁ ପଚାରିଲା ଭାଇ ଯେ କ'ଣ ଚାଲିଚି ?

ଲୋକଟି ପଚାରିଲା ତମେ କ'ଣ ନୂଆ ଆସିଚ ?

ଶୁକ୍ରା କହିଲା – ହଁ

ଲୋକଟି କିହଲା – ଏଠାରେ ଆମର ହକ୍ ଦାବୀ ପାଇଁ ସରକାରଙ୍କ ବିରୋଧରେ ସିକ୍ରେଟ ମିଶନ ଚାଲିଛି ।

ଶୁକ୍ରା କହିଲେ । – ସରକାର କିଏ ?

ଲୋକଟି ହସିଲା ଏଥର ହେଁ ହେଁ ହେଁ

ଶୁକ୍ରାକୁ ତା ହସ ଯମାରୁ ଭଲ ଲାଗିଲାନି । ଲୋକଟି ତା ଗଳାକୁ ସଫା କରି ଧିର ସ୍ୱରରେ କହିଲା ଯୁଦ୍ଧ । ଯୁଦ୍ଧ ଚାଲିଚି ସରକାରଙ୍କ ସହ । ଆମର ହକପାଇଁ । ବୁଝିପାରୁନଥିଲା ଶୁକ୍ରା ଯୁଦ୍ଧ ଯଦି ଚାଲିଚି କାହିଁକି କାହା ହାତରେ ତୀର ବର୍ଚ୍ଛା ଭାଲ ଏସବୁ ନାହିଁ ତ ? ଶୁକ୍ରା ବିଡ଼ବିଡ଼ ହୋଇ କହୁଥିବା କଥାକୁ ଲୋକଟି କାନ ପାତୁଥିଲା ବୋଧେ । ଏଥର ବୁଝେଇବା ଭଂଗୀରେ କହିଲା । ଏଠାରେ ଯେମିତି ସେମିତି ଯୁଦ୍ଧ ହୁଏନା ମଃ । ଏ ସହରର ଚିକ୍କଣ ବାଟ ଉପରେ ବସି ଅନଶନର ଯୁଦ୍ଧ ହୁଏ । ଧର୍ମଘଟର ଯୁଦ୍ଧ ହୁଏ । ଆନ୍ଦୋଳନ ହୁଏ । ଦରକାର ପଡ଼ିଲେ ବୋମାମାଡ଼ ହୁଏ । ଶୁକ୍ରା କିଛି ବୁଝିପାରିନଥିଲା । କେବଳ ବଲବଲ ହୋଇ ଲୋକଟିର ମୁହଁକୁ ଚାହିଁ ରହିଥାଏ । ଲୋକଟି ଏଥର ଚାରି ଆଡ଼କୁ ନିରିଖେଇ ଚଂଗଚଂଗ ହୋଇ ତା ଅଣ୍ଟାତଳେ ଲୁଚେଇଥିବା ପିସ୍ତଲଟିଏ ବାହାର କରି ଦେଖାଇଲା । ଚମକି ପଡ଼ିଲା ଶୁକ୍ରା । ଆରେ ଯେ ତ ମଣିଷମରା ଯନ୍ତ୍ର । ସେଦିନ ଗାଁରେ ରାମୁଲୁ ଟୁଡୁକୁ ପୋଲିସବାବୁଙ୍କ ସହ ମେଳଚାଲ ଅଛି ବୋଲି ସନ୍ଦେହ କରି କିଛି ଲୋକ ଆସି ତା ଘରେ ଏଇ ମଣିଷମରା ଯନ୍ତ୍ରରେ ଢ଼ାଏଢ଼ାଏ କରି ଗୁଳି ଫୁଟାଇ ମାରିଦେଇଥିଲେ । ବିଚରା ରାମୁଲୁ । ତାର ଛୋଟ ଛୋଟ

ପିଲାଗୁନିକ ବେସାହାରା ହୋଇଗଲେ । ଆଜି ପୁଣିଥରେ ଏ ମଣିଷମରା ଯନ୍ତ୍ରକୁ ଦେଖି ଶୁକ୍ରାର ରକ୍ତ ଭୟରେ ଶୁଖି ଯାଉଥିଲା ।

ହଠାତ ହୋହାଲ୍ଲା ପାଟିତୁଣ୍ଡ ଶୁଭିଲା । ଲୋମାନେ ଦୌଡୁଥିଲେ ଏଣେତେଣେ । ଲୋକଟି ଶୁକ୍ରାକୁ ଭିଡ଼ିଲା ତା ପାଦ ଜମି ଯାଇଥିଲା କଂକ୍ରିଟ ରାସ୍ତାଉପରେ ।

ପାଟିତୁଣ୍ଡ ଭିତରେ ଶୁକ୍ରା ଯେବେ ତାର ସଂଜ୍ଞା ଫେରିପାଇଲା । ଦେଖିଲା ସେ ଛିଡ଼ା ହୋଇଥିବା ସ୍ଥାନରେ ଅନେକ ଲୋକଙ୍କ ଭିଡ଼ । ଟିଭି ବାଲା, ଫଟୋବାଲା, ପୋଲିସବାଲା ବାବୁମାନେ ତାକୁ ଘେରି ରହିଥାନ୍ତି । ପୋଲିସବାବୁ ଭାରି ଖୁସି । ଖୁବ ଗୋଟିଏ ଆଚିଭମେଣ୍ଟ । ମାଓବାଦୀଙ୍କ ଗ୍ୟାଙ୍ଗରୁ ଜଣକୁ ବହୁ କଷ୍ଟରେ କବଜା କରିଛନ୍ତି । ପେଟୁଆ ପୋଲିସବାବୁଟି ନିଶକୁ ସାଉଁଳାଇ କହୁଥାଏ ମୁଁ କଣ କମ କଷ୍ଟ କରିଚି ଏ ଦୁର୍ଦ୍ଦାନ୍ତ ମାଓବାଦୀକୁ ଧରିବାକୁ । ହେଲେ ମୋ ହାତରୁ ଖସିଯିବା ଏତେ ସହଜ ନୁହେଁ । ଫିସଫିସ ହୋଇ ଜଣେ ଅନ୍ୟ ଜଣକୁ କହୁଥାଏ ଏଥର ସାରଙ୍କ ପ୍ରମୋସନଟା ପକ୍କା । ତ୍ରସ୍ତ ହରିଣଟି, ପାଲଟି ଯାଇଥିଲା ଶୁକ୍ରା । ତା ଚାରିପଟେ ବେଢ଼ିଥିବା ଲୋକଗୁଡ଼ିକ ଦେଖାଯାଉଥିଲେ ଶାଗୁଣା ଚିଲପରି । ଏତେ ଗହଳି ଭିତରେ ଖୁବ୍ ଏକ୍ଲା ଏକ୍ଲା ଲାଗୁଥିଲା । ବୁଦ୍ଧି ହଜିଯାଉଥିଲା ଶୁକ୍ରାର । କିଛି ବୁଝିପାରିନଥିଲା ତା ସହିତ କ'ଣ ଘଟି ଯାଉଛି ବୋଲି । କାନ୍ଦକାନ୍ଦ ଲାଗୁଥିଲା ଶୁକ୍ରାକୁ । ମନେ ପଡୁଥିଲା ବୁଆକଥା, ଗାଁ କଥା ଏବଂ ବା'ର କଥା । ମହୁଆର କଅଁଳିଆ ମୁହଁ ଦିଶିଯାଉଥିଲା । ମନେ ପଡୁଥିଲା ମହୁଆ ସହ ବିତେଇଥିବା ସୁଖଦ ମୁହୂର୍ତ୍ତ ଗୁଡ଼ିକ ସବୁ । ଚାଉଁକିନା ଛାତି ଭିତରଟା ହେଲା । ଶୁଭିଯାଇଥିଲା ଡଙ୍ଗର ତଳେ ବାର କାଠହାଣିବାର ଶବ୍ଦ ଠକଠକ୍ ଠକ୍ । ଧାଇଁବାକୁ ଇଚ୍ଛା ହେଲା ସେହି ବାଟ ଦିହରେ ଯୋଉ ବାଟଟି ଯାଇଚି ତା ଗାଁର ଶାଳୁଆ ବଣର । ପକ୍ଷୀର କାକଳି, ଝରଣାର କୁଳୁକୁଳୁ, ଜଙ୍ଗଲର ନିରୋଳା ପରିବେଶକୁ ଏବଂ ବୁଆ କୋଳର ଭୁରୁକୁଟିଆ ଗନ୍ଧ ଆଉ ମହୁଆ ଦେହର ଉଷୁମ ସ୍ପର୍ଶ ନିକଟକୁ । ମାତ୍ର କେମିତି ଯିବ ? ତା' ଚିହ୍ନା ବାଟଟି ତ ହଜିଯାଇଛି ତା ପାଇଁ ଏଥର । ଏବେ କେମିତି ଦୌଡ଼ିବ । ଅତର୍ଚ୍ଛା ଅତର୍ଚ୍ଛା ଆଉ ଅତର୍ଚ୍ଛା ଭାବରେ ।

# ଜୀବନର ରାହା

- ଲୀଳାବତୀ ମହାପାତ୍ର

ଅଭିଜିତାଙ୍କୁ ଛାଇନିଦ ଲାଗି ଆସୁଥାଏ । ହଠାତ୍ ଫୋନଟା ରିଙ୍ଗହେଲା । ଶୀତ ରାତି ଜାଡ଼ରେ ଦେହ ଥରି ଉଠୁଛି । ରେଜେଇ ଭିତରୁ ହାତଟା ବାହାର କରିବା ବି ଭାରି କଷ୍ଟ । ପିଲାମାନେ ବାହାରେ ଅଛନ୍ତି । କାନ୍ଥ ଘଣ୍ଟାଟି ରାତ୍ରୀର ଗଭୀରତା ସୂଚାଇ ଦେଉଛି । ରାତ୍ରୀ ଆସି ଏଗାରଟା ହେଲାଣି । ନିଶ୍ଚୟ ଝିଅ ଫୋନ୍ କରିଥିବ । ସେ ପ୍ରାୟ ଏପରି କରେ । ଫୋନରେ କଥା ହୋଇସାରିବା ପରେ ଅଭିଜିତାର ନିଦ ଉଡ଼ିଯାଏ । ସେ ରାତ୍ରୀଟା ଉଜାଗରରେ କଟେଇ ଦେଇଥାନ୍ତି ।

ଶଙ୍କାକୁଳ ମନରେ ଫୋନ ରିସିଭ କରି ହାଲୋ କହିବା ମାତ୍ରେ ଝିଅ କ୍ରୀଷ୍ଣାର ସ୍ୱର ଭାସି ଆସିଲା । ବୋଉ ମୋ ସାଙ୍ଗ ପ୍ରିୟଙ୍କା ଥାଇଲେଣ୍ଡ ବୁଲିବାକୁ ଯାଇଛି । ଫେସବୁକରେ ଫଟୋ ଛାଡ଼ିଛି । ମୁଁ ଏକା କୁଆଡ଼େ ଯାଇପାରିଲି ନାହିଁ । ଆଉ ଯାଇ ମଧ୍ୟ ପାରିବିନି ଫସିଗଲି ଯା କହି ଫୋନଟି ରଖିଦେଲା ।

ଝିଅ ଯାହା କହୁଛି ସତ । ବିବାହ ପୂର୍ବରୁ ଭୂପେଶ ତାକୁ ମାଲେସିଆ ସିଙ୍ଗାପୁର, ପ୍ୟାରିସ୍‌କୁ ହନିମୁନ୍ କରିଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କ୍ରୀଷ୍ଣା ଖୁସିରେ ଆତ୍ମହରା ହୋଇଯାଇଥିଲା । ଅତୀତକୁ ପଛକରି ଜୀବନକୁ ଆଗେଇ ନେବାପାଇଁ ଚେଷ୍ଟା କରିଥିଲା । କିନ୍ତୁ ଏସବୁ ପ୍ରତିଶୃତି ବାସ୍ତବତାରେ ପରିଣତ ହୋଇପାରିନି ଏପର୍ଯ୍ୟନ୍ତ । ଆଧୁନିକା ଝିଅ କ୍ରୀଷ୍ଣା ସେ ବି ଇଂଜିନିୟରି ଟଙ୍କା ଗଦାରେ ବସି ମଧ୍ୟ ସ୍ୱାମୀ ସୁଖରୁ ବଞ୍ଚିତ ହୋଇଯାଉଛି । ଏ କି ପ୍ରକାର ସଂପର୍କ । ଏକି ପ୍ରକାର ପୁରୁଷ ? ଝିଅର ଏ ପ୍ରଶ୍ନର ଉତ୍ତର ଅଭିଜିତା ପାଖରେ ନାହିଁ । ଅଭିଜିତା ଶୋଇବାକୁ ଯେତେଚେଷ୍ଟା କଲେ ଆଉ ଶୋଇ ପାରିଲେନାହିଁ ।

ସେ ତ ନିଜେ ଦୋଷ କରିଛନ୍ତି । ସମାଜ ଘରର ସମ୍ମାନକୁ ଜଗି ଝିଅର ପସନ୍ଦକୁ ନାକଚ କରି ଦେଇ ନିଜ ପସନ୍ଦର ପିଲା ସହିତ ତାର ଘର ବସାଇଛନ୍ତି । ଆଜି କାଲିକା ଝିଅ ହୋଇ ମଧ୍ୟ ନିଜ ବୋଉକୁ ଖୁସି କରିବାପାଇଁ କ୍ରୀଷ୍ଣା ତା ଜୀବନର ସବୁକିଛି ତ୍ୟାଗ କରି ଦେଇଛି । ସତରେ ସେ ଏତେ ନିର୍ଦ୍ଦୟ କିପରି ହେଲେ ? ଝିଅ ତାଙ୍କୁ କେତେ ଅନୁନୟ କରିଛି । ଏପରିକି ମନ୍ଦିରରେ ବିବାହ କରି ଦେବା ପାଇଁ ମଧ୍ୟ ଅନୁରୋଧ କରିଛି । ତାର ସମସ୍ତ ଆବେଗର ଗଳାଚିପି ଦେଇଛନ୍ତି ସେ ।

ସତରେ କ୍ରୀଷ୍ଣା କେତେ କଲବଲ ହୋଇଛି । ରାତିରାତି ଅନିଦ୍ରା ରହିଛି । କଥାରେ ଅଛି ପ୍ରଥମ ପ୍ରେମକୁ କିଏ ଭୁଲିପାରେ ନାହିଁ । ଏକ ଉତ୍ତମ ସମ୍ପର୍କକୁ ହରାଇବା ନିଶ୍ଚିତ ଭାବେ ମଣିଷକୁ କଷ୍ଟ ଦିଏ କିନ୍ତୁ ସେହି ସମ୍ପର୍କରେ ନିଜେ ହାରିଯିବା ମଣିଷକୁ ଅତ୍ୟନ୍ତ କଷ୍ଟଦିଏ । ଅଭିଜିତାକୁ ବୁଝାଇବା ପାଇଁ ଯାଇ କହିଥିଲା ବୋଉ ଛୋଟଲୋକ ସେମାନେ ନୁହଁନ୍ତି । ଯେଉଁମାନେ ଜାତି ଓ ଧନରେ ଛୋଟ ପିଲାଟି ତ ଏନଆଇଟିରେ ଇଂଜିନିୟର ପଢ଼ି ଭଲ କଂପାନୀରେ କାମ କରୁଛି । ଧନୀ, ଗରିବ, ଜାତି ଅଜାତି ସାନବଡ଼ ଏସବୁ ବଳୟଗୁଡ଼ିକୁ ମନୁଷ୍ୟ କୃତ ।

ତାର ଏ ଭାବବେଗ ପ୍ରେମ ପ୍ରଣୟରେ ମଜ୍ଜି ଯାଇଥିବା ମନକୁ ମା'ଟିଏ ହୋଇ କିପରି ଚିହ୍ନି ପାରିଲୋନାହିଁ । ତାଙ୍କରି ଜିଦ୍ ପାଇଁ ଝିଅଟି ଆଜି ତିଳତିଳ ହୋଇ ବଞ୍ଚୁଛି । ସେପରି ବଞ୍ଚିବାର କିଛି ମାନେ ନାହିଁ । ଝିଅ ପ୍ରତି କରିଥିବା ଏତେ ବଡ଼ ଅନ୍ୟାୟ ପାଇଁ ସେ ଅନୁତପ୍ତ କ୍ଷମା ପ୍ରାର୍ଥିନୀ ।

ଅଭିଜିତା ଯାଇ ଝିଅଘରେ ମାସମାସ ରହନ୍ତି । ଜ୍ୱାଇଁ ଭୂପେଶର କିଛି ଅବିଗୁଣ ଦେଖିପାରନ୍ତି ନାହିଁ । ଭାରି ଶାନ୍ତସିଷ୍ଟ ସରଳ ପିଲାଟି । ବଡ଼ ଲୋକିଆ ଢ଼ଙ୍ଗ ନାହିଁ । ଯାହା ଦିଅ ଖୁସିରେ ହସିହସି ଗ୍ରହଣ କରନ୍ତି । ଚାକିରି କ୍ଷେତ୍ରରେ ମଧ୍ୟ ସୁନାମ ଅଧିକ । ପ୍ରତିବର୍ଷ ବେଷ୍ଟଓ୍ୱାରକର ପୁରସ୍କାର ପାଇଥାନ୍ତି । କ୍ରୀଷ୍ଣାର ପ୍ରତ୍ୟେକ କଥାକୁ ସମ୍ମାନ ଦିଅନ୍ତି । ଏପରି ପିଲାକୁ ଜୀବନସାଥୀ ରୂପେ କ୍ରୀଷ୍ଣା ଗ୍ରହଣ କରିପାରୁନାହିଁ । ପ୍ରେମିକର ପ୍ରତିବି ହୃଦୟ କନ୍ଦରରେ ବସି ରହିଛି । ସେ ସବୁ କଥାକୁ ତୁଳନାତ୍ମକ ଢ଼ଙ୍ଗରେ ଗ୍ରହଣ କରୁଛି । ଏବେ ମଧ୍ୟ ବିରହର ତପ୍ତ ଝଡ଼ରେ ଲେଲିହମାନ ହୋଇ ରହୁଛି ତାର ସ୍ୱପ୍ନସବୁ । ତେଣୁ ବାସ୍ତବତାକୁ ଆପଣେଇ ପାରୁନାହିଁ ।

ପାଞ୍ଚ ଆଙ୍ଗୁଠି ଯେଉଁଠାରେ ସମାନ ନାହିଁ ସେହି କ୍ଷେତ୍ରରେ ମନୁଷ୍ୟ କିପରି ସମ୍ମାନ ହେବ । ବିଭିନ୍ନ ସମସ୍ୟା ପଥରେ ଗତିଶୀଳ ହୋଇ ଜିଇବା ତ ଜୀବନ । କୌଣସି ବ୍ୟକ୍ତି

ସମସ୍ୟା ବିହୀନ ଜୀବନଯାପନ କରିନାହିଁ କି କରି ପାରିବ ନାହିଁ । ପରିସ୍ଥିତି ସହିତ ଖାପ ଖୁଆଇ ଚଳିଲେ ହିଁ ଜୀବନଟା ହସିଉଠିବ । ଲେଖିବା କହିବା ସହଜ ତାକୁ ଆପଣେଇ ନେବ ଭାରି କଷ୍ଟ । ଅଭିଜିତା ଝିଅର ଦୁଃଖକୁ ହୃଦୟଙ୍ଗମ କରନ୍ତି । କହି ଦେଇଥିବା କଥା ବୋହିଯାଉଥିବା ନଈକୁ କ'ଣ ଆଉ ଫେରାଇ ଆଣି ହୁଏ । ଲେଡ଼ିଗୁଡ଼ କହୁଣୀକୁ ବୋହି ଗଲାପରେ ଅନୁତପ୍ତ ହେବା କିଛି ଲାଭ ନାହିଁ ।

କ୍ରୀଷ୍ଟା ଭାରି ସ୍ନେହୀ । ବୋଉକୁ ସେ ଜୀବନଠାରୁ ଅଧିକ ଭଲପାଏ । ସେଥିପାଇଁ ତ ନିଜ ପଢ଼ା ଖର୍ଚ୍ଚରୁ ପଇସା ବଞ୍ଚାଇବା ପାଇଁ ଯାଇ କେତେଥର ମାଡ଼ ଖାଇଛି ଏପରିକି ତାର ଗୋଡ଼ହାତ ଭାଂଗି ପକାଇଦେଇଛନ୍ତି । ତାର ଏତେ ତ୍ୟାଗ ଏତେ ଭଲ ପାଇବାର ପ୍ରତିଦାନରେ ଅଭିଜିତା ତାକୁ କ'ଣ ଦେଲେ ? ଜୀବନରେ ଖୁସିରେ ବଞ୍ଚିବା ପାଇଁ ସେ ତାଙ୍କ ଗୋଡ଼ ଧରି ଭିକ୍ଷା ମାଗିଥିଲା । ତା ଜୀବନର ରାହା ତାକୁ ଧରି ସେ ଖୁସିରେ ଅବା ଥାନ୍ତା । କିଛି କରି ପାରିଲେନାହିଁ । ନାରୀ ସବୁ ସହିପାରେ ବୋଲି ତାକୁ ନାରୀ କୁହାଯାଉଛି ।

କ୍ରୀଷ୍ଟା ଯେଉଁଦିନ ଅଭିଯୋଗ କରି କହିଲା ବୋଉ ମୁଁ ଏ ଲୋକ ପାଖରୁ ଶାରୀରିକ ସୁଖ ମଧ୍ୟ ପାଉନାହିଁ । ସେଦିନ ଅଭିଜିତାର ଗୋଡ଼ତଳୁ ମାଟି ଖସିଗଲାପରି ପ୍ରତ୍ୟେୟ ହୋଇଥିଲା । ସେ ସାହାସ ସଞ୍ଚୟ କରି କହିଥିଲେ ଛାଡ଼ପତ୍ର ଦେଇଦେ । ଏମିତି ଦହଗଞ୍ଜ ହୋଇ ଏକାଠି ରହିବା ଅପେକ୍ଷା ଅଲଗା ହୋଇଯିବା ଭଲ ।

ଝିଅଟିର ଭବିଷ୍ୟତ ଅଛି । ତେଣୁ କ୍ରୀଷ୍ଟା ଚୁପ୍ ରହେ । ସେ କେତେଥର ଅଭିଜିତାଙ୍କୁ ଦେଖେଇ ଶିଖାଇ କହିଲାଣି ମୋ ଝିଅର ପସନ୍ଦ ମୋର ପସନ୍ଦ ହେବ । ବେଳେବେଳେ ଜୀବନରେ ଚୁପ ଆଉ ଶାନ୍ତ ରହିବା ହିଁ ବୁଦ୍ଧିମତାର କାମ ଭାବି ସେ ଚୁପ ରହିଯାଆନ୍ତି । କିନ୍ତୁ ଝିଅ ପ୍ରତି କରିଥିବା ଅକ୍ଷମଣୀୟ ଦୋଷର କୀଟ ତାଙ୍କ ହୃଦୟକୁ ଟିକଟିକ କରି କାଟି ପକାଉଥାଏ ।

ତାଙ୍କର ମନେ ଅଛି ସେ ପିଲାଟି ମଧ୍ୟ ତାକୁ ଫୋନ କରି ବହୁ ଅନୁରୋଧ କରିଥିଲା । ଦୁହେଁ ଦୁହିଁଙ୍କୁ ଭଲପାଇବାର ଦ୍ୱାହିଦେଇ କିଏ କାହା ବିନା ବଞ୍ଚି ପାରିବେ ନାହିଁ ବୋଲି ଆକୁଳ ନିବେଦନ କରିଥିଲା । କ୍ରୀଷ୍ଟାକୁ ବହୁତ ସୁଖରେ ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ସେ ତ ନିଜକୁ ଜାତି ପ୍ରଥାର ଚକ୍ରବ୍ୟୂହ ଭିତରୁ ବାହାରି କରିପାରି ନଥିଲେ । ସାମାନ୍ୟ ଭାଷାଗତ ପାର୍ଥକ୍ୟକୁ ଦ୍ୱାହି ଦେଇ ପ୍ରସ୍ତାବଟିକୁ ନାକଚ କରିଦେଇଥିଲେ ।

ବାରମ୍ବାର ପ୍ରତ୍ୟାଖାନ ପରେ ସେ ନୀରବ ରହି ଯାଇଥିଲା । ଦୁଇଟି ଜୀବନକୁ ସେ କଲବଲ କରି ଥୋଇଦେଲେ । ପ୍ରେମିକ ପ୍ରେମିକାକୁ ମିଳିନ କରାଇବା ବହୁତ ପୂଣ୍ୟ କିନ୍ତୁ ସେ ତ ତାରି ଫଳ ଭୋଗୁଛନ୍ତି ।

ତାଙ୍କର ଜୀବନରେ ଯାହା ଘଟିଯାଉଛି ସେଥିପାଇଁ ସେ ବ୍ୟଥିତ ନୁହନ୍ତି । ଝିଅଟି କିପରି ସବୁ ଦିଗରୁ ସୁଖ ପାଉ ସେଥିପାଇଁ ଦିନରାତି ଠାକୁରଙ୍କ ପାଖରେ ମୁଣ୍ଡିଆ ମାରୁଛନ୍ତି ।

କ୍ରୀଷ୍ଟା ଭଲ ରୋଷେଇ କରେ । ନିଜ ଅତୀତକୁ ଭୁଲି ଭୂପେଶଙ୍କ ରୁଚି ଅନୁସାରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାଏ । ସେଥିପାଇଁ ସେ ଭୂପେଶଙ୍କ ଠାରୁ ଟିକେ ପ୍ରଶଂସା ଆଶା କରେ ।

ସ୍ତ୍ରୀ ଚାହେଁ ତା ରୂପର, ଗୁଣର ପ୍ରଶଂସକ ହେଉ ତା' ସ୍ୱାମୀ । ଏହା ଏକ ସହସଜାତ ପ୍ରବୃତ୍ତି । କ୍ରୀଷ୍ଟ ମଧ୍ୟ ଏତିକି ଚାହେଁ । କ୍ରୀଷ୍ଟାର ବାରବାଂର ଅନୁରୋଧ ସତ୍ତ୍ୱେ ଭୂପେଶ ନୀରବ ରହନ୍ତି ।

ଅଭିଜିତା ଭାବେ ଭୂପେଶ ମଧ୍ୟ କ'ଣ.... ? ଯଦ୍ୱାରା କ୍ରୀଷ୍ଟା ପରି ଏତେ ସୁନ୍ଦରୀ ସର୍ବଗୁଣା ସ୍ତ୍ରୀ ପାଇ ମଧ୍ୟ ଖୁସି ନୁହନ୍ତି । ଦୁଇଟି ଜୀବନର ସୁଖ ଛଡ଼େଇ ନେଇଛନ୍ତି ସେମାନଙ୍କର ନିଜ ଆତ୍ମୀୟ ପିତାମାତା । ସେମାନଙ୍କର ଜୀବନକୁ ତୁଚ୍ଛ ସାମାଜିକ ଚକ୍ରବ୍ୟୂହ ଭିତରେ ପେଶୀ ଦେଇଛନ୍ତି । ଜୀବନ ଜୀଇବାର ରାହାଟି ସେମାନଙ୍କଠାରୁ ଛଡ଼େଇ ନେଇଛନ୍ତି ।

ରାଉରକେଲା

# ଦନେଇଁଦାସଙ୍କ ମାଛ ପୋଖରୀ

- ସୁଷମା ପରିଜା

ଉଦୁଉଦିଆ ଦିପହରଟାରେ ଝାଳନାଳ ଆଣ୍ଠିଏ ହୋଇ ଘରକୁ ଫେରିଥିଲା ସର୍ବେଶ୍ୱର, ଅଗଣା ଭିତରେ ପଶି ସାଇକଲକୁ ଦୁମ କରି କାନ୍ଥରେ ଡେରି ଦେଇ ବଡ଼ ବଡ଼ ପାହୁଣ୍ଡ ପକାଇ ଘର ଭିତରକୁ ପଶିଲା । ତା ଚାଲି ଦେଖି ମାଳତୀର ମନେହେଲା ଯେ କିଛିଗୋଟିଏ ଅଘଟଣ ଘଟିଛି, ହେଲେ କାରଣ ପଚାରିବାକୁ ତାର ସାହାସ କୁଳୋଉନଥିଲା । ସେ ଜାଣେ ତା ପୁଅ କ୍ଷଣକୋପୀ ଠିକ୍ ତାରି ଭଳିଆ । ନିଜ କାମରେ କୌଣସି ପ୍ରକାରର ବାଧା ଆସିଲେ ମୁଣ୍ଡ ବିଗିଡ଼ି ଯାଏ ତାର । ତା ବାପାଙ୍କ ଭଳି ଧୈର୍ଯ୍ୟନାହିଁ ତା ପାଖରେ । ଆଜିକୁ ମାସେ ହେଲା ଲାଗିଛି ଗାଆଁର ୱାର୍ଡ଼ମେମ୍ବର ଟୁକୁନା ରାଉତ ସାଥିରେ କ'ଣ ଗୋଟିଏ ଲୋନ ଆଣି ଛୋଟିଆ ଦୋକାନ ଟିଏକରି ବ୍ୟବସାୟ ଆରମ୍ଭ କରିବ ବୋଲି । ପାଠଶାଠ ତା ଦ୍ୱାରା ହେଲାନି ନବମ ଶ୍ରେଣୀରେ ଦୁଇଦୁଇଥର ଫେଲ ହେଲାରୁ ଆଉ ସ୍କୁଲ ଗଲାନାହିଁ । ଗାଁପିଲାଙ୍କ ସାଥିରେ ପଡ଼ି ବାତେରା ହେଲା । ଏଠିସେଠି ବୁଲି ବୁଲି ତାହା ଖେଳି ଗୁଲିଖଟି କଲା । ବାପ କହିଲେ ମୁହଁରେ ଜବାବ ଦେଲା । ପାଠ ହବନି ମୋ ଦେଇ ତମେ ଜମି ବିକ୍ରି କରି ପଇସା ଦିଅ ମୁଁ ବେପାର କରିବି । ଯଦି ନଦେବ ତେବେ ଦାଦନ ଖଟିବାକୁ ବାହାରକୁ ପଳେଇବ ଜାଣିଥା ମୁଣ୍ଡରେ ହାତ ଦେଇ ସେଦିନ ପିଣ୍ଡାରେ ବସି ପଡ଼ିଥିଲେ ତାର ବାପା ଦୀନବନ୍ଧୁ ଦାସ । ଦିନସାରା ଉପାସ ରହିଲେ ବଡ଼ କଷ୍ଟରେ ଓଠହାତ ଧରି ମନେଇଥିଲା ତାକୁ ସେଦିନ ମାଳତୀ । କହିଥିଲା ସରବାଟା ସିନା ପିଲାଲୋକ ଯାହା ମନକୁ ଆସିଲା କହି ଦେଉଛି ହେଲେ ତମେ ବୁଝିବା ଶୁଣିବା ଲୋକ ହୋଇ ଏମିତି ହେଉଛ ? ତମ ବାପ ପୁଅ ଦୁହିଁଙ୍କ ମଝିରେ ମୁଁ ପେଷି ହୋଇ ଯାଉଛି ।

ମାଳତୀ ଆଖିରେ ଲୁହଦେଖି ସମ୍ଭାଳି ପାରିଲାନି ଦନେଇ । ସବୁ ମାନ ଅଭିମାନକୁ ପଛକୁ ପକାଇ ଖାଇବସିଲା । ରାତି ରେ ଶୋଇବା ବେଳକୁ ମାଳତୀକୁ କହିଲା ଏକୋଇର ବାଳା ବିଶିକେଶନ ଆମର ସରବା । ତା ଛଡ଼ା ଆଉ କିଏ ଅଛି ଯେ ଆମ ମୁହଁରେ ଟୋପାଏ ପାଣି କି ନିଆଁଟିକିଏ ଦେବ କହିଲୁ । ସିଏ ଯଦି ଦାଦନ ଖଟିବାକୁ ବାହାରକୁ ଯିବ ଆମେ ବଞ୍ଚିପାରିବା ଟି ?

ଆଉ ସେ ଜମି ବିକିବାକଥା କହୁଛି ଯେ ଆମର ତ ଜମା ମାଣଟିଏ ଜମି । ତାକୁ ମିଶାଇ ଅନ୍ୟମାନଙ୍କର ଭାଗଚାଷ କରିବା ଏ ପରିବାରକୁ ଆଜିଯାଏ ପୋଷି ପାରୁଛି । ନହେଲେ କୋଉ କାଳୁ ଭୋକ ଓପାସରେ ମରି ସାରନ୍ତେଣି । ମନରେ ଭାବିଥିଲି ସରବାର ଆମର ପାଠସାଠ ପଢ଼ି ଚାକିରି ବାକିରି କରିବ ବଡ଼ ମଣିଷ ହେବ । ଆମ ଦୁଃଖ ଦୂର ହେବ । ହେଲେ ସେ ସୁଖ ମୋ ଭାଗ୍ୟରେ ନାହିଁ । ଜମିବାଡ଼ି ଥିଲେ ସେଇ ଖାଇଥାନ୍ତା  ବିକିଲେ ସେଇ ଉପାସ ରହିବ । ଆମ ବୁଢ଼ାବୁଢ଼ି ଦୁଇଜଣଙ୍କର ଆଉ କୋଉ ଜୀବନ ଅଛି ଯେ । ଯଦି ସେ କହୁଛି ତେବେ ଏ ଜମିବାଡ଼ିକୁ ବିକ୍ରି ନକରି ବରଂ ବ୍ୟାଙ୍କରେ ବନ୍ଧାରଖି କିଛି ଋଣ କରୁ । ବେପାର କରି ପରେ ଶୁଝିଦେବ । ବାପାଙ୍କ ସେଇ ଆଶ୍ୱାସନାର କଥା ପଦକ ସକାଳୁ ଶୁଣେଇ ଦେଇଥିଲା ସର୍ବେଶ୍ୱରକୁ । ସର୍ବେଶ୍ୱର ଖୁସି ହୋଇ ଧାଇଁଯାଇଥିଲା ଗାଁର ୱାର୍ଡ଼ମେମ୍ବର ଟୁକୁନା ରାଉତ ପାଖକୁ । ଟୁକୁନା ରାଉତ ସାଥିରେ ଗାଁଟୋକାଙ୍କର ଭଲ ମେଳ । ସେଇ ମାନଙ୍କୁ ଖାଇବା ପିଇବାକୁ ଦେଇ ବେଶ ରଖିଥାଏ ସେ । ଗାଁର ସବୁ ଉନ୍ନତିମୂଳକ କାର୍ଯ୍ୟ ସେମାନଙ୍କୁ ଧରି ସହଜରେ କରିଥାଏ ଟୁକୁନା । ତାର ସରଳ ବ୍ୟବହାର ଆଉ ସଚ୍ଚୋଟପଣିଆ ଯୋଗୁଁ ଗାଁରେ ସେ ସମସ୍ତଙ୍କର ପ୍ରିୟ । ସେଇ ଟୁକୁନାକୁ ଧରି କୋଉଗୋଟାଏ ବ୍ୟାଙ୍କରେ କିଛି ଲୋନ ଆଣିବା ଲାଗି ଧାଉଁଥିଲା ସରବା । ହେଲେ ଆଜି କାହିଁକି ଏମିତି ଭୁଷୁଣ୍ଡା ମୁହଁକରି ଫେରିଛି କେଜାଣି ।

କିଛି ସମୟପରେ ବାଆଁରେଇ ହୋଇ ସରବା ପାଖରେ ଯାଇ ପହଞ୍ଚିଲା ମାଳତୀ । ଖଟ ଉପରେ ମୁହଁ ମାଡ଼ି ଶୋଇଥିବା ସରବାର ମୁଣ୍ଡକୁ ଆଉଁସି ଦେଲା ସ୍ନେହରେ । କହିଲା ଆରେ ବାପା ଖରାତରାରେ ବୁଲି ବୁଲି ଥକି ଯାଇଥିବୁ, ଆ ମୁଠାଏ କ'ଣ ଖାଇଦେଇ ଆସି ଶୋଇବୁ ପଛେ । ନାଗସାପ ଭଳି ଫଣା ଟେକିଉଠିଲା ସରବା ଆଉ ଏ ଘରେ ପାଣି ଛୁଇଁବିନି । ତମେ ଦି ଜଣ ମିଶି ମୋତେ ଯୋଉ ବେଜିତ କରିଛନା ଆଉ କାହାକୁ ମୁହଁ ଦେଖାଇ ପାରିବିନି ମୁଁ । ଜୀବନ ହାରିଦେବି ନହେଲେ ଏ ଗାଁ ଛାଡ଼ି ଚାଲିଯିବି କୁଆଡ଼େ । ଏକା ନିଶ୍ୱାସକେ

ଏତକ କହି ସଁ ସଁ ହେଉଥିଲା ସରବା । କାବା କାଠ ହୋଇ ତାକୁ ଚାହିଁରହିଥିଲା ମାଳତୀ । ସେ ବୁଝିପାରୁ ନଥିଲା ଯେ କ'ଣ ଭୁଲ ହୋଇଛି ସେମାନଙ୍କ ଦ୍ୱାରା ଯେ ଏତେବଡ଼ କଥା କହୁଛି ସରବା । ତଥାପି ନେହୁରା ହୋଇ ପଚାରିଲା ପୁଅକୁ ଆରେ କ'ଣ ହୋଇଛି କହୁନୁ । କ'ଣ କଲୁଆମେ ଦି ଜଣ । କ'ଣ ପାଇଁ ତୁ ମୁହଁଦେଖାଇପାରିବୁନି କାହାକୁ । କାହିଁକିରେ ପୁଅ । ସେମିତି ଗର୍ଜିଗର୍ଜି ଉତ୍ତର ଦେଲା ସରବା ତୁ ଜାଣିନୁ ? ଯୋଉ ଜମିକୁ ବ୍ୟାଙ୍କରେ ବନ୍ଧାପକାଇ ଟଙ୍କା ଆଣି ବେପାର କରିବାପାଇଁ ମତେ ଫୁସୁଲୋଉଥିଲୁ ସେଇ ଜମିକୁ ସତର ବନେଇବା ପାଇଁ ଏତକ ନାଟ କରିଛ । ଟୁକୁନା ଭାଇ ପାଖକୁ ଦୌଡ଼ି ବ୍ୟାଙ୍କରେ ରଣ ମଞ୍ଜୁର ହେଲାବେଳକୁ ଧରା ପଡ଼ିଲା ଯେ ମୁଁ ବନ୍ଧକଦେବାକୁ ଚାହୁଁଥିବା ଜମିଖଣ୍ଡିକ ବହୁ ବର୍ଷ ତଳୁ ବନ୍ଧା ପଡ଼ିସାରିଛି ବ୍ୟାଙ୍କରେ । ମାଛ ପୋଖରୀ ଖୋଳିବାକୁ ପାଞ୍ଚହଜାର ଟଙ୍କାର ରଣ କରିଥିଲେ ବାପା ସିଏ ବଢ଼ି ବଢ଼ି ଆଜି ତିରିଶ ହଜାର ହେଲାଣି । ଟୁକୁନାଭାଇର ମୋର ଇଜ୍ଜତ ଦିକଡ଼ାର ହେଲା କି ନାହିଁ । ମୋ ପାଇଁ ସିଏ ମଧ୍ୟ ବେଇଜ୍ଜତ ହେଲା କି ନାହିଁ ।

ଆଶ୍ଚର୍ଯ୍ୟ ହୋଇ ଦୁଇପାଦ ପଛ ଘୁଞ୍ଚି ଗଲା ମାଳତୀ । ଧକ୍କା ଖାଇଲା ଯାଇ ଅନେକ ବେଳରୁ ଆସି ତା ପଛରେ ଛିଡ଼ା ହୋଇଥିବା ଦନେଇ ସହିତ । ଗଛରୁ ପଡ଼ିଲାଭଳି ଆଁ କରି ଚାହିଁ ରହିଥିଲା ଦନେଇଁ । ସେ ବିଶ୍ୱାସ କରିପାରୁନଥିଲା ଯେ ଯାହା ସରବା କହିଲା ସେଇଟା ସତ କଥା ବୋଲି । ଷାଠିଏ ବର୍ଷଭିତରେ ଜୀବନରେ ଥରେ ହେଲେ ବି ବ୍ୟାଙ୍କ ଦୁଆରମୁହଁ ମାଡ଼ି ନଥିବା ଦନେଇ ଦାସ ନାଁରେ ପୁଣି ଜମି ବନ୍ଧାଦେଇ ପାଞ୍ଚହଜାର ଟଙ୍କା ରଣ । କିଏ ଆଣିଲା । କେତେବେଳେ କେମିତି ? ଆଉ ସବୁଠାରୁ ବଡ଼ କଥା ହେଲା ମାଛପୋଖରୀ ପାଇଁ ସେ ରଣ କରିବା କଥା । ଦନେଇ ଦାସର ଦି ଡିସିମିଲିଘର ଡିହ ଛାଡ଼ିଦେଲେ ଆଉ ବାଡ଼ି ଗୋବରେ ଗୋବେ ହେଲା ମଧ୍ୟ ଜମି ନାହିଁ । ସେ ପୋଖରୀ ଖୋଳିବ କେଉଁଠି ? ମାଛ ଚାଷ କରିବ କୋଉଠି ? ମୁଣ୍ଡ ଗୋଳମାଳ ହୋଇ ଯାଉଥିଲା ଦନେଇର ତଣ୍ଟି ଶୁଖି ଅଠା ଅଠା ହୋଇ ଯାଉଥିଲା ମୁଣ୍ଡ ଘୁରାଇ ଧୁମ୍ କରି ଗଛ କାଟିଲା ପରି ଗଳି ପଡ଼ିଲା ସିଏ । ହାଉଳି ଖାଇ କାନ୍ଦିଉଠିଲା ମାଳତୀ । ଖଟ ଉପରୁ ଚମକି ଉଠି ଦୌଡ଼ି ଆସିଲା ସରବା । ଦନେଇ ମୁହଁରେ ପାଣି ଛାଟି ସାଷ୍ଟମ କଲେ ମା ପୁଅ ଦିହେଁ । ଧୀରେ ଧୀରେ ଆଖିଖୋଲି ଚାହିଁଲା ଦନେଇ । ଭେଁଭେଁ କାନ୍ଦିଉଠିଲା କହିଲା କିଏ ମୋର ତଣ୍ଟିକାଟି ନେଲାରେ ସରବା । ମୁଁ ସର୍ବସ୍ୱାନ୍ତ ହୋଇଗଲି । କିଏ ଏମିତି ମୋ ସାଥିରେ ଦାଉ ସାଧିଲାରେ ପୁଅ । ମୁଁ ଏବେ କ'ଣ କରିବି । କୁଆଡ଼େ ଯିବିଲୋ ମାଳତୀ । କାନ୍ଦିକାନ୍ଦି ବୁଢ଼ାର ତଣ୍ଟି ଶୁଖିଯାଉଥିଲା । ପୁଣି ପାଣିଢ଼ୋକେ ପିଇଲା । ଥରଥର ଗଳାରେ କହିଲା ତୋ ବୋଉ ଆଉ ତୋର ମୁଣ୍ଡରେ ହାତ ରଖି କହୁଛିରେ ଧନ ମୁଁ କେବେହେଁ ବ୍ୟାଙ୍କ ଦୁଆର ମାଡ଼ିନି । କୋଉଠୁ ଟଙ୍କାଟିଏ ମଧ୍ୟ ରଣ କରି ନାହିଁ ଜୀବନରେ । ମୋ ବାପା ମୋ ଧନ ତୁ ବିଶ୍ୱାସ କର ମୋତେ ମୁଁ ମିଛ କହୁନାହିଁରେ । ମିଛ କୁହଥିଲେ ମୋ ଆଖି ଫୁଟିଯିବ । ମୋ କଥା ବିଶ୍ୱାସକର । ମୁଁ ଏ ରଣ କରିନି । କେହି ଜଣେ ମୋ ନାଁରେ ମିଛ କହିଛି । ଦନେଇର ମୁହଁ ଦେଖି ସରବା ଆଉ ମାଳତୀକୁ ଲାଗୁଥିଲା ସେ ସତ ହିଁ କହୁଛି ହେଲେ ବ୍ୟାଙ୍କବାଲା କାହିଁକି ମିଛ କହିବ । କାଗଜପତ୍ର ନଦେଖି ସେ କ'ଣ ମିଛ କହିବ ? ସରବାର ମୁଣ୍ଡ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା । ସେ ଧାଇଁଲା ଟୁକୁନା ରାଉତ ପାଖକୁ । ତାକୁ ସବୁ ଘଟଣା ଜଣାଇଲାପରେ ଦୁହେଁ ସାଥି ହୋଇ ଫେରିଲେ ଦନେଇଦାସଙ୍କ ପାଖକୁ । ଟୁକୁନା ରାଉତ ସାନ୍ତ୍ୱନା ଦେଲା ମଉସା ବ୍ୟସ୍ତ ହୁଅନାହିଁ । ଯଦି ଏକଥା ମିଛ ହୋଇଥାଏ ତେବେ ଦିନେ ଦୁଇଦିନ ଭିତରେ ସତକଥା ମୁଁ ନିଶ୍ଚୟ ଖୋଜି ବାହାର କରିଦେବି । ଏଠିକାର ନୂଆ ତହସିଲଦାର ଜଣେ ସୁଦକ୍ଷ୍ୟନିଷ୍ଠ ଯୁବକ । ସେ ଜଣେ ଖୁବ୍ ସଚ୍ଚୋଟ ଅଫିସର ମଧ୍ୟ । ଅନ୍ୟାୟ ଅନୀତିକୁ ମୋଟେ ସହି ପାରନ୍ତି ନାହିଁ । ତାଙ୍କ ସହିତ ଭଲ ସଂପର୍କ ଅଛି ମୋର । ଆମେ ସାଙ୍ଗ ହୋଇ କାଲି ସକାଳେ ଯିବା ତାଙ୍କ ପାଖକୁ । ତାଙ୍କୁ ସବୁକଥା ଜଣାଇବା ଦେଖିବା କ'ଣ ସାହାଯ୍ୟ କରିପାରିବେ ଆମକୁ ।

ପରିଦିନ ସକାଳୁ ସକାଳୁ ସମସ୍ତଙ୍କୁ ନିଜ ସାଥିରେ ନେଇ ତହସିଲଦାରଙ୍କ ଅଫିସରେ ପହଞ୍ଚିଲା ଟୁକୁନା ରାଉତ । ବହୁତ ଅନୁରୋଧ କରି ସାକ୍ଷାତକାର ପାଇଁ ସମୟନେଇ ଭେଟ କଲେ ସମସ୍ତେ ଦନେଇଦାସ ମୁହଁରୁ ସବୁକଥା ଗୋଟିଗୋଟି କରି ଶୁଣିଲେ ତହସିଲଦାର ଶ୍ରୀ ବିଭାସ କାନୁନଗୋ । କିଛି ସମୟ ଆଖି ବନ୍ଦକରି ଚିନ୍ତାକଲେ ତାପରେ ପଚାରିଲେ ଆଚ୍ଛା ମଉସା ! ଗୋଟିଏ କଥା ଆପଣ ମତେ ମନେ ପକାଇ କୁହନ୍ତୁ ଆପଣ କେବେ ଆପଣଙ୍କ ଜମିରେ ପଟା କାହାକୁ ଦେଇଥିଲେ କି କେବେବି କୌଣସି କାରଣରୁ ?

ବିଜୁଳି ଭଳି ଝଲସି ଗଲା ଦନେଇଦାସଙ୍କ ଆଖିରେ ଅନକେଦିନ ତଳର ଗୋଟିଏ ଦୃଶ୍ୟ । ସର୍ବେଶ୍ୱର ସେତେବେଳକୁ ତିନିବର୍ଷର ହୋଇଥାଏ, ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେଲା ଆଠଦିନଧରି ଗାଁ ଡାକ୍ତରଖାନାରେ ଚିକିତ୍ସାପରେ ଡାକ୍ତର କହିଲେ

ତୁରନ୍ତ କଟକ ବଡ଼ଡାକ୍ତରଖାନାକୁ ନେବାକୁ ପଡ଼ିବ । ପିଲାର ଅବସ୍ଥା ସଙ୍କଟାପନ୍ନ । କାଣି କଉଡ଼ିଟିଏ ନଥିଲା ଦନେଇଙ୍କ ହାତରେ । କ'ଣ କରିବେ କୋଉଠୁ ଟଙ୍କା ପଇସା ଆଣିବେ କେମିତି ପୁଅର ଜୀବନ ବଞ୍ଚେଇବେ ବୋଲି ଭାବି ତାଙ୍କଘର ଠାରୁ ଅଳ୍ପଦୂରରେ ଘର କରିଥିବା ଗାଁ ସରପଞ୍ଚ ପଦ୍ମନାଭ ସାହୁଙ୍କ ପାଖକୁ ଧାଇଁଯାଇଥିଲେ ସେ ଭଲ ଭାବରେ ଜାଣିଥିଲେ ଯେ ପଦନି ସାହୁ ବିନା କୌଣସି ବନ୍ଧକରେ ପାହୁଲାଟିଏ ଦିଅନ୍ତି ନାହିଁ କାହାକୁ । ତେଣୁ ହାତରେ ଜମି ବାଡ଼ି କାଗଜପତ୍ର ଧରି ଯାଇଥିଲେ । ସେତକ ତାଙ୍କର ପାଦତଳେ ଥୋଇ ପାଞ୍ଚଶହ ଟଙ୍କା ଆଣିଥିଲେ ପୁଅକୁ ଘରକୁ ଫେରିବାପରେ ମାଳତୀକୁ କହିଥିଲେ ସେକଥା । ମାଳତୀ ବ୍ୟସ୍ତହେଶଇପଡ଼ିଥିଲେ ଜମିବାଡ଼ି କାଗଜପତ୍ର କଥା ଶୁଣି । କହିଥିଲେ ଆମେ ଗରିବ ଲୋକ କେତେବେଳେ କୋଉକଥା । କଦନୀସାହୁ ଭଲଲୋକ ନୁହନ୍ତି । ତମେ ଆଗ ତାଙ୍କର ଉଧାର ଶୁଝି ଆମ କାଗଜପତ୍ର ନେଇଆସ । ତାଙ୍କ ବାପଘରର ଏକମାତ୍ର ସନ୍ତକ ହଳେସୁନାର କାନଫୁଲକୁ ଜବରଦସ୍ତି ବିକ୍ରିକରି ପଦନି ସାହୁର କରଜ ସୁଧମୂଳଦେଇ ଶୁଝି ଦେଇଥିଲେ ଦନେଇ । ହେଲେ ଜମିକାଗଜପତ୍ର ଫେରିପାଇବାକୁ ତାଙ୍କୁ ଛଅମାସ କାଳ ଦୌଡ଼ିବାକୁ ପଡ଼ିଥିଲା ସାହୁର ଘରକୁ । ସେଇଦିନଠାରୁ ଆଉ କେବେ ବି କୌଣସି ଧାରକରଜ କରିନାହାନ୍ତି ଜୀବନସାରା । ତହସିଲଦାରଙ୍କ ମୁହଁ ଏବେ ଉଜ୍ଜ୍ୱଳ ଦେଖାଗଲା । ସତେକି ସେ ଅନ୍ଧାର ଭିତରେ ସୂକ୍ଷ୍ମ ଆଲୁଅର ରେଖାଟିଏ ଦେଖିପାରିଲେ । ଦନେଇଦାସକୁ ଆଶ୍ୱାସନା ଦେଇ କହିଲେ ମଉସା ଆପଣ ଏବେ ଘରକୁ ଫେରି ଯାଆନ୍ତୁ ମୁଁ ଚେଷ୍ଟା କରିବି ଆପଣଙ୍କର ସମସ୍ୟାର କିଛିଗୋଟିଏ ସମାଧାନ କରିବା ପାଇଁ ହେଲେ ମୋତେଟିକେ ସମୟ ଲାଗିବ । ଆପଣ ନିଶ୍ଚିନ୍ତ ହୋଇ ଯାଆନ୍ତୁ । ଟୁକୁନା ରାଉତକୁ କହିଲେ ତୁମେ ମଉସାକୁ ଘରେ ଛାଡ଼ି ତୁରନ୍ତ ଆସିବ ମୋ ପାଖକୁ । କାମ ଅଛି । ଶଙ୍କାକୁଳମନ ନେଇ ଘରକୁ ଫେରିଲେ ସମସ୍ତେ । ସତରେ କ'ଣ ଏଇ ନୂଆ ତହସିଲଦାର ବାବୁ ଆମକୁ ଏ ବିପଦରୁ ଉଦ୍ଧାର କରିପାରିବେ । ମନେମନେ ଠାକୁରଙ୍କୁ ଡାକୁଥିଲେ ମାଳତୀ । ହେ ପ୍ରଭୁ ମୋ ସ୍ୱାମୀ ନିର୍ମାୟା ଲୋକ ତାଙ୍କୁ ଏ ଷଡଯନ୍ତ୍ରରୁ ରକ୍ଷାକର ପ୍ରଭୁ । ଦିନ ଗଣିଗଣି କଟୁଥାଏ ତାର । ଟୁକୁନା ରାଉତର ମଧ୍ୟ ଆଉ ଦେଖାନଥାଏ । ସର୍ବେଶ୍ୱରର ମନ ବି ମରିମରି ଯାଉଥାଏ । ସେ ମଧ୍ୟ ଘରୁ ଆଉ ବେଶୀ ବାହାରକୁ ବାହାରୁନଥାଏ ।

ମାସକପରେ ଦିନେ ସକାଳୁ ହସହସ ମୁହଁରେ ଖବରକାଗଜ ଖଣ୍ଡିଏ ଧରି ଦନେଇଦାସଙ୍କଘରେ ପହଞ୍ଚିଲା ପାଟିକରି ଡାକ ଛାଡ଼ିଲା ଆରେ ସରବା ବାହାରକୁ ଆ ଦେଖିବୁ ମଉସାଙ୍କୁ ନ୍ୟାୟ ମିଳିଛି । ଏଇ ଖବର କାଗଜରେ ସବୁ ବାହାରିଛି ପରା, ଘର ଭିତରୁ ଧାଇଁ ଅଆସିଲେ ସାରା ପରିବାର । ଟୁକୁନା ରାଉତପାଖକୁ ମାଡ଼ିଗଲା ସର୍ବେଶ୍ୱର । ଦେଖିଲା ଗୋଟାଏ ଖବର ଉପରେ । ଟୁକୁନା ବଡ଼ ପାଟିରେ ପଢ଼ିଲା ଖବରରୁ ଶୀର୍ଷକ ସପନପୁର ଗାଁର ପୂର୍ବତନ ସରପଞ୍ଚ ଶ୍ରୀ ପଦ୍ମନାଭ ସାହୁ ଜମି ଜାଲିଆତି ଅପରାଧରେ ଗିରଫ । ତଳେ ଲେଖା ଅଛି ସୋନପୁର ଗାଁର ଗରବି ଚାଷୀ ଦୀନବନ୍ଧୁ ଦାସଙ୍କର ଜମି ବାଡ଼ି କାଗଜପତ୍ରକୁ ଜାଲିଆତି କରି ମାଛପୋଖରୀ ଋଣ ଆଣି ନିଜ ବାଡ଼ିରେ ପୋଖରୀ ଖୋଳି ମାଛଚାଷ କରିବାର ଅଭିଯୋଗ ହୋଇଥିଲା । ସ୍ଥାନୀୟ ତହସିଲଦାର ଏବଂ ବ୍ୟାଙ୍କ ମ୍ୟାନେଜରଙ୍କ ସହାୟତାରେ ମାମଲାର ଅନୁସନ୍ଧାନକରି ଶ୍ରୀପଦ୍ମନାଭ ସାହୁଙ୍କର ଏଥିରେ ସଂପୃକ୍ତ ଥିବାର ସତ୍ୟତାକୁ ପ୍ରମାଣିତ କରି ତାଙ୍କୁ ଗରିଫ କରିଛି ପୋଲିସ ।

ଆହୁରି ମଧ୍ୟ ଲୋକ ଅଦାଲତ ଶ୍ରୀପଦ୍ମନାଭସାହୁଙ୍କ ମାଛ ପୋଖରୀ ଋଣଟି ସମୂଳସୁଧ ବ୍ୟାଙ୍କେରେ ମାସକ ଭିତରେ ତୁରନ୍ତ ପଇଠ କରିବା ଲାଗି ଆଦେଶ ଦେଇଛି । ଦନେଇ ଦାସ ଦୁଇ ହାତ ଉପରକୁ ଟେକି ମୁଣ୍ଡରେ ଲଗାଇଲା । ମାଳତୀ ବେକରେ କାନି ଗୁଡ଼େଇ ଦଣ୍ଡବତ କରୁଥିଲା ପ୍ରଭୁଙ୍କ ଉଦ୍ଦେଶ୍ୟରେ । ଖୁସିରେ ଟୁକୁନା ରାଉତକୁ କୁଣ୍ଢେଇ ପକାଇଲା ସର୍ବେଶ୍ୱର, ତା'ର କାନ୍ଦୁରା ସ୍ୱର ଶୁଭୁଥିଲା ତୁମେ ଆମକୁ ବଞ୍ଚେଇଦେଲ ଟୁକୁନାଭାଇ । ଦାଣ୍ଡକୁ ବାହାରିଲା ବେଳକୁ ପଦନି ସାହୁର ଘର ପାଖରେ ଗାଁଟୋକାମାନଙ୍କ ଚିତ୍କାର ଶୁଭୁଥିଲା ମାଛ ପୋଖରୀ ଚୋର କିଏ ? ଆମ ପଦନି ସାହୁ, ଆଉ କିଏ ?

*ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ*

# ରିବନ

- ରାମ ପ୍ରସାଦ ବିଶୋଇ

କଜ୍ଜଳଗାର ଲଗା ବନ୍ଦ ଆଖିଭିତରୁ ତରବର ହେଇ ଗଡ଼ି ଯିବାକୁ ଚାହୁଁଥିବା କେଇ ବୁନ୍ଦା ଲୁହ ଅମାନିଆ ଫେନିଳ ଧାର ଅତର୍କିତ ଭାବେ ପାହାଡ଼ ଉପରୁ ହସି ଝରି ପଡୁଥିବା ଛାତି ତଳେ ପୁଞ୍ଜିଭୂତ କୋହ, କେତେବେଳେ କି କେଉଁଠି କେମିତି ମିଳିଯିବ କିଏ ଜାଣେ ପୁଣି ପର କରି ନିଜକୁ ନିଜେ ବିଛୁଡ଼ି ଯିବ । ଆଖିବନ୍ଧ ନଦେଖିପାରୁଥିବା ସେ ଦୂରତା, ସବୁ ସମ୍ପର୍କ ଡୋର ଛିଣ୍ଡାଇ । କାଲି ଆପଣାର କହୁଥିବା ମଣିଷ ଠାରୁ ଆଖି ବନ୍ଦ ଆଖି ଖୋଲିଲେ ଦିଶୁଥିବ ତା ଚେହେରା କିନ୍ତୁ ସେ ନଥିବ ବନି ଯାଇଥିବ ଆଉ କାହାର ବାଟୋଇର ଭୁଲ କେଉଁଠି ସେ ତ ପ୍ରେମ, ଏକ ଆକସ୍ମିକ ଦୁର୍ଘଟଣା ଏମିତି କଣ ଗୋଟିଏ ପରପୁରୁଷ ଭାବନାରେ ବାନ୍ଧି ହୋଇଗଲେ ନଷ୍ଟ ହୋଇଯାଏ ସତିତ୍ୱ ? କି ସଂକୀର୍ଣ୍ଣ ମାନସିକତା । ଏଭଳି ଦୌରାହୁଥିଲା ତା ସହକର୍ମଣି ନିବେଦିତା କିନ୍ତୁ ଆନମିକାକୁ ଭୋକିଲା ଆଖି ଗୁଡ଼ିକୁ ଦେଖିଲେ ଭୟ ଲାଗେ ତା ଦେହ କେମିତି ଲାଜରେ ଜଡ଼ ସଡ଼ ହୋଇଯାଏ ଏଇତ କାଲି ତା ବନ୍ଧୁ ସାଗର କହୁଥିଲା ଆନମିକା ଆଜିକାଲି ମତେ କ'ଣ ତୁମକୁ ଭେଟିବାକୁ ତୁମ ଅନ୍ଧ ବୁଢ଼ା ବାପଙ୍କର ଅନୁମତି ଆଗତୁରା ସାକ୍ଷାତ ପାଇଁ ନେବାକୁ ପଡ଼ିବ ।

ମୁଁ ରୋକଠୋକ କହି ଦେଇଥିଲି ମୁଁ ତୁମ ଭାବି ପତ୍ନୀ ନୁହେଁ ବି ପ୍ରେମିକା, ତୁମେ ତୁମ ପ୍ରେମିକାକୁ ସେଭଳି ଦୋଷାରୋପ କରିପାରିବ ମୋ ବାପଙ୍କ ମୋ ସମ୍ପର୍କ ଭିନ୍ନ ସ୍ୱାଦରେ ଗଢ଼ା ଏତେଟା ସ୍ୱାର୍ଥପର ହୋଇପାରିବି ନାହିଁ ।

ଲହଡ଼ି ଯେତେ ଉପରକୁ ଉଠିଲେ ବି ବେଳାଭୂମି ନିକଟରେ ମୁଣ୍ଡ ନୂଆଇଁ ବାକୁ ବାଧ ଦେଖୁନ ଆକାଶ, ପାଣି ମାଟି ସମସ୍ତେ ସମୟ ସହ ନିବନ୍ଧିତ । ମୁଁ ବି ମୋ ବାପାଙ୍କ ସହ ନିବନ୍ଧିତ । ଆଜିଠାରୁ ମତେ ଡାକିବା ବି ଦରକାର ନାହିଁ ଯଦି ମୋ ଅନ୍ଧ ବାପା ତୁମ ପାଇଁ ଏକ ବର୍ଜ୍ୟ ବସ୍ତୁ ସାଜନ୍ତି । ଏହା କହି ସେ ଫେରି ଆସିଥିଲା ।

ସେଦିନଠାରୁ ଆଉ ସାଗର ସହ ବି ଦେଖା ହୋଇନି ।

ପିଲାଟି ଦିନରୁ ମା ଛେଉଣ୍ଡ, ବାପା ବିଳମ୍ବରେ ବିବାହ କରିଥିଲେ ତେଣୁ ବର୍ତ୍ତମାନ ସେ ଚାକରିରୁ ଅବ୍ୟାହତ ନେଇ ସାରିଛନ୍ତି କେବଳ ମୁଁ ଏକା ତାଙ୍କ କଥା ବୁଝିବାକୁ ସ୍ୱଳ୍ପ ବେତନ ଧାରି ଭିତରେ ବାପା ଓ ଝିଅ ଆମ ଦୁହିଁଙ୍କ ସଂସାର ।

ବାପା କହନ୍ତି, ଚେଷ୍ଟା କରିବା ଲୋକ କେବେ ହାରେ ନାହିଁ ନୌକା ଯଦି ଲହଡ଼ିକୁ ଡରିବ ତା ହେଲେ କେବେ ଦରିଆପାର କରି କୂଳରେ ପହଞ୍ଚି ପାରିବନାହିଁ । ଘରେ ପହଞ୍ଚିଲି । ଅନ୍ଧାର ବସିଥାନ୍ତି ବାପା, ତାଙ୍କ ପୁରୁଣା ଟାଇପ ମେସିନ ନେଇ । ଘରଟି ସିଗାରେଟ ଧୂଆଁରେ ଭର୍ତ୍ତି, ତାଙ୍କ ପାଇଁ ଅବଶ୍ୟ ଅନ୍ଧାର ଆଲୋକ ଭିତରେ କିଛି ଫରକ ନାହିଁ ।

ମୁଁ କହିଲି ବାପ, ଏମିତି ମୁଁ ତୁମ ଠାରୁ ଅଧିକା ଧୂଆଁ ପିଇବାରେ ଅଭ୍ୟସ୍ତ ହେଇଗଲିଣି । ଆଜିକାଲି ତୁମକୁ ଚାହା କି କଫିର ଫରକ ଜଣା ପଡୁନି । କେତେଦିନ ଏମିତି ମୁଁ ଦୌଡ଼ ଲଗାଇ ଚାଲିଥିବି । କେତେବେଳେ ହସ୍ପିଟାଲ କେତେବେଳେ ଆଉ କୁଆଡ଼େ ନିଜ କାମ ନିଜେ କରିବା ଶିଖ । ରାତି ସାରା ତୁମ ଟାଇପ ମେସିନର ଟିକଟିକ ଶବ୍ଦ ଯୋଗୁଁ ଶୋଇବି ପାରୁନି । ବାପା କହିଲେ ଦେଖ ମା ମୁଁ ଲେଖିଛି କେହି ହେଲେ ଜଣେ ତ କିଣିବ ମୋ କାହାଣୀ । ମୁଁ ଜାଣେ ବିନା ପଇସାରେ ଚଳିବା କେତେ କଷ୍ଟ । ସେଦିନ ଏମିତି ସେ ବାହାରି ପଡ଼ିଥିଲେ ଏକୁଟିଆ ମିଶିବାକୁ ଜଣେ ନିର୍ଦ୍ଦେଶକଙ୍କୁ ମୁଁ କହିଲି ବାପା ଆଜି ମୋ କଲେଜକୁ ଯିବା ମନା କଲେ କାରଣ ତାଙ୍କୁ ତାଙ୍କ ପରିଚୟ ସହ ଏମିତି କିଛି ମାଧ୍ୟମ ଦରକାର ହେଲେ ଆଜିକାଲି ପରିଚୟ ନଥିବା କଥାକାରଙ୍କୁ କିଏ ସମୟ ଦେଉଛି ତା ପରେ ସେ ଦିନ ହିଁ ବାପାଙ୍କ ଆକ୍ସିଡେଣ୍ଟରେ ଆଖି ଦୁଇଟିକୁ ହରାଇବାକୁ ପଡ଼ିଥିଲା ।

ବାପା କହିଲେ ଝିଅ ଦେଖିଲୁ କ'ଣ ଲେଖିଛି ପଢ଼ିଲୁ କେମିତି ହୋଇଛି ।

ମୁଁ ଗୋଟାଇନେଲି ତଳେ ବିଛା ହୋଇ ପଡ଼ିଥିବା କେଇଖଣ୍ଡ କାଗଜ ଦେଖିଲି ଏ କ'ଣ ସବୁ ଲେଖା ଅସ୍ପଷ୍ଟ ବାପାଙ୍କୁ କହିଲି ବାପା ତୁମ ଟାଇପ ମେସିନର ରିବନ ସରିଯାଇଛି କେଇଥର କହିବି ବାପା ରିବନ ସରିବା ପୂର୍ବରୁ

ମୋତେ କୁହନ୍ତୁ ମୁଁ ନେଇ ଆସିବି ବାପା କହିଲେ ହଁ କୋରସ ରିବନ ନେଇ ଆସିବୁ ମୋ ଭଳି ଏ ଟାଇପ ମେସିନ ବି ଘସରା ହୋଇଯାଇଛି ।

ଏଇ କିଛିଦିନ ହେବ ସେ ଦିନ ତମାମ କେଇକପ ଚାହା ସିଗାରେଟ ଓ ଟାଇପ ମେସିନର ଟିକଟିକ ଶବ୍ଦ ସହ କେବଳ ଜଡ଼ିତ ନା ଖାଇବା ନା ଗାଧୋଇବା ନା ଅନ୍ୟକିଛି ନିଜ ଭିତରେ ବୋଧେ ସେ ନିଜ ପରିଚୟ ଯେମିତି ଖୋଜି ଚାଲିଛନ୍ତି ଅବା ନିଜ ଲେଖା ମାଧ୍ୟମରେ ମୁକ୍ତି କିମ୍ବା ଅମରତ୍ୱ । ତା ପରଦିନ ଫେରି ଆସିଲି ଟାଇପ ମେସିନରେ ରିବନ ଯୋଡ଼ିଦେଲେ ସଙ୍ଗେ ସଂଗେ ଆରମ୍ଭ ହୋଇଗଲା ବାପାଙ୍କ ଟିକଟିକ । ବାପାଙ୍କୁ ପଚାରିଲି ବାପା ସମ୍ପର୍କ କ'ଣ ଏମିତି ଭଂଗା ଗଢ଼ା ଭିତରେ ଚାଲିଥାଏ ?

ସେ କହିଲେ ସେ ଏକ ସମପରିମାଣର ମିଶ୍ରଣ ସେଥିରେ ଭାବ ଭକ୍ତି ପ୍ରେମ ଓ ବିଶ୍ୱାସ ଜଡ଼ିତ ଯଦି ଏଥିରୁ କୌଣସି ଗୋଟିଏ ଭାଗ ମାପ ବିଚ୍ୟୁତ ଘଟେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।

ତାପରଦିନ ମୁଁ ଘରକୁ ଫେରୁ ଫେରୁ ବାପା ହଠାତ ଉଠିଲେ ଆଲୁଅ ଜାଳିଦେଇ ଆଉ କହିଲେ ଏତେ ଦିନ ହେଲା ମୁଁ ଯାହା ଲେଖିବାକୁ ଚାହୁଁଥିଲି ଆଜି ଲେଖିଦେଲି । ତୁ ଭାବୁଥିଲୁ ନା ମା ହସ୍ପିଟାଲରେ ଶୋଇରହି ମୁଁ କରୁଥିଲି । ମୁଁ ସ୍ୱପ୍ନରେ ଗଢ଼ି ଚାଲିଥିଲି ମୋ କାହାଣୀର ଚରିତ୍ରଗୁଡ଼ିକୁ ଆଉ ସେଗୁଡ଼ିକୁ ଆଜି ଠିକରୂପେ ମୋ କାହାଣୀରେ ରୂପ ଦେଇଛି । ତୁ ପଢ଼ିନେ ମା ଆଉ ତୋତେ ସୁବିଧା ହେବ ବୋଲି ଆଲୁଅ ଜାଳିଦେଲି । ଜଣେ ନିଶ୍ଚୟ ମୋ କାହାଣୀକୁ କିଣିନେବ । ଆମର ସମସ୍ତ ଅସୁବିଧା ଦୂର ହେବ ଓ ମତେ ବି ଗୋଟିଏ ପରିଚୟ ମିଳିଯିବ । ଯେଉଁ ପରିଚୟକୁ ମୁଁ ଏଯାବତ ଖୋଜିଚାଲିଛି ।

ଆନମିକା ଦେଖିଲେ ଟାଇପ ମେସିନରୁ ବାହାରି ଗୁଡ଼ିଏ ଧଳା କାଗଜ ଏପଟେ ସେପଟେ ଚଟାଣରେ ପଡ଼ିଛି ଓ ଟାଇପ ମେସିନର ରିବନଟି ଛିଣ୍ଡି ଝୁଲୁଛି ମୋ ପାଟିରୁ ବାହାରିପଡ଼ିଲା ଓଃ ରିବନ ! ବାପା କହିଲେ ହଁ କୋରସ ରିବନ ।

ନ୍ୟୁ କଲୋନୀ, ରାୟଗଡ଼ା

# ଡିସେମ୍ବର - ୧୪, ଅତ୍ୟାଚାରୀ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଷ୍ଟିଭେନସ ହତ୍ୟାରେ ସର୍ବ କନିଷ୍ଠ ବିପ୍ଳବୀ କିଶୋରୀ ସୁନୀତି ଚୌଧୁରୀଙ୍କ ଭୂମିକା

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁସବୁ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀ ମାନଙ୍କର ଉଲ୍ଲେଖନୀୟ ବଳୀଦାନ ରହିଛି ତନ୍ମଧ୍ୟରୁ ସୁନୀତି ଚୌଧୁରୀ ଅନ୍ୟତମ । କିଶୋରୀ ବୟସରେ ବ୍ରିଟିଶ ଶାସନ ବିରୁଦ୍ଧରେ ସେ ଯେଉଁ ଅବିସ୍ମରଣୀୟ ଲଢୁଆ ନେତୃତ୍ୱ ପ୍ରଦର୍ଶନ କରିଥିଲେ ତାହା କିନ୍ତୁ କାଳକ୍ରମେ ଜନମାନସରୁ ପ୍ରାୟ ବିସ୍ମୃତ । ବର୍ତ୍ତମାନର କିଶୋରୀ ବାଳିକା ମାନେ ନିଜକୁ ଅସହାୟ ଓ ଅସୁରକ୍ଷିତ ମନେ କରୁଥିବା ବେଳେ ପ୍ରାକ ସ୍ୱାଧୀନ ଭାରତର ତତ୍କାଳୀନ ସାମାଜିକ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ସେ ସାହସର ଯେଉଁ ପରାକାଷ୍ଠା ଦେଖାଇଥିଲେ ତାହା ଆଜିର ସାମାଜିକ ବ୍ୟବସ୍ଥାରେ ଥିବା ନାରୀ ବର୍ଗଙ୍କପାଇଁ ପ୍ରଣୀଧାନଯୋଗ୍ୟ ।

ସୁନୀତି ଚୌଧୂରୀ ପରବର୍ତ୍ତୀ ସମୟରେ ସୁନୀତି ଘୋଷ ଭାବେ ପରିଚିତା । ଭାରତର ସ୍ୱାଧୀନତା ସଂଗ୍ରାମରେ ସଶସ୍ତ୍ର ବିପ୍ଳବୀ ଗୋଷ୍ଠୀରେ ଭାଗ ନେଇଥିବା ମହିଳାମାନଙ୍କ ମଧ୍ୟରୁ ଜଣେ । ତତ୍କାଳୀନ ପୂର୍ବବଂଗର ଚିଟ୍ଟାଗଂଗ ଇଲାକାର ଇବ୍ରାହିମପୁର ଗ୍ରାମରେ ମେ ମାସ ୨୨ ତାରିଖ ୧୯୧୭ ମସିହାରେ ସେ ଶ୍ରୀ ଉମାଚରଣ ଚୌଧୁରୀ ଓ ସୁରସୁନ୍ଦରୀ ଚୌଧୁରୀଙ୍କ କୋଳ ମଣ୍ଡନ କରିଥିଲେ । ବଂଗପ୍ରଦେଶ ଯାହାକି ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସାଂସ୍କୃତିକ ଅଭ୍ୟୁଦୟର ଏନ୍ତୁଡ଼ି ଶାଳ ଭାବେ ପ୍ରଖ୍ୟାତ, ସେଠାକାର ବହୁ ଯୁବବର୍ଗଙ୍କ ପରି ସୁନୀତିଙ୍କ ଅଭିବୃଦ୍ଧି ମଧ୍ୟ ଦେଶପ୍ରେମର ଉଷ୍ମତାରେ ରଂଜିତ ତଥା ନିମଜ୍ଜିତ ହୋଇଥିଲା । ତାଙ୍କର ମାତା ଜଣେ ଅତ୍ୟନ୍ତ ଧାର୍ମିକ ସ୍ୱଭାବର ମହିଳା ଥିଲେ ଏବଂ ତାଙ୍କର ଭାଇମାନେ ବିପ୍ଳବୀ ଗୋଷ୍ଠୀର ସକ୍ରୀୟ ସଦସ୍ୟ ଥିଲେ । ତତ୍କାଳନୀ ବଂଗ ପ୍ରଦେଶରେ ବିପ୍ଳବୀ ଦଳ ଓ ସେବା ଆଧାରିତ ଦେଶଭକ୍ତ ଗୋଷ୍ଠୀ ସବୁ ଭରି ରହିଥିଲେ । ସେଗୁଡ଼ିକ ବିଭିନ୍ନ ପ୍ରକାରରେ ବ୍ରିଟିଶ ଶାସକମାନଙ୍କୁ ବିରୋଧ କରିବା ତଥା ଭାରତୀୟ ସ୍ୱାଧୀନତା ସେନାମାନଙ୍କୁ ସେବା ଯୋଗାଇବା କର୍ମରେ ବ୍ୟାପୃତ ଥିଲେ । ଫୌଜୁନିଶା ବାଳିକା ବିଦ୍ୟାଳୟରେ ପଢୁଥିବା ସମୟରେ ସୁନୀତି ଚୌଧୁରୀ ବିପ୍ଳବାତ୍ମକ କାର୍ଯ୍ୟଆଡ଼କୁ ଟାଣି ହୋଇଯାଇଥିଲେ । ଏହା ତାଙ୍କ ସମ୍ପର୍କରେ କୁହା ଯାଇଥାଏ ଯେ ତାଙ୍କର ମନ, ସେଠାକାର ସ୍ଥାନୀୟ ଖ୍ୟାତନାମା ବିପ୍ଳବୀ ଭାବେ ଜଣାଶୁଣା ଶ୍ରୀ ଉଲ୍ଲାଶକର ଦତ୍ତାଙ୍କର ମହାନ ଦେଶପ୍ରେମ କୀର୍ତ୍ତି ସମ୍ପର୍କୀତ କାହାଣୀଦ୍ୱାରା ଗଭୀରଭାବେ ଅନୁପ୍ରାଣିତ ହୋଇଥିଲେ । ଉଲ୍ଲାଶଙ୍କର ଦତ୍ତ ଏବଂ ସୁନୀତି ଚୌଧୁରୀ ଏକ ଜିଲ୍ଲାରେ ଅବସ୍ଥାନ କରୁଥିଲେ । ସୁନୀତି ତାଙ୍କର ସହପାଠିନୀ ପ୍ରଫୁଲ୍ଲ ନଳିନୀ ବ୍ରହ୍ମାଙ୍କ ମାଧ୍ୟମରେ ଯୁଗାନ୍ତର ଦଳରେ ସାମିଲ କରାଯାଇଥିଲେ ଏବଂ ଅଳ୍ପଦିନ ମଧ୍ୟରେ ମେ ଛ ତାରିଖ ୧୯୩୧ ମସିହାରେ ତ୍ରିପୁରା ଜିଲ୍ଲା ଛାତ୍ରୀ ସଂଘର ଦଳପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା । ତାଙ୍କ ଜିଲ୍ଲାର ବିପ୍ଳବୀ ମାନଙ୍କ ମଧ୍ୟରେ ସେ ଜଣେ ଅସାଧାରଣ ପ୍ରତିଭାଧାରୀ ଭାବରେ ପରିଗଣିତ ହେବା ସହ ଯୁବା ବ୍ୟାଘ୍ରୀ ଓରଫ ମୀରା ଦେବୀ ଭାବେ ଜଣାଥିଲେ । ଏହି କାରଣ ପାଇଁ ତାଙ୍କୁ ଗୁପ୍ତ ଭାବରେ ଅସ୍ତ୍ରଚାଳନା ପ୍ରଶିକ୍ଷଣ ଦିଆଯାଉଥିବା ତାଲିମ ଶିବିରରେ ଯୋଗଦେବା ଲାଗି ବାଳିକା ବର୍ଗରୁ ତାଙ୍କୁ ଚୟନ କରାଯାଇଥିଲା । ଯେଉଁଠାରେ କି ଖଡ଼୍ଗ, ଲାଠି ଏବଂ ବନ୍ଧୁକ ଆଦି ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା ଦିଆଯାଉଥିଲା । ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ବହୁ ବାଳିକା ମଧ୍ୟ ଏହି ପକ୍ରାର ତାଲିମ ନେଇଥିଲେ କିନ୍ତୁ ସାଧାରଣତଃ ସେମାନଙ୍କର ତାଲିମ ପରେ ବାଳିକା ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀ ମାନେ ସିଧାସଳଖ ସଂଗ୍ରାମରେ ସାମିଲ ନହୋଇ ପ୍ରଚ୍ଛଦରେ ରହି ସଂଗ୍ରାମରେ ସହଯୋଗ କରୁଥିଲେ । ଅଥଚ ସୁନୀତି ଚୌଧୁରୀ ବିପ୍ଳବୀ ନେତାମାନେ ମଧ୍ୟ ମହିଳା ମାନଙ୍କୁ ଯୁଦ୍ଧରେ ସାମିଲ କରିବା ଉଚିତ ବୋଲି ବିଶ୍ୱାସ କରୁଥିଲେ କାରଣ ଏହି ସମୟରେ ବ୍ରିଟିଶ କର୍ମଚାରୀଙ୍କ ଉପରେ ବହୁ ଆକ୍ରମଣ ହୋଇସାରି ଥିବାରୁ ସେମାନଙ୍କର ନିରାପତା ବହୁ କଡ଼ାକଡ଼ିଭାବରେ ବଂଗପ୍ରଦେଶରେ ଜାରି କରାଯାଇଥିଲା । ସେ ଯୁଗରେ ମହିଳାମାନେ ଯେ ଆକ୍ରମଣକାରୀହୋଇ ପାରିବେ ତାହା ବ୍ରିଟିଶ କର୍ମଚାରୀଙ୍କ ଧାରଣା ବାହାରେ ଥିଲା । ବାଳିକାମାନେ ନିରାପତ୍ତା ବ୍ୟବସ୍ଥା ଆଖିରେ ଧୂଳିଦେଇ ସହଜରେ ଖସି ପାରୁଥିଲେ, କାରଣ ସେମାନଙ୍କୁ କମ୍ ସନ୍ଦେହ କରାଯାଉଥିଲା । ୧୯୩୧ ମସିହା ଡିସେମ୍ବର ୧୪ ତାରିଖରେ ସୁନୀତି ଚୌଧୁରୀ ଏବଂ ତାଙ୍କର

ସହପାଠିନୀ ଶାନ୍ତି ଘୋଷ ୧୫ ବର୍ଷ ପିତା ଦେବେନ୍ଦ୍ରନାଥ ଘୋଷ ଭିକ୍ଟୋରିଆ କଲେଜର ଦର୍ଶନ ପ୍ରଫେସର ତତ୍କାଳୀନ ବଂଗପ୍ରଦେଶର କମିଲା ଜିଲ୍ଲାର ଅତ୍ୟାଚାରୀଭାବେ କୁଖ୍ୟାତ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଚାର୍ଲସ ଜିଓଫ୍ରେ ଓ୍ୱକଲାଣ୍ଡ ଷ୍ଟିଭେନସଙ୍କୁ ଗୋଟିଏ ସ୍ୱିମିଙ୍ଗ କ୍ଲବ ଗଠନ ଓ ପହଁରା ପ୍ରତିଯୋଗିତା ଆୟୋଜନ କରିବା ସମ୍ପର୍କରେ ଅନୁମତି ମାଗି ତାଙ୍କର ବିଶାଳ ପ୍ରାସାଦରେ ଦେଖାକରିବା ପାଇଁ ଦରଖାସ୍ତ ଦେଇଥିଲେ । ତାଙ୍କ ସହ ମୁହାଁ ମୁହିଁ ଦେଖା ହେବା ମାତ୍ରେ ସେମାନେ ଖ୍ରୀଷ୍ଟ ମାସର ଅଭିବାଦନ ଜଣାଇ ସେ ଅତ୍ୟାଚାରୀ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଷ୍ଟିଭେନସଙ୍କୁ ଚକୋଲେଟ ଦେବାପରେ ତାଙ୍କ ଉପରକୁ ଓଢ଼ଣି ତଳେ ଲୁଚାଇଥିବା ରିଭଲଭରରୁ ଗୁଳିଚାଳନା କରିଥିଲେ ।

ସୁନୀତିଙ୍କ ରିଭଲଭରର ପ୍ରଥମ ଗୁଳି ଅତ୍ୟାଚାରୀ ଭାବେ କୁଖ୍ୟାତ ସେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଷ୍ଟିଭେନସଙ୍କର ମୁଣ୍ଡରେ ବାଜିଥିଲା ଏବଂ ସେଠାରେ ହିଁ ସେ ତତ୍‌କ୍ଷଣାତ୍ ଟଳି ପଡ଼ିଥିଲେ । ଗିରଫ କରାଯାଇଥିବା ସେହି ଦୁଇ ୧୪ ଓ ୧୫ ବର୍ଷୀୟା ବାଳିକାଦ୍ୱୟଙ୍କୁ ଅତ୍ୟନ୍ତ ବର୍ବରତାର ସହ ମାରି ଶାରୀରିକ ଅତ୍ୟାଚାର କରାଯାଇଥିଲା । ସେମାନଙ୍କୁ ପୋଲିସ ରିମାଣ୍ଡରେ ଆଣି ହେପାଜତରେ ଭୀଷଣ କଠୋର ସ୍ଥିତିରେ ରଖା ଯାଇଥିଲା । ତଥାପି ସେ ଦୁହେଁ ଏହି ଦୁର୍ବିସହ ପରିସ୍ଥିତିରେ ମଧ୍ୟ ଉଲ୍ଲସିତ ରହି ହସିହସି ଦେଶମାତୃକାର ବନ୍ଦନା କରୁଥିଲେ । ଆଶା କରାଯାଉଥିଲା, କି ଏ ଦୁଇ କିଶୋରୀ ବାଳିକାଙ୍କୁ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଷ୍ଟିଭେନସଙ୍କୁ ହତ୍ୟା କରିବା ଅପରାଧ ଲାଗି ମୃତ୍ୟୁଦଣ୍ଡ ଦିଆଯିବ । କିନ୍ତୁ ଏମାନଙ୍କର ଅପରିପକ୍ୱ ବୟସକୁ ଦୃଷ୍ଟିରେ ରଖି ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ସୁନୀତି ଚୌଧୁରୀଙ୍କୁ ଜେଲ ମଧ୍ୟରେ ଅଧିକାଂଶ ସମୟ ଏକାନ୍ତ ନିର୍ଜନ ସ୍ଥାନରେ ଅତ୍ୟନ୍ତ କଠୋର ସ୍ଥିତିରେ ରଖାଯାଉଥିଲା । ତାଙ୍କର ବୃଦ୍ଧ ପିତାଙ୍କର ପେନସନ ବନ୍ଦକରି ଦିଆଯାଇଥିଲା । ତାଙ୍କର ଅଗ୍ରଜ ଭାତୃଦ୍ୱୟଙ୍କୁ ବିନା ବିଚାରରେ ଜେଲରେ ଅଟକ ରଖାଯାଇଥିଲା । ଏହା ଦ୍ୱାରା ତାଙ୍କ ପରିବାର ଅନାହାରରେ ଚଳିବା ସ୍ଥିତିକୁ ଆସି ଯାଇଥିଲା । ଫଳରେ ତାଙ୍କର ଜଣେ ଅନୁଜ ଭ୍ରାତା ଅପପୁଷ୍ଟି ଜନିତ ରୋଗରେ ମୃତ୍ୟୁ ବରଣ କରିଥିଲା । ତଥାପି ଏହି ଅଗ୍ନି ପରୀକ୍ଷାକୁ ନିର୍ଭୀକ ଭାବେ ସେମାନେ ସହି ଯାଇଥିଲେ, ଯେମିତି ଏକ ବନ୍ଦିନୀ ମା'ର ପିଲାମାନେ ମା'ର ଅନୁପସ୍ଥିତିରେ ଯାତନା ସହିଥାନ୍ତି । ଚୁକ୍ତି ଭିତ୍ତିରେ ବହୁ ରାଜନୈତିକ ନେତା ମାନଙ୍କୁ ଖଲାସ କରିବା ସହ ସମାଜର ସବୁଠାରୁ ଅସହାୟ ଅବସ୍ଥାରେ ଥିବା ଲୋକ ଓ ଯେଉଁମାନେ ସାଧାରଣ ଜୀବନରେ ନିଜ ଚିକିତ୍ସା କରାଇବାରେ ଅସମର୍ଥ ସେମାନଙ୍କୁ ପ୍ରାଣପଣେ ଚିକିତ୍ସା ସେବା ଯୋଗାଇ ଦେଉଥିଲେ । ୧୯୪୭ ମସିହାରେ ଯେତେବେଳେ ଭାରତ ସ୍ୱାଧୀନ ହେବା ସହ ବିଭାଜନ ହେଲା ସେତେବେଳେ ସେ ଶ୍ରୀ ପ୍ରଦ୍ୟୋତ କୁମାର ଘୋଷଙ୍କୁ ବିବାହ କରିଥିଲେ । ଯେ କି ଜଣେ ଶ୍ରମିକ ନେତା ଥିଲେ । ସୁନୀତି ଚୌଧୁରୀ ୧୨ ଜାନୁଆରୀ ୧୯୮୮ ମସିହାରେ ୭୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ ।

ହିନ୍ଦୁ ନାରୀତ୍ୱର ଜ୍ୱଳନ୍ତ ପ୍ରତୀକ ସୁନୀତି ଚୌଧୁରୀଙ୍କୁ ଏ ଦେଶ ଆନ୍ତରିକ ସମ୍ମାନ ଜଣାଏ । ଏହା ଅତ୍ୟନ୍ତ ଗର୍ବର ବିଷୟ ଯେ ଦେଶ ବିଭାଜନ ପରେ ତତ୍କାଳୀନ ପୂର୍ବବଂଗ ବର୍ତ୍ତମାନର ବାଂଗଲାଦେଶ ଯାହା ପରାଧୀନ ଭାରତର ଅନେକ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇଛି, ସେଠାରେ ଏହି ବୀରାଙ୍ଗନାଙ୍କୁ ଶ୍ରଦ୍ଧାରେ ଭାରତର ଯୁବସମାଜ ସଦା ସ୍ମରଣ କରନ୍ତି ।

ଓଡ଼ିଶା ରାଜସ୍ୱ ସେବା ଅଧିକାରୀ

# ବୋଝ

**- ପ୍ରଫୁଲ୍ଲ ସାମଲ**

ସୀତାନାଥଙ୍କୁ ଯେତେବେଳେ ଏକୋଇଶ ବର୍ଷ ସେତେବେଳେ ସେ ବିବାହ କରିଥିଲେ ଲଳିତାଙ୍କୁ । ଲଳିତାଙ୍କୁ ହୋଇଥିଲା ଷୋଳ ବର୍ଷ, ଆଜି କାଲି ସ୍କୁଲ ଯିବାର ବୟସ । କିନ୍ତୁ ସେ ହାତେ ଲମ୍ବର ଓଢ଼ଣା ଟାଣି ଶାଶୁ ଶଶୁରଙ୍କର ପାଦୁକା ପାଣି ପିଇ ଘଣ୍ଟା ଘଣ୍ଟା ଧରି ମଚଳା ଠାରୁ ଆରମ୍ଭ କରି ଢ଼ିଙ୍କିଶାଳକରୁ ଢେଙ୍କାନାଳ ପର୍ଯ୍ୟନ୍ତ ଘରର ଦୁନିଆ ପାଇଟି ସାଂଗକୁ ସ୍ୱାମୀ ଦେବତାଙ୍କର ନିତି ଦିନିଆ ରାଗ, ରୋଷ, ଅଭିମାନକୁ ମୁଣ୍ଡରେ ବୋହି ନଣନ୍ଦ ଓ ସାଇପଡ଼ିଶା ମାଇପଙ୍କ ଟାହି ଟାପରାକୁ ହଜମ କରି ସ୍ତୀରୁ ମା'ହେଲେ ଓ ସେଇ ବୟସରେ ପୁଅ ଝିଅର ବିଧା ଗୋଇଠା ଝାଡ଼ା ପରିସ୍ରା ଗଂଜଣାକୁ ଦେହରେ ବୋଳି ହୋଇ ଆଜି ସେ ନିପଟ ଗୃହିଣୀ । ଅଥଚ ଝିଅକୁ ଆସି କୋଡ଼ିଏ ପୁରି ଏକୋଇଶି ହେଲାଣି ସିଏ କହୁଛି ଆହୁରି ପାଠ ପଢ଼ିବ ।

ପାଖ ଗାଁରେ କଲେଜ । ଘରୁ ଶାଗ ପଖାଳ ଖାଇ ସାଗରୀକା ବି.ଏ. ପାଶ୍ କଲାଣି । ବଡ଼ପୁଅ ଶଶାଂକର ଏଥର ଡାକ୍ତରୀ ପାଠର ଶେଷବର୍ଷ । ଲଳିତା, ସୀତାନାଥଙ୍କ କାନରେ କହିକହି ଥକି ଗଲାଣି । ସୀତାନାଥ ମଧ ଲଳିତାର କଥାକୁ ହଜମ କରି କରି ନାକେଦମ୍ ହେଲେଣି ହେଲେ ଝିଅ ବାହା ଦେବାପାଇଁ ସମ୍ବଳ କାହିଁ ?

ବଡ଼ପୁଅ ଶଶାଂକ କଟକର କଲେଜ ହଷ୍ଟେଲରେ । ଧାର ହେଉ କରଜ ହେଉ, ଜମି ବିକ୍ରି କି ଘର ଡିହ ବଂଧକ ପଡୁ, ତା ପାଖକୁ ମାସକୁ ମାସ ଟଂକା ଯିବା ବନ୍ଦ ହେବନି । ଆଉ ଗୋଟିଏ ବର୍ଷ ଗଲେ ଯାଏ ।

ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରନ୍ତି ସୀତାନାଥ । ଦରମା ବା କେତେ । ସୁବିଧା ଏତିକି ଗାଁ ସ୍କୁଲରେ ଚାକିରୀ । ତେଣୁ ଚାକିରୀ ସହିତ ନିଜ ସ୍ୱଳ୍ପ ଜମି ବାଡ଼ିରେ ଫସଲ ଉପରେ ନଜର ରଖିପାରନ୍ତି ବୋଲି ବରଷକ ବାରମାସ ଖାଇବା ପିଇବାରେ ସେତେଟା ଅସୁବିଧା ନଥାଏ କିନ୍ତୁ ହାତରେ କିଛି ନଗଦ ଟଂକା ହେଲେ ସିନା ଝିଅ ବାହାଘର କଥା ଚିନ୍ତା କରନ୍ତେ ? ନହେଲେ ଲଳିତା କଥାକୁ ଏ କାନରେ ପୁରେଇ ସେ କାନରେ ବାହର କରି ଦିଅନ୍ତେ କାହିଁକି ? ପାଖରେ କଲେଜଟା ଅଛି ଯେତେବେଳେ ଝିଅଟା ଘରେ ବସିବା ଅପେକ୍ଷା କିଛି ଜ୍ଞାନ ଆହରଣ କରିବାଟା ତ ଏକା ବେଳକେ ଖରାପ କଥା ନୁହେଁ । ନାରୀ ଶିକ୍ଷା କିମ୍ବା ନାରୀ ଜାଗରଣ ଏକଥା ସୀତାନାଥଙ୍କ ମୁଣ୍ଡରେ ପଶୁ କି ନପଶୁ ସେ କିନ୍ତୁ ଝିଅକୁ ପାଠ ପଢାଉଛନ୍ତି । ଗୋଟିଏ ହୋସରେ ପାଠ ତ ପଢ଼ାଉଛନ୍ତି ହେଲେ ପଢ଼ି ସାରିଲା ପରେ ଝିଅପାଇଁ ବଡ଼ ପାଠୁଆ ଜ୍ୱାଇଁଟିଏ ଖୋଜିବାକୁ ପଡ଼ିବ ଯେତେବେଳ ସେତେବେଳେ ଠନ୍ ଠନ୍ ଗୋପାଳ କଥା ମୁଣ୍ଡରେ ପଶିନାହିଁ । ଆଉ ଶୂନ୍ୟ ହାତକୁ ଚାହିଁ ଚାହିଁ ଝିଅର ରୂପଗୁଣକୁ କହି ବୁଲିବା ବ୍ୟତୀତ ଅଧିକ କିଛି କରିପାରିବାର ଉପାୟ ଦେଖାଯାଉନି ତାଙ୍କୁ । ଆଜି କାଲି ଯାହା ସମୟ ହୋଣି ଝିଅର ରୂପ ଗୁଣକୁ ବନ୍ଦନୀ ଭିତରେ ରଖି ନଗଦ ଟଂକା ମଟରଗାଡ଼ି, ସୁନାଗହଣା ଇତ୍ୟାଦି କଥାକୁ ତୁଟାଇବାକୁ ପଡ଼େ । ତାପରେ ଯାଇ ଝିଅ ଦେଖା, ମୁଦି ପିନ୍ଧା, ନିର୍ବନ୍ଧ । ବର ପକ୍ଷର ଦାବୀରେ ସମର୍ଥନ ଥିଲେ ଝିଅଟି ଯାହା ହେଉନା କାହିଁକି ସିଏ ଗୃହଲକ୍ଷ୍ମୀ ନହେଲେ ପରେ ଖବର ଦେବୁ କହି ଅନ୍ୟ କୋଉ ବଡ଼ଲୋକି ଝିଅର ଉଦ୍ଦେଶ୍ୟରେ ବିଦାୟ ନିଅନ୍ତି ଭଦ୍ରଲୋକ । ଆଜିକାଲି ଗୋଟିଏ ଝିଅ ବାହାଘର ତୁଲାଇବା ପାଇଁ ହାତରେ ଅତି କମ୍‌ରେ ଦଶ କି ପନ୍ଦର ଲକ୍ଷ ଟଂକା ନହେଲେ ଅସମ୍ଭବ ହୋଇ ପଡ଼ିବ । ସୁନା ଦର ଯାହା ହେଲାଣିନା, ଖାଲି ଝିଅର ହାତକୁ ବେଳକୁ ଜ୍ୱାଇଁର ସ୍ୱୀକାର ବରପୂର୍ବା, ପଖାଳ ଖିଆ ଇତ୍ୟାଦି ଇତ୍ୟାଦିକୁ ଦେଖିବାକୁ ଗଲେ ନିହାତି କମ୍‌ରେ ପାଞ୍ଚଲକ୍ଷ ଟଂକାରୁ କମ୍‌ରେ ହେବନାହିଁ । ବଂଧୁବାଂଧବ ସୂର୍ଯ୍ୟମୈତ୍ର ଗଲା ଆଇଲା, ବରଯାତ୍ରୀ ଚର୍ଚ୍ଚା ଓ ଓଗେର ବାବଦ ତିନି ଲକ୍ଷକୁ ଟପିଯିବ । ତାପରେ ମଟରଗାଡ଼ି, ସୋଫା ପଲଂକ ଆଲମିରା ପ୍ରଭୃତି କାହିଁରେ କ'ଣ । ସୀତାନାଥଙ୍କ ମୁଣ୍ଡ ଚକର ଖାଇଯାଏ ସେ ଝିଅ ବାହାଘର ପାଇଁ ଆଗକୁ ବଢ଼ିବାକୁ ସାହସ ପାଆନ୍ତି ନାହିଁ ।

ବେଳେବେଳେ ରବିବାରିଆ ନାଳକୂଳ ଗଛ ଛାଇରେ ବସି ଲଳିତାଙ୍କ କଥାକୁ ମୁଣ୍ଡରେ ପୁରାନ୍ତି । ଝିଅ ବାହାଘର ପାଇଁ ଏତେଗୁଡ଼ିଏ ଟଂକାତ କେବେହେଲେ ହାତକୁ ଆସିବନାହିଁ । ତା ବୋଲି କ'ଣ ଝିଅ ମୋର ଅଭିଆଡ଼ୀ ହୋଇରହିଯିବ । ନା କିଛି ନା କିଛି ତ ଉପାୟ କରିବାକୁ ପଡ଼ିବ । ପୁଅଟା ହେଲେ ଡାକ୍ତରୀ ପାଠ ପଢୁଛି ତା ଉପରେ କେତେଦୂର ଭରସା କରିହେବ ? ସୀତାନାଥ ଆଗକୁ କିଛି ଭାବି ପାରନ୍ତି । ପଢ଼ିସାରିଲା ପରେ ବି କୋଉ ସାଂଗେ ସାଂଗେ ଚାକିରି ମିଳୁଛି । ଅବଶ୍ୟ ଚାକିରି ମିଳୁମିଳୁ ତିନି କି ଚାରିବର୍ଷ କି କେତେ ବର୍ଷ ଲାଗିବ କିଏ କହିବ ? ହେଲେ ଚାକିରୀ

ମିଳିବା ପର୍ଯ୍ୟନ୍ତ ନିଜ ଗାଁରେ ଯଦି ପ୍ରାକ୍ଟିସ ପାଇଁ ରହିଯାଏ କିନ୍ତୁ ଗାଁରେ ଯୋଉ ନିଅଣ୍ଟିଆ ବେଳ ସେଥିରେ ଔଷଧ କିଣି ଆଣି ବାଣ୍ଟିବା ସାର ହେବ । ହାତରୁ ଖାଇ ଘୋଡ଼ା ଆଗରେ ଦୌଡ଼ିବା କାମ ହିଁ ହବ । ତେବେ ? ଏଇମିତି ଚିନ୍ତାରେ ଝିଅ ଖେଳେଇ ଖେଳେଇ ଯେତେ ଆଗକୁ ବଢୁଥାଆନ୍ତି ସୀତାନାଥଙ୍କୁ ସେତିକି ଗଣ୍ଠି ପଡ଼ି ପଡ଼ି ଅଡୁଆ ହୋଇଯାଉଥାଏ ।

ଏଇମିତି ଥରେ ହଠାତ୍ ଆଉ ଗୋଟିଏ ଉପାୟ ତାଙ୍କ ମୁଣ୍ଡକୁ ଆସିଲା । ସିଏ ଯଦି ଶଶାଂକର ଆଗେ ବାହାଘର କରିଦିଅନ୍ତେ ତାହେଲେ ଡାକ୍ତର ଜ୍ୱାଇ ପାଇବା ଲୋଭରେ ନଗଦ ଟଂକା ଆକାରରେ ହାତ ତାଂକର ଚିକ୍କଣ କରିବା ପାଇଁ ରିତୀମତ ସମୁଦୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେବାଟା ପ୍ରାୟ ଅସ୍ୱାଭାବିକତା ନୁହଁ । ନଗଦ ଟଂକା ହାତକୁ ଆସିଗଲେ, ତାପରେ ଝିଅ ବୋଝଟା ଏତେ ହାଲକା ହେବାକୁ ଲାଗିଲା ଯେ ଏବେ ସିଏ ତ ଆଉ ବୋଝ ନୁହେଁ ବରଂ ସୀତାନାଥଙ୍କୁ ଶୂନ୍ୟରେ ଧଳା ବାଦଲ ଭଳି ଉଡ଼େଇ ଉଡ଼େଇ ଜ୍ୱାଇଁର ସିଂହଦ୍ୱାରା ଠେଲି ଧସେଇ ପଶିବାକୁ ସହଜ ଲାଗିଲା ଯେମିତି । ହୁଁ ଏତେଦିନ ପରେ ସତରେ ମନ ଖୋଲି ହସିଲା ଭଳି ଅନୁଭବ କଲେ ସୀତାନାଥ । ଗାମୁଛା ଝାଡ଼ି ଉଠିପଡ଼ିଲେ ଓ ଆଉ ସବୁ କାମ ପଛରେ ପକେଇ ଯାଇ ପହଂଚିଗଲେ ଲଳିତା ପାଖରେ । ଲଳିତାକୁ ଆଦ୍ୟରୁ ପ୍ରାନ୍ତ ସବୁ ବୁଝାଇଲା ପରେ ଲଳିତା ସନ୍ତୁଷ୍ଟ ହେଲାକି ନହେଲା ତା ମୁହଁର ଗଣିତକୁ ବୁଝିବାପାଇଁ ଇଚ୍ଛା ବି କରି ନାହାଁନ୍ତି ସୀତାନାଥ । କିନ୍ତୁ ସେ ଏକ ପ୍ରକାର ଆତ୍ମ ସନ୍ତୋଷ ପିଲା ପରି ଭଲକରି ଗଣ୍ଡାଏ ପେଟ ଭରି ଖାଇଲେ । ସତେ ଯେମିତି ଝିଅ ଚିନ୍ତାରେ କେବେଠୁଁ ପେଟକୁ ତାଙ୍କର ଦାନା ଯାଇ ନଥିଲା । ଏବେ ଖଟ ଉପରେ ଶୋଇ ଛଣଛପରର ଚାଳ ମଥାନରେ ସତେ ଯେମିତି ସାଗରୀକା ବାହାଘରର ଭିଡ଼ିଓ ଚିତ୍ର ଦେଖି ଚାଲିଛନ୍ତି । ସାଗରିକାର ବାହାଘର ହେଉଛି ଘରେ କୁଣିଆ ମୈତ୍ର, ଝିଅଝିଆରୀଙ୍କ ଭିଡ଼ରେ ଘରଟା ତାଙ୍କର ଉଠୁଛି ପଡୁଛି । ଘର କାନ୍ଥ ଲିପାପୋଛା ହେଇ ପିଠୋଉ ଚିତା ସିନ୍ଦୁରରେ ଚମକୁଛି । ବର ରୋଷଣୀ ନେଇ ଆସୁଛି ଗାଁ କଂପେଇ, ଦିଆନିଆ ଖିଆପିଆ, ଘୋଘାରେ ଘର ନାଚି ଉଠୁଛି । ଧୋତି ପଞ୍ଜାବୀ ପିନ୍ଧି କନ୍ୟା ବାପର ବେଶରେ ଛାତି ତାଙ୍କର ଫୁଲି ଉଠୁଛି । ଜ୍ୱାଇଁ ତାଙ୍କର ଉଚ୍ଚ ଶିକ୍ଷିତ ଜମିଦାରିଆ ଘର ଇତ୍ୟାଦି ଇତ୍ୟାଦି । ପୁଣି ଶଶାଂକର ବାହାଘର ସମୁଦୀ ସମୁଦୀଙ୍କର କୋଳାକୋଳି ଘରକୁ ବୋହୂ ନେଇ ଫେରୁଛନ୍ତି ସୀତାନାଥ । ସବାରୀ ପାଲିଙ୍କି କାନ୍ଧୁଆଙ୍କର ହାଁ କୁ ଧବଳ, ଏଇଠି ଖାଲ ମୋ ସଳଖି ଚାଲ, ବାଂକୁ ମାଡ଼ି ମୋ ହାଁକୁ ଧବଳ ଇତ୍ୟାଦି ଡାକରେ ଘରେ ପହଞ୍ଚି ଦେଖନ୍ତି ଲଳିତାର ପାଦ ଯେମିତି ଆଉ ତଳେ ଲାଗୁ ନଥାଏ । ଲଳିତା ତାଙ୍କ ସାମନାରେ ନୂଆ ପାଟଶାଢ଼ୀ ପିନ୍ଧି ଝିଲିପାନ କଳରେ ଜାକି ଖାଲି ଏପଟ ସେପଟ ସେପଟ ଏପଟ ତାଙ୍କ ଆଖିଲେ ପଲକ ପଡୁନଥିଲା । ସତେ ଯେମିତି ଘର ମଥାନରେ ରୁଅ ବାଉଁଶ ଭିତରେ ତାଙ୍କର ଭବିଷ୍ୟତ ଗଣନା ସ୍ୱଷ୍ଟ ହୋଇଉଠୁଛି ।

ଘରର ପାଇଟିସାରି ହାତ ପୋଛୁପୋଛୁ ଲଳିତା ଆସି ବସିଲା ସ୍ୱାମୀଙ୍କ ପାଖରେ । କ'ଣ ଆଖିକୁ ଆଉ ନିଦ ଆସୁନି । ନିଦ କଥା ଛାଡ଼ ଆଗକୁ କାମଦାମ କେମିତି ଜାକଜମକରେ ହେବ ସେହି ବିଚାର ସବୁ ସ୍ତ୍ରୀ ପାଖରେ ବଖାଣି ବସିଲେ ସୀତାନାଥ ।

ଶେଷରେ ଦଧି ନାହାକର ମଧ୍ୟସ୍ଥତାରେ ଗୋଟିଏ ପ୍ରସ୍ତାବର ମୂଳଦୂଆ ପଡ଼ିଲା । କଥା ଛିଡ଼ିଲା ନଗଦ ପାଞ୍ଚଲକ୍ଷ ସହିତ ମଟର ଗାଡ଼ି ଓ ଅନ୍ୟାନ୍ୟ ଜିନିଷ ପତ୍ର । ହୋସ୍ ପଶିଲା ସୀତାନାଥଙ୍କ ମୁଣ୍ଡରେ । ଶଶାଂକର ବାହାଘର ଖର୍ଚ୍ଚ ପରେ ଆଉ କେତେ ଟଂକା ଯେ ବଂଚିବ.. ଆଉ ସାଗରୀକାର । ତଥାପି କିଛି ତାହେଲେ ବାଆକୁ ବତା ଭଳି ହାଲକା ତ ଲାଗିବ ନା । ଲମ୍ୱା ଲମ୍ୱା ନିଃଶ୍ୱାସ ଟାଣି ଛାତିକୁ ମଜବୁତ୍ କଲେ ସୀତାନାଥ । କାର୍ଯ୍ୟକ୍ରମରେ ବୋହୂ ଦେଖା ସରିଗଲା । ଝିଅର ମୁହଁକୁ ନଦେଖି ବି ଖୁସିଖୁସି ଅଣ୍ଟିରେ ଖୋସିଥିବା ସୁନାମୁଦିଟକୁ ପିନ୍ଧାଇ ଦେଇଥିଲେ ଭାବିବୋହୂ ଆଂଗୁଠିରେ । ଆସି ଘରେ ପହଞ୍ଚିଲା ପରେ ଦେହରୁ ଜାମା ପଟା ଖୋଲା ହେଇଚି କି ନାହିଁ ଲଳିତା ଆସି ପହଂଚିଲେ ବୋହୂ ବିଷୟରେ ଜାଣିବା ପାଇଁ । ଦେଖିବା ପାଇଁ କେମିତି ? ପାଠ କେତେ ପଢ଼ିଛି ? ଘଣ ସଂଠଣା ଶିଖିଛି କି ନାହିଁ ? ସୁନା କ'ଣ ପିନ୍ଧିଥିଲା ? ଇତ୍ୟାଦି ଇତ୍ୟାଦି... । ହେଲେ ସୀତାନାଥ ସିଧା ଗୋଟିଏ କଥାରେ ଲଳିତାକୁ ଚୁପ୍ କରେଇଦେଲେ । କହିଲେ ମୋ ଘରର ଲକ୍ଷ୍ମୀ ସିଏ । ତା'ର ରୂପଗୁଣ ବିଷୟରେ କ'ଣ ପଚାରିବି । ତମର ଯଦି ଝିଅଟା ପାଠ ପଢ଼ି ନଥାନ୍ତା, ଗୁଣର ହୋଇ ନଥାନ୍ତା, ସୁନ୍ଦ ହେଇନଥାନ୍ତା ତମେ କ'ଣ କରିଥାନ୍ତ । ଦେଖ ମତେ ସେମିତି ପଚାରିବ ନାହିଁ । ମୋ ବୋହୂ ଲକ୍ଷ୍ମୀ । ଘରକୁ ମୋର ଲକ୍ଷ୍ମୀ ଆସିବେ । ବାସ୍ । ଶଶାଂକକୁ ତା ବାହାଘର ବିଷୟରେ ନଜଣାଇ ବୋଉ ଦେହ ଅସୁସ୍ଥ ଥିବାର ଖବର ଦିଆଗଲା । ସାଗରୀକା ଯଦିଓ ଭାଇକୁ ତା ବିଷୟରେ କହିପାରିଥାନ୍ତା ହେଲେ ଏତେ ଶିଘ୍ର ଏତେ ଘଟଣା ସବୁ ଘଟି ଗଲାଣି ବୋଲି ଭାଇର ବାହାଘର ବିଷୟରେ ବିଂଦୁ ବିଃସର୍ଗ ବି ଜାଣି ପାରିନାହିଁ । ହଠାତ୍ ଭାଇକୁ ସକାଳୁ ସକାଳୁ ଘରେ ଦେଖି ଆଶ୍ଚର୍ଯ୍ୟ ହେଇଗଲା ସାଗରୀକା । ଶଶାଂକର ପ୍ରଥମ ପ୍ରଶ୍ନ – ବୋଉ ଦେହ କେମିତି ଅଛି ସାଗୀ ? ଶଶାଂକର ଏ ପ୍ରଶ୍ନକୁ ବୁଝି ପାରିଲାନାହିଁ ସାଗରୀକା ଓରଫ୍ ସାଗୀ, କହିଲା – ବୋଉର କାହିଁକି କ'ଣ ହେବ, ବୋଉତ ଠିକ୍ ଅଛି । ଏବେତ ଦାଣ୍ଡ ଝାଡୁ କରି କୂଅ ମୂଳକୁ ଯାଇଛି । ମାନେ ? ବ୍ୟାଗ୍ ତଳେ ଫୋପାଡ଼ି ଲଥ୍ କରି ବସି ପଡ଼ିଲା ଖାଲି ପିଣ୍ଡାଟାରେ ସାଗରୀକା ତା ପାଖକୁ ଲାଗି ବସି ପଡ଼ିଲା ।

ବାପା ତ ମତେ ମିଛ କେବେ କହନ୍ତି ନାହିଁ ।

ବାପା କ'ଣ ମିଛି କହିଲେ ?
ନା କିଛି ନୁହଁ ମୁଁ ଭୁଲରେ ଆସିଗଲି । ମୁଁ ଏବେ ଚାଲିଯାଉଛି ପରେ ଆସିବି । ଉଠି ଠିଆ ହେଲା ଯିବାପାଇଁ ।
ବାପା ତ ମର୍ଣ୍ଣି ଓ୍ୱାର୍କରେ ଯାଇଥିବେ । ବୋଉତ କୂଅ ମୂଳେ । ତୁ କାହାକୁ କିଛି କହିବୁନାହିଁ, ମୁଁ ଆସିଥିଲି ବୋଲି । ମୁଁ କେତେ କାମ ଛାଡ଼ି କି ଅସୁବିଧାରେ ଆସିଚି ମୁଁ ଜାଣେ ।
ଭାଇ ତୁ କ'ଣ କହୁଛୁ ମୁଁ କିଛି ବୁଝିପାରୁନି । ଘରେ ନପଶି ବାହାରିଲୁଣି, ତୋ ମୁଣ୍ଡ ଫୁଣ୍ଡ ଠିକ୍ ଅଛି ତ ? ହେଇ ବାପା ଆସିଲେଣି ।
ଶଶାଂକ ମନେମନେ ଶଂକିଗଲା । ବାପାଙ୍କୁ କ'ଣ କହିବ କେମିତି ପଚାରିବ । ତାଙ୍କ ସାମନାରେ ସିଧାଠିଆ ହୋଇ କେବେ ବି କଥା ହେଇନାହିଁ । ଆରେ ବ୍ୟାଗ ପତ୍ର ଧରି ବାହାର ପିଣ୍ଡାଟାରେ କାହିଁକି ଠିଆହୋଇଚୁ । ବାପାଙ୍କୁ ମୁଣ୍ଡିଆଟିଏ ମାରି ସେଇମିତି ଠିଆ ରହିଲା । କିଛି କହିବା ଆଶାରେ ହେଲେ କିଛି କହି ପାରିଲାନାହିଁ । ମନେ ମନେ ଭାବିଲା ଆଉ ଫେରି ହବନି ଏବେ । ବୋଉ ସହିତ କଥା ହୋବକୁ ପଡ଼ିବ ଭାବି ଚୁପ ଚାପ ଘର ଭିତରକୁ ଗଲା । ତା ହାତରୁ ବ୍ୟାଗ୍ ନେଇଗଲା ସାଗରୀକା । ଘରେ ପଶି ସକାଳର ନିତ୍ୟକର୍ମ ସାରିବାକୁ ଆରମ୍ଭ କଲା । ପ୍ୟାଣ୍ଟସାର୍ଟ ପାଲଟି ସାର୍ଟ ପ୍ୟାଣ୍ଟ ପିନ୍ଧି ଗାମୁଛା ଧରି ବାହରିଗଲା ନଈକୂଳକୁ ।

ଖାଇବସିଥିବା ଶଶାଂକ ପାଖରେ ବସିଥିଲେ ଲଳିତା । ଆରେ ତରବର ହେଇ କ'ଣ ଖାଉଛୁ, ଧୀରେ ଧୀରେ ଖା ତଣ୍ଟିରେ ଲାଗିବ । ନା ମତେ ଯାଇ ସିଂପୁରେ ବସ ଧରିବାକୁ ପଡ଼ିବ ଡେରି ହେଇଗଲାଣି । ଆଉ ଆସିଥିଲୁ କାହିଁକି ? ଘର ମୁହଁ ଦେଖିବାପାଇଁ ।
ବୋଉ ମୁଁ କିଛି ବୁଝିପାରୁନି ବାପା ମତେ ଏମିତି ହଠାତ୍ କାହିଁକି ଡକେଇଲେ । ମୁଣ୍ଡ ଉପରେ ମୋର ପରୀକ୍ଷା ମୁଁ...
ତୋ ବାପାକୁ ପଚାର । ତୁ ଭାତ କଂସା ଉପରେ ରାଗିଲେ କ'ଣ ହେବ । ତୁ କ'ଣ କିଛି ଜାଣିନୁ । ବାପା ସାଂଗରେ ଦେଖା ହେଇଚିଟି ? ଲଳିତା ହସିଲେ । ତୁ ହସୁଛୁ ବୋଉ । ହସିବିନି ଆଉ କ'ଣ କରିବି । ଗୃହଲକ୍ଷ୍ମୀଙ୍କୁ ଘରକୁ ଆଣିବା ପାଇଁ ବାପା ବ୍ୟସ୍ତ । ଆଉ ମୋ ହାତରୁ କାମ ହାଲ୍‌କା ହୋଇଯିବ । ନେଇ ମୁଁ ଖୁସି ହେବି କି ନାହିଁ ।

ମାର୍ଗଶୀରମାସ ଗୁରୁବାର ଲକ୍ଷ୍ମୀପୂଜା, ମାଣ ତ ବସିବ, ଆଉ ତୋ କାମ ହାଲ୍‌କା ହବ କେମିତି, ପଛକେ କାମ ତ ବଢ଼ିଯିବ । ପାହାନ୍ତା ପହରୁ ଉଠି, ଗୋବର ପାଣି, ଲିପାପୋଛା, ଗାଧୋଇ ସାରି ଚିତା ପକା, ବାବରେ ବାବ୍ ସେଥିରେ ତୁ କହୁଛୁ ତତେ ହାଲ୍‌କା ଲାଗିବ । ତାଛଡ଼ା ଏ ମାଣ ବସାରେ ଭାଇର କି ଭୂମିକା ଅଛି ଯେ ବାପା ମିଛ କହି ଭାଇକୁ ତୁରନ୍ତ ଡକେଇ ପଠେଇଲେ ?

ମୁଁ ସେସବୁ କିଛି କହିପାରିବିନାହିଁ । ତମେ ସାଂଗ ହେଇ ଯା ବାପାଙ୍କୁ ପଚାରିବ । ମୋର କିଛି ପଚାରିବାରେ ନାହିଁ । ତୋ ଦେହ ଭଲ ଅଛି ଦେଖିଲି ଏବେ ମୁଁ ବାହାରିଲି । କହି ଉଠି ହାତ ଧୋଇବାକୁ ଗଲା ଶଶାଂକ । ଭାଇର ଭାତ କଂସାରେ ଖାଇବସିଲା ସାଗରୀକା । ଲଳିତା ଗଲେ ଆଉ ଭାତ ଆଣିବାପାଇଁ । ବୋଉ ମୋ ପାଇଁ ଆଉ ଭାତ ଆଣିବୁନାହିଁ । ମୋର ହେଇଯିବ । ଭାଇତ ସବୁ ଭାତ ଛାଡ଼ିଛି । ଆଉ ଖାଇଲା କ'ଣ ?

ବ୍ୟାଗପତ୍ର ଧରି ବାହାରିଲା ଶଶାଂକ । ଲଳିତା କଥା ଶୁଣିଲାନାହିଁ ସିଏ । ଆସିଲେ ସୀତାନାଥ । ଘରର ସମସ୍ତ ଅସୁବିଧାମାନ ଦର୍ଶାଇ ନିଜର ମନକଥା କହିଲେ । ଶଶାଂକ କିନ୍ତୁ ବୁଝିବା ଅବସ୍ଥାରେ ନଥିଲା । ସେ କେବେ ବି ଏବେ ବାହା ହେଇପାରିବନାହିଁ । ମୁଣ୍ଡ ଉପରେ ତାର ପରୀକ୍ଷା । ତଳକୁ ମୁହଁପୋତି ଆଉ ପଦେ ଶୁଣେଇଦେଲା ଶଶାଂକ କି ଯଦି ବା ସିଏ କେବେ ବାହାହେବ ତାହେଲେ କଟକର ସାରଦା ବାବୁଙ୍କ ଝିଅକୁ ହିଁ ବାହା ହେବ । ତାହା ପୁଣି ବିନା ଯୌତୁକରେ ଯାହାକି ସାଗରୀକାର ବାହାଘର ପାଇଁ କୌଣସି କାମରେ ଆସିବନାହିଁ କହି ଚାଲିଯାଉଥିଲା । ଦେଖ୍ ଶଶାଂକ କୌଣସି ଯୌତୁକ ବା ତୋର ଶ୍ୱଶୁରଘର ଧନରେ ମୋର ଲୋଭନାହିଁ । ହେଲେ ତୋ ଭଉଣୀର ବାହାଘର କଥା ତୁ ଭାଇଟିଏ ହିସାବରେ ତୋର କର୍ତ୍ତବ୍ୟ କ'ଣ ? ଏପରିକି ତୋ ପାଠ ପଢ଼ାପାଇଁ ଭଲଭଲ ଜମି ମତେ ବିକିବାକୁ ପଡ଼ିଛି । ଯାହାକି ଘର ଚଳିଲା ଭଳି ଜମି ବି ମୁଁ ରଖିନାହିଁ । ଏବେ ମୋର କ'ଣ କରିବା ଉଚିତ ତୁ କହ ।

ଏ ଉତ୍ତର କାହା ପାଖରେ ନାହିଁ । ସମସ୍ତେ ନୀରବ । ସୀତାନାଥ ଖଟଉପରେ ବସିପଡ଼ିଲେ । କାନ୍ଥକୁ ଆଉଜି ଲଳିତା ସ୍ଥାଣୁ । ଶଶାଂକ ଆଉ ମୁହଁ ଉପରକୁ ଉଠାଇପାରୁନାହିଁ । ସାଇକେଲ ଘଣ୍ଟି ଶବ୍ଦ ଶୁଣି ସାଗରୀକା ବାହାରକୁ ଗଲା ଓ ଫେରି ଆସିଲା ହାତରେ ବି.ଏଡ଼ ଆଡ଼ମିଶନ ପାଇଁ ଆସିଥିବା ଲେଟରକୁ ଧରି । ବଢ଼େଇଦେଲା ବାପାଙ୍କ ହାତକୁ ।

ଆକାଶରେ ସେତେବେଳେ ଶୁକ୍ଳ ଦ୍ୱାଦଶୀର ଧୋବ ଫରଫର ଜହ୍ନର ମୁହଁଟା ଫିକା ପଡ଼ିଯାଇଥିଲା । କୃଷ୍ଣବାଦଲ ଗୋଛା ଭିତରେ ସେ ମୁହଁ ଲୁଚେଇ ଦେଲା । ଅନ୍ୟ କେଉଁ ପ୍ରଦେଶର ବର୍ଷା ହେଉଥିଲା କି କ'ଣ, ଥଣ୍ଡା ପବନ ମେଂଚାଏ ଘର ଭିତରେ ପଶି ସମସ୍ତଙ୍କ ଦେହ ମୁଣ୍ଡରେ ପିଟି ହେଇଯାଉଥିଲା । ଦେହ ଶୀତରେ କଂପି ଯାଉଥିଲେ ବି ଚାଦର ଖଣ୍ଡେ ପକାଇବାକୁ କେହି ଇଚ୍ଛା କରୁନଥିଲେ ।

କାହାରି ମୁହଁରେ କଥା ନାହିଁ । ସମସ୍ତେ ନୀରବ ।

ଡି-୪୧୩, ସେକ୍ଟର -୨୦, ରାଉରକେଲା ।

# ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ

*- ଡକ୍ଟର ନାରାୟଣ ମହାନ୍ତି*

ମହାନଗରର ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ସେଦିନ ସନ୍ଧ୍ୟାରେ ପଣ୍ଡିତ ବିଚକ୍ଷଣ ମହାପାତ୍ରଙ୍କ ବାସଭବନରେ ଆୟୋଜିତ ହୋଇଥିଲା । ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସଂଘ ଗଠନ କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା । ବୈଠକର ସମୟ ସନ୍ଧ୍ୟା ୬ଟା ରଖାଯାଇଥିଲା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ୪ଜଣ ବିଶିଷ୍ଟ ବୁଦ୍ଧିଜୀବୀ ସେଠାରେ ପହଞ୍ଚିଯାଇଥିଲେ । ମାତ୍ର ଯଥାସମୟରେ ସଭା ଆରମ୍ଭ ନକରି ପଣ୍ଡିତ ମହାପାତ୍ର ୫ମ ବୁଦ୍ଧିଜୀବୀଙ୍କ ଆଗମନକୁ ପ୍ରତୀକ୍ଷା କରିଥିଲେ । 'ପାଞ୍ଚ' ଏକ ଶୁଭସଂଖ୍ୟା ହୋଇଥିବାରୁ ୫ଜଣଙ୍କ ଉପସ୍ଥିତିରେ ସଭା ଆରମ୍ଭ ହେବ ବୋଲି ସେ ଘୋଷଣ କରିଥିଲେ । ସନ୍ଧ୍ୟା ୭ଟାରେ ପଞ୍ଚମ ବୁଦ୍ଧିଜୀବୀଙ୍କର ଶୁଭାଗମନ ହୋଇଥିଲା । ତା'ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏକଘଣ୍ଟା ଅବଶ୍ୟ ବେକାର ଯାଇଥିଲା ।

ପ୍ରାରମ୍ଭରେ ପଣ୍ଡିତ ମହାପାତ୍ର ବେଦମନ୍ତ୍ର ପାଠ କରିଥିଲେ । ତା'ପରେ କ୍ରମାନ୍ୱୟରେ ନିଜ ସମେତ ୫ଜଣ ବିଶିଷ୍ଟ ବୁଦ୍ଧିଜୀବୀଙ୍କର ପରିଚୟ ପ୍ରଦାନ କରିଥିଲେ, ସେମାନଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଅନୁରୋଧ ରକ୍ଷା କରି ଆସିଥିବାରୁ ଧନ୍ୟବାନ ଜଣାଇଥିଲେ ଏବଂ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ । ଅର୍ଥାତ୍ ଅନ୍ୟକୁ କଷ୍ଟ ନଦେଇ ପଣ୍ଡିତ ମହାପାତ୍ର ସଭାର ୩ଟି ଅତ୍ୟାବଶ୍ୟକ କାର୍ଯ୍ୟ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ନିଜେ ସମ୍ଭାଳି ନେଇଥିଲେ । ପାଠକେ ! ଉକ୍ତ ବୁଦ୍ଧିଜୀବୀ ସମ୍ମିଳନୀର ଅଧିକତର ବିବରଣୀ ଉପସ୍ଥାପନ କରିବା ପୂର୍ବରୁ ମୁଁ ଆପଣମାନଙ୍କ ଆଗରେ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ଉଚିତ ମନେକରୁଛି ।

ପ୍ରଥମ ବୁଦ୍ଧିଜୀବୀ ପଣ୍ଡିତ ବିଚକ୍ଷଣ ମହାପାତ୍ର ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ତାଙ୍କର ଚାକିରି-ଜୀବନ ଆରମ୍ଭ କରିଥିଲେ । ସେ ସଂସ୍କୃତ ଓ ଓଡ଼ିଆ ପଢ଼ାଉଥିବାରୁ ଛାତ୍ର, ସହକର୍ମୀ ଓ ଅଭିଭାବକମାନେ ତାଙ୍କୁ 'ପଣ୍ଡିତେ' ବୋଲି ଡାକୁଥିଲେ । ମାତ୍ର କୌଣସି ଅଜଣା କାରଣରୁ ସେ ଚାକିରି ଛାଡ଼ିଦେବାକୁ ବାଧ୍ୟ ହୋଇଥିଲେ । ତା'ପରେ କିଛିଦିନ ବେକାର ହୋଇ ବସିବା ଉତ୍ତାରେ ଏକ ଅନାମଧେୟ ଖବରକାଗଜର ସମ୍ବାଦଦାତା ରୂପେ ଯୋଗଦେଇଥିଲେ । ଏଥି ସଙ୍ଗେସଙ୍ଗେ ସେ କିଛି ସାମ୍ବାଦିକଙ୍କୁ ନେଇ ଏକ ସଂଘ ଗଠନ କରି ତା'ର ସଭାପତି (ଆଜୀବନ) ହୋଇଥିଲେ । ଆଜି ଉକ୍ତ ସମ୍ବାଦପତ୍ର ଆଉ ପ୍ରକାଶ ପାଉଛି କି ନାହିଁ, ତାହା ଜଣାନାହିଁ । କିନ୍ତୁ ପଣ୍ଡିତ ମହାପାତ୍ର ପୂର୍ବବତ୍ ସାମ୍ବାଦିକ ସଂଘର ସଭାପତି ରହିଛନ୍ତି ।

ଦ୍ୱିତୀୟ ବୁଦ୍ଧିଜୀବୀ ଶ୍ରୀ ହାରଜିତ ମହାନ୍ତି ବିଦ୍ୟାଧ୍ୟୟନ ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ସେ ୨ଥର ସରପଞ୍ଚ ପଦ ପାଇଁ ଲଢ଼ି ପରାଜୟ ବରଣ କଲାପରେ ରାଜନୀତିକୁ ଛି କରିଦେଇଥିଲେ । ଏକ କିରାଣି ଚାକିରି ପାଇ ସେ ତହିଁରେ ଯୋଗଦେଇଥିଲେ । ଚାକିରିକାଳ ଭିତରେ ସେ ଥରେ ନିଲମ୍ବିତ ହୋଇଥିଲେ; କିନ୍ତୁ ତାହା ତାଙ୍କର ପଦୋନ୍ନତିରେ ବାଧକ ସାଜିନଥିଲା । ଶ୍ରୀ ମହାନ୍ତି ଅଫିସର ହୋଇ ଚାକିରିରୁ ଅବସର ଗ୍ରହଣ କରିଥିଲେ । ଅବସର ପରେ ସେ ସହରର ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ସହ ନିଜକୁ ସମ୍ପୂର୍ଣ୍ଣ ରୂପେ ଜଡ଼ାଇଦେଇଛନ୍ତି ।

ତୃତୀୟ ବୁଦ୍ଧିଜୀବୀ ଶ୍ରୀ ଭଗବାନ ଦାସ ଓରଫ ଦାସେ ବେସରକାରୀ କଲେଜରେ ଅଧ୍ୟାପନା କରି ନିକଟରେ ଅବସର ଗ୍ରହଣ କରିଛନ୍ତି । ସେ ସର୍ବଦା ନିଜ କାମରେ ନିୟୋଜିତ ଥିବା ମନେହୁଏ; ସମାଜ ଆଡ଼କୁ ଦୃଷ୍ଟି ଦେବା ଜଣାଯାଏ ନାହିଁ । ସେ ଓ ପଣ୍ଡିତେ ପାଖାପାଖି ଘର କରି ରହିଛନ୍ତି । ତେଣୁ ବୈଠକକୁ ନଆସିଲେ ପଣ୍ଡିତେ କାଳେ ଖରାପ ଭାବିବେ, ଏହି ଭାବନା ନେଇ ସେ ଆସିଛନ୍ତି । ସଂଘ ଗଠନରେ ଦାସେଙ୍କର ସେମିତି କିଛି ଆଗ୍ରହ ଥିବା ବୋଧହୁଏ ନାହିଁ ।

ଚତୁର୍ଥ ବୁଦ୍ଧିଜୀବୀ ଶ୍ରୀ ବୃଷକେତୁ ମିଶ୍ର ତାଙ୍କ ନାମ ଆଗରେ 'ଆଡ଼ଭୋକେଟ' ଶବ୍ଦ ବ୍ୟବହାର କରିଥାନ୍ତି । ତହିଁରୁ ଓକିଲାତି

ତାଙ୍କର ପେସା ବୋଲି ଜନଗଣ ଅବଗତ ହୁଅନ୍ତି । ମାତ୍ର ତାଙ୍କୁ କେହି କେଉଁ କଳାକୋଟ ପିନ୍ଧି କଚେରିରେ ଛିଡ଼ାହେବା ଦେଖିନାହିଁ । ବରଂ ଦିନର ଅଧିକାଂଶ ଭାଗ ସେ ଘରପାଖ ଚାହା ଓ ପାନ ଦୋକାନରେ ଦୃଶ୍ୟମାନ ହୋଇଥାନ୍ତି । ଗାଁରେ କିନ୍ତୁ ତାଙ୍କର ବେଶ୍ କିଛି ଜମିବାଡ଼ି ରହିଛି । ତାହା ଭାଗ ଦେଇ ମିଶ୍ରେ ସେଥିରୁ ଯାହା ପାଆନ୍ତି, ତହିଁରେ ବର୍ଷଯାକ ଆରାମରେ ଚଳିଯା'ନ୍ତି । ଅବଶ୍ୟ ସଭାସମିତି ନାଁ ଶୁଣିଲେ ସେ ଖିଆପିଆ ଛାଡ଼ି ଦୌଡ଼ିବା ଦେଖାଯାଇଥାଏ ।

ପଞ୍ଚମ ବୁଦ୍ଧିଜୀବୀ ଡାକ୍ତର କୋଳାହଳ ଦ୍ୱିବେଦୀଙ୍କର ଏକ ନିଜସ୍ୱ କ୍ଲିନିକ୍ ରହିଛି । ସେଠାରେ ଲାଗିଥିବା ନାମଫଳକରୁ ସେ ରାଜ୍ୟ ବାହାରର କୌଣସି ଏକ ସଂସ୍ଥାରୁ ହୋମିଓପାଥିରେ ଡିଗ୍ରୀ ପାଇଥିବା ଜଣାଯାଏ । ତାଙ୍କ କ୍ଲିନିକ୍ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲାରହେ । କ୍ୱଚିତ୍ ରୋଗୀମାନେ ସେଠାକୁ ଆସୁଥିବାର ଅବଶ୍ୟ ଦେଖାଯାଇଥାଏ । ତାଙ୍କର ଧର୍ମପତ୍ନୀ ଏକ ସରକାରୀ ହାଇସ୍କୁଲରେ ଶିକ୍ଷକତା କରନ୍ତି; ତେଣୁ ପରିବାର ପୋଷଣର ଚିନ୍ତା ତାଙ୍କର ନଥାଏ । କୌଣସି ଦିନ ସନ୍ଧ୍ୟା ସମୟରେ ଡାକ୍ତର ଦ୍ୱିବେଦୀଙ୍କର କ୍ଲିନିକ୍ ଖୋଲା ହୁଏନାହିଁ । ସେ ସଂଗଠନ-ପ୍ରିୟ ହୋଇଥିବାରୁ ସନ୍ଧ୍ୟାରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ଲିପ୍ତ ଥାନ୍ତି ।

ପାଠକେ ! ଉପସ୍ଥିତ ବୁଦ୍ଧିଜୀବୀଙ୍କର ପରିଚୟ ଏମନ୍ତ ପ୍ରଦାନ କରିସାରି ମୁଁ ଏବେ ଆପଣମାନଙ୍କ ଆଗରେ ସଭାର ବିଶଦ ବିବରଣୀ ଉପସ୍ଥାପନ କରିବାକୁ ଯାଉଛି । ପଣ୍ଡିତ ମହାପାତ୍ର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସଂଘ ଗଠନ କରିବା ଏହି ଏକତ୍ରୀକରଣର ଉଦ୍ଦେଶ୍ୟ ବୋଲି କହିସାରି ତା'ର ନାମକରଣ ସମ୍ପର୍କରେ ପ୍ରସ୍ତାବ ଆହ୍ୱାନ କରିଥିଲେ । ବିଳମ୍ବ ନକରି ପ୍ରଶାସକ ଶ୍ରୀ ହାରଜିତ ମହାନ୍ତି ଅନୁଷ୍ଠାନର ନାମ 'ମହାନଗର ବୁଦ୍ଧିଜୀବୀ ଫୋରମ' ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ । ଚିହିଁକି ଉଠି ଡାକ୍ତର ଦ୍ୱିବେଦୀ କହିଲେ, "ଆମ ସଂଗଠନର ନାମରେ କୌଣସି ଇଂରାଜୀ ଶବ୍ଦ ରଖିବାର ମୁଁ ଆଦୌ ପକ୍ଷପାତୀ ନୁହେଁ । 'ଫୋରମ' ଏକ ଇଂରାଜୀ ଶବ୍ଦ ହୋଇଥିବାରୁ ତାହା ନାମକରଣରୁ ବାଦ୍‌ଦିଆଯାଉ ।" "ଆପଣ ଠିକ୍ କହିଛନ୍ତି", ସଭାପତି ପଣ୍ଡିତ ମହାପାତ୍ର ତାଙ୍କ ନିଷ୍ପତ୍ତି ଶୁଣାଇଥିଲେ । ଗତାନୁଗତିକ ରୀତିରେ ପ୍ରସ୍ତାବ ଓ ସମର୍ଥନ ଆସି ସେ କାର୍ଯ୍ୟକ୍ରମରେ ସଭାପତି ଆସନ ଅଳଙ୍କୃତ କରିନଥିଲେ । ବରଂ ତାଙ୍କ ଘରେ ସେ ସଭା ଆହୂତ କରିଥିବାରୁ ଆପେଆପେ ସଭାପତି ହୋଇଯାଇଥିଲେ ।

ଡାକ୍ତର ଦ୍ୱିବେଦୀଙ୍କ ମତ ଗ୍ରହଣ କରାଯାଇଥିବାରୁ ଉତ୍‌ଫୁଲ୍ଲିତ ହୋଇ ସେ କହିଲେ, "ଏତେ ଝିଞ୍ଜଟରେ ପଶିବାନାହିଁ । ଆମ ସଂସ୍ଥାର ନାମ ସିଧାସିଧା 'ମହାନଗର ବୁଦ୍ଧିଜୀବୀ ସଂଘ' ରଖିଦେବା ।" ଗୁରୁଗମ୍ଭୀର କଣ୍ଠରେ ଆଡ଼ଭୋକେଟ ମିଶ୍ର ଭାଷିଲେ, "ଦେଖନ୍ତୁ, ସଂଘ କହିଲେ ସାଧାରଣତଃ ଶିକ୍ଷକ ସଂଘଗୁଡ଼ିକୁ ବୁଝାଇଥାଏ । ଆଉ, ଶିକ୍ଷକ ସଂଘ କଥା ପଡ଼ିଲେ ମନ ସ୍ୱତଃ ରାଜଧାନୀର 'ମାଷ୍ଟର କାଣ୍ଟିନ' ଆଡ଼କୁ ଚାଲିଥାଏ । ଶିକ୍ଷକ ସଂଘଗୁଡ଼ିକ ତରଫରୁ ସେଠାରେ ଆଠକାଳୀ ବାରମାସୀ ତମ୍ବୁ ପକାଇ ଧାରଣା ଦିଆଯାଇଥାଏ । ଯଦି ଆମେ ଅନୁଷ୍ଠାନର ନାମରେ 'ସଂଘ' ଶବ୍ଦ ବ୍ୟବହାର କରିବା, ତେବେ ଏହା ଧାରଣା ଦେଉଥିବା ବ୍ୟକ୍ତିମାନଙ୍କର ଏକ ସଙ୍ଗଠନ ବୋଲି ଭ୍ରମ ସୃଷ୍ଟି ହୋଇପାରେ । ତେଣୁ ମୁଁ ଏ ପ୍ରସ୍ତାବକୁ ବିରୋଧ କରୁଛି ।" "ତା' ହେଲେ ଅନୁଷ୍ଠାନର ନାମ କ'ଣ ରଖାଯିବ, ଆପଣ ପ୍ରସ୍ତାବ ଦିଅନ୍ତୁ," ସଭାପତି ପଣ୍ଡିତ ମହାପାତ୍ର କହିଥିଲେ । "ମହାନଗର ବୁଦ୍ଧିଜୀବୀ ସମିତି ରଖାଯାଉ", ଆହୁରି ଗମ୍ଭୀର ସ୍ୱରରେ ଆଡ଼ଭୋକେଟ ମିଶ୍ର ପ୍ରସ୍ତାବ ଦେଉଥିଲେ ।

ତାଙ୍କର ପ୍ରଥମ ପ୍ରସ୍ତାବ କାଟଖାଇଯାଇଥିବାରୁ ମନମାରି ବସିଥିବା ପ୍ରଶାସକ ଶ୍ରୀ ମହାନ୍ତି ଏବେ ପୁଣି ମୁହଁ ଖୋଲିଥିଲେ । "ସମିତି କହିଲେ ପଞ୍ଚାୟତ ସମିତି, ସମିତି ସଭ୍ୟ, ସମିତି କାର୍ଯ୍ୟାଳୟ ଆଦି କଥା ମନକୁ ଆସିଥାଏ । ଆଉ, ପଞ୍ଚାୟତ 'ପେଞ୍ଚର କେନ୍ଦ୍ରସ୍ଥଳୀ' ବୋଲି ଜନସାଧାରଣଙ୍କର ଏକ ଧାରଣା ରହିଛି । ଯଦି ଆମେ ସଂଗଠନର ନାମରେ 'ସମିତି' ଶବ୍ଦ ରଖିବା, ତେବେ ଏହା ପେଞ୍ଚୁଆମାନଙ୍କର ଏକ ସଂସ୍ଥା ବୋଲି ସର୍ବସାଧାରଣ ଭାବିପାରନ୍ତି । ତେଣୁ ଏହି ପ୍ରସ୍ତାବର ପୁନର୍ବିଚାର କରାଯାଉ ।" ନିର୍ବାଚନ ଜିତିପାରିନଥିଲେ ମଧ୍ୟ ଶ୍ରୀ ମହାନ୍ତି ୨ଥର ସରପଞ୍ଚ ପଦ ପାଇଁ ଲଢ଼ିଥିଲେ । 'ପଞ୍ଚାୟତ' ଉପରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିଲା । ତାହାକୁ ସମ୍ମାନ ଜଣାଇ ସଭାପତି ପଣ୍ଡିତ ମହାପାତ୍ର ତାଙ୍କ କଥାକୁ ଗ୍ରହଣ କରିନେଇଥିଲେ ।

ଏହିପରି ନାମକରଣ ସମ୍ପର୍କରେ ଆହୁରି କିଛି ସମୟ ମାନସ-ମନ୍ଥନ ଚାଲିଲା ପରେ ତହିଁରୁ ନିଷ୍କର୍ଷ ବାହାରିଥିଲା । ସର୍ବସମ୍ମତିକ୍ରମେ ଅନୁଷ୍ଠାନର ନାମ 'ମହାନଗର ବୁଦ୍ଧିଜୀବୀ

ମହାମଣ୍ଡଳ' ରଖାଯାଇଥିଲା । ଗଭୀର ବିଚାର-ବିମର୍ଷରେ ମଗ୍ନ ଥାଇ ଘର୍ମାକ୍ତ ହୋଇପଡ଼ିଥିବା ବୁଦ୍ଧିଜୀବୀମାନେ ତା'ପରେ ଆଶ୍ୱସ୍ତ ହୋଇଥିଲେ ।

ଏପର୍ଯ୍ୟନ୍ତ ଚୁପ୍ ହୋଇ ବସିଥିବା ଅଧ୍ୟାପକ ଭଗବାନ ଦାସ ଏବେ ମୁହଁ ଖୋଲିଥିଲେ । ସେ ପ୍ରଶ୍ନ କରିଥିଲେ, "ଆମେ କ'ଣ ଅନୁଷ୍ଠାନର ପରିସରକୁ ମହାନଗର ମଧ୍ୟରେ ସୀମିତି ରଖିବା ? ଆମେ କ'ଣ ସାରାରାଜ୍ୟରେ ଆମ କାର୍ଯ୍ୟକୁ ପ୍ରସାରିତ କରିପାରିବାନାହିଁ ?" "ଆମେ ରାଜ୍ୟସାରା ସଂଗଠନର ବିସ୍ତାର ବେଶ୍ ଆରାମରେ କରିପାରିବା", ସଭାପତି ପଣ୍ଡିତ ମହାପାତ୍ର ଉତ୍ତର ଦେଇଥିଲେ । ତା'ହେଲେ ଅନୁଷ୍ଠାନର ନାମ 'ନିଖିଳ ଉତ୍କଳ ବୁଦ୍ଧିଜୀବୀ ମହାମଣ୍ଡଳ' ରଖାଯାଉ ବୋଲି ପ୍ରସ୍ତାବ ଦେଇ ଦାସେ କହିଲେ, "ଏତଦ୍ୱାରା ପୂର୍ବ ନାମରେ 'ମହା'ଶବ୍ଦ ୨ଥର ବ୍ୟବହାର ହୋଇଥିବା ଦୋଷରୁ ବି ମୁକ୍ତି ମିଳିଯିବ ।" ଦାସେଙ୍କ ପ୍ରସ୍ତାବକୁ ଅନ୍ୟମାନେ କରତାଳି ଦେଇ ସମର୍ଥନ ଜଣାଇଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । କିଛି ସମୟ ନୀରବରେ ବିତିଗଲା ପରେ ସଂଘପ୍ରିୟ ଡାକ୍ତର ଦ୍ୱିବେଦୀ କହିଲେ, "ଯଦି ଆମେ ସହଜରେ ସମଗ୍ର ରାଜ୍ୟରେ ଆମ କାର୍ଯ୍ୟର ବିସ୍ତାର କରିପାରିବା, ତେବେ ସାରାଦେଶରେ ବି ତାହା କରିପାରିବା ।" "ପୁଣେ, ବାଙ୍ଗାଲୋର, ଅହମଦାବାଦରେ ମୋର ଅନେକ ଜଣାଶୁଣା ଲୋକ ଅଛନ୍ତି," ଆଡ଼ଭୋକେଟ ମିଶ୍ର କହିଥିଲେ । ଏ କଥା ସଭାପତି ପଣ୍ଡିତ ମହାପାତ୍ରଙ୍କ ମନକୁ ଖୁବ୍ ପାଇଥିଲା । ଆଲୋଚନାକୁ ଅଧିକ ନବଢ଼ାଇ ସେ ଘୋଷଣା କଲେ, "ନବନିର୍ମିତ ସଂଗଠନର ନାମ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ' ରଖାଗଲା । ଆମ୍ଭେମାନେ ଲାଗିପଡ଼ି ଦେଶସାରା ଏହାର କାର୍ଯ୍ୟକୁ ଆଗେଇନେବା ।" ଏତିକିବେଳେ ହଠାତ୍ ଡାକ୍ତର ଦ୍ୱିବେଦୀ ପ୍ରଶ୍ନ କଲେ, "ସଂଘ ନାମରେ 'ନିଖିଳ' ଶବ୍ଦ ନଲାଗି 'ଅଖିଳ' ଶବ୍ଦ କାହିଁକି ଲାଗିବ ?" "ଭାଷାର ନିୟମ ଅନୁସାରେ ପ୍ରଦେଶର ନାମ ପୂର୍ବରୁ 'ନିଖିଳ' ଓ ଦେଶର ନାମ ପୂର୍ବରୁ 'ଅଖିଳ' ଶବ୍ଦ ବ୍ୟବହାର ହୋଇଥାଏ," ସଭାପତି ଉତ୍ତର ଦେଇଥିଲେ । ଏ ନିୟମ କେଉଁଠି ରହିଛି, ସେ ସମ୍ପର୍କରେ ଉପସ୍ଥିତ କୌଣସି ବୁଦ୍ଧିଜୀବୀ ଅବଶ୍ୟ ପ୍ରଶ୍ନ କରିନଥିଲେ ।

ନାମକରଣ ଚୂଡ଼ାନ୍ତ ହେବାପରେ ମହାମଣ୍ଡଳର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ପଣ୍ଡିତ ବିଚକ୍ଷଣ ମହାପାତ୍ର କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ପଣ୍ଡିତ ମହାପାତ୍ର ସଭାପତି, ଶ୍ରୀ ହାରଜିତ ମହାନ୍ତି ଉପସଭାପତି, ଡାକ୍ତର କୋଳାହଳ ଦ୍ୱିବେଦୀ ସମ୍ପାଦକ, ଆଡ଼ଭୋକେଟ ବୃଷକେତୁ ମିଶ୍ର କୋଷାଧ୍ୟକ୍ଷ ଓ ଅଧ୍ୟାପକ ଭଗବାନ ଦାସ ଉପଦେଷ୍ଟା ରୂପେ ନିର୍ବାଚିତ ହୋଇଥିଲେ । ଲୋକ ଅଭାବରୁ ସହସମ୍ପାଦକ ପଦବୀ ଖାଲି ପଡ଼ିଥିଲା । ସହସମ୍ପାଦକ ସମେତ ଆଉ ୪ଜଣ ଉପସଭାପତି ଓ ୪ଜଣ ଉପଦେଷ୍ଟା ତୁରନ୍ତ ଚୟନ କରିବାର ଦାୟିତ୍ୱ ସଭାପତିଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ।

ନବନିର୍ବାଚିତ ସଭାପତି ପଣ୍ଡିତ ମହାପାତ୍ର ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ ଜଳଯୋଗରେ ଆପ୍ୟାୟିତ କରିଥିଲେ । ତା'ପରେ ଚାହାପାନର ବ୍ୟବସ୍ଥା ହୋଇଥିଲା । ଚାହା ପିଇବା ଭିତରେ ପଣ୍ଡିତ ମହାପାତ୍ର ମହାମଣ୍ଡଳ ଗଠନର ଖବର ଲେଖି ସମ୍ପାଦକ ଡାକ୍ତର ଦ୍ୱିବେଦୀଙ୍କୁ ଉତାରିବା ପାଇଁ ଦେଇଥିଲେ । ଶ୍ରୀ ଦ୍ୱିବେଦୀଙ୍କର ଅକ୍ଷର ବେଶ୍ ଭଲ ହୋଇଥିବାରୁ ତାଙ୍କୁ ସେହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଖବର ଲେଖା ଚୂଡ଼ାନ୍ତ ହେବାପରେ ସଭାପତି ତାହା ଶ୍ରୀ ଭଗବାନ ଦାସଙ୍କ ଆଡ଼କୁ ବଢ଼ାଇଦେଇ ତାଙ୍କ ଉପରେ ପ୍ରକାଶନର ଗୁରୁଭାର ଅର୍ପଣ କରିଥିଲେ । ଗଣମାଧ୍ୟମ ସହ ଭଲ ସମ୍ପର୍କ ଥିବାରୁ ତାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

ସମ୍ବାଦର ଶୀର୍ଷକ 'ଅଖିଳ ଭାରତୀୟ ବୁଦ୍ଧିଜିବୀ ମହାମଣ୍ଡଳ ଗଠିତ' ଉପରେ ଆଖି ବୁଲାଇଆଣି ଦାସେ ତାଟକା ହୋଇଯାଇଥିଲେ । ଖବରର ମୁଖ୍ୟ ଶବ୍ଦ 'ବୁଦ୍ଧିଜୀବୀ' ଭୁଲରେ 'ବୁଦ୍ଧିଜିବୀ' ବୋଲି ଲେଖାଯାଇଥିବା ତାଙ୍କ ଦୃଷ୍ଟିରେ ପଡ଼ିଥିଲା । 'ବୁଦ୍ଧିଜୀବୀ' ଶବ୍ଦରେ ଉଭୟ 'ଜ' ଓ 'ବ'ରେ ଦୀର୍ଘ 'ଈ'କାର ଲାଗିବ ବୋଲି ଦର୍ଶାଇ ଦାସେ ଏହାକୁ ସଂଶୋଧନ କରିଦେବାକୁ କହିଥିଲେ । ଖୋଦ୍ ସଭାପତି ପଣ୍ଡିତ ମହାପାତ୍ର ସାମାନ୍ୟ ବିରକ୍ତି ପ୍ରକାଶ କରି ଦାସେଙ୍କ କଥାକୁ ଅଗ୍ରାହ୍ୟ କରିଦେଇଥିଲେ । ସେ କହିଲେ, "ଆପଣ ଖାଲି କହିଦେଲେ ହେବନାହିଁ । ଆପଣଙ୍କୁ ସେପରି କରିବାର କାରଣ ଦର୍ଶାଇବାକୁ ପଡ଼ିବ ।" ଇତିହାସ ଅଧ୍ୟାପକ ଭଗବାନ ଦାସ 'ବୁଦ୍ଧିଜୀବୀ' ଶବ୍ଦର ଠିକ୍ ବନାନ ଜାଣିଥିଲେ ସିନା, ହେଲେ ବନାନ ସେପରି ହେବାର କାରଣ ତାଙ୍କୁ ଜଣାନଥିଲା । ତେଣୁ ସେ ନୀରବ ରହିଥିଲେ । ଏହି ନୀରବତାକୁ ପଣ୍ଡିତ ମହାପାତ୍ର ଦାସେଙ୍କର ଦୁର୍ବଳତା ବା ବିଫଳତା ବୋଲି ଧରିନେଇଥିଲେ । "କାରଣ ନଦର୍ଶାଇ ଯାହା ଇଚ୍ଛା ତାହା କହିଦେଲେ ଭାଷାର ଅମର୍ଯ୍ୟାଦା ଘଟିବ । ଆମେ ବୁଦ୍ଧିଜୀବୀମାନେ ଏପରି କାର୍ଯ୍ୟରୁ ନିବୃତ୍ତ ହେବା ଉଚିତ," ଚଢ଼ା ଗଳାରେ ସେ କହିଥିଲେ । ନୀରବତା ଭାଙ୍ଗି ଦାସେ ପ୍ରଶ୍ନ

କଲେ, "ପଣ୍ଡିତ ମହାଶୟ ! ଦୟାକରି 'ଜ'ରେ ହ୍ରସ୍ୱ 'ଇ'କାର ଓ 'ବ'ରେ ଦୀର୍ଘ 'ଈ'କାର ଲାଗିବାର କାରଣ ଆପଣ ଦର୍ଶାଇବେ କି ?" ସଲଖି ବସି ସହାସ୍ୟ ବଦନରେ ପଣ୍ଡିତ ମହାପାତ୍ର କହିଲେ, "ଦେଖନ୍ତୁ, 'ବୁଦ୍ଧି' ଓ 'ଜୀବୀ' ଏହି ୨ଟି ଶବ୍ଦର ମିଶ୍ରଣରୁ 'ବୁଦ୍ଧିଜୀବୀ' ଶବ୍ଦ ସୃଷ୍ଟି ହୋଇଛି । 'ବୁଦ୍ଧି' ଶବ୍ଦର ବନାନରେ ଆମର ଦ୍ୱିମତ ନାହିଁ । ତେଣୁ ସେଥିରେ ମୁଣ୍ଡ ନପୂରାଇ ଆମେ 'ଜୀବୀ' ଶବ୍ଦକୁ ଆସିବା ।" ସାମାନ୍ୟ ରହି ସେ କହିଲେ, "ଆମ ଭାଷାରେ ଉଭୟ ହ୍ରସ୍ୱ 'ଇ'କାର ଓ ଦୀର୍ଘ 'ଈ'କାର ପ୍ରଚଳନ ଅଛି । ଯେଉଁ ଶବ୍ଦରେ ୨ଟିର ପ୍ରୟୋଗ ଆବଶ୍ୟକ ପଡ଼େ, ସେଠାରେ ନିୟମ ଦୃଷ୍ଟିରୁ ଆମେ ୨ଟିଯାକ ଯୋଗକରିଥାଉ । ସେପରି ନକରି ଗୋଟିକର ୨ଥର ବ୍ୟବହାର କରି ଅନ୍ୟଟିକୁ ପୂରା ବାଦ୍‌ଦେବା ଠିକ୍ ହେବନାହିଁ । କାରଣ ଯାହାକୁ ବାଦ୍‌ଦେବା ତା'ପ୍ରତି ଅନ୍ୟାୟ ହେବ । ଏହି ଅନ୍ୟାୟକୁ ରୋକିବା ପାଇଁ ଆମେ କାହାରିକୁ ବର୍ଜନ ନକରି ୨ଯାକର ବ୍ୟବହାର କରିଥାଉ ।"

ପଣ୍ଡିତ ମହାପାତ୍ରଙ୍କଦ୍ୱାର କୋଷାଧ୍ୟକ୍ଷ ରୂପେ ନିଯୁକ୍ତ ହୋଇଥିବା ଶ୍ରୀ ମିଶ୍ର ରହିରହି ପ୍ରଶ୍ନ କରିଥିଲେ, "ତେବେ 'ଜ'ରେ ଦୀର୍ଘ 'ଈ'କାର ଓ 'ବ'ରେ ହ୍ରସ୍ୱ 'ଇ'କାର କାହିଁକି ଯୋଗନହେବ ? ଏଥିରେ ତ ୨ଟିଯାକ ମାତ୍ରାର ବ୍ୟବହାର ରହିଲା ।" କ୍ଷଣିକ ରହି ପଣ୍ଡିତ ମହାପାତ୍ର କହିଲେ, "ଦେଖନ୍ତୁ, ଏହି ଉଭୟ ମାତ୍ରା ମଧ୍ୟରୁ ଆଗ ଆସିଲା ହ୍ରସ୍ୱ 'ଇ'କାର ଏବଂ ତା'ପରେ ଆସିଲା ଦୀର୍ଘ 'ଈ'କାର । ହ୍ରସ୍ୱ 'ଇ'କାର ଆଗ ଥିବାରୁ ପ୍ରଥମେ ତା'ର ପ୍ରୟୋଗ ହେଲା ଏବଂ ଦୀର୍ଘ 'ଈ'କାର ପଛରେ ଥିବାରୁ ତା'ର ବ୍ୟବହାର ପରେ ହେଲା । 'ଆଗ'କୁ ଆମେ ସର୍ବଦା ଆଦର କରିଥାଉ; କଥାରେ ଅଛି, 'ଆଗ ସୁନାପାଗ' । ପୂର୍ବେ ଚାଟଶାଳୀରେ ଅବଧାନେ ଆଗ ଆସୁଥିବା ପିଲାର ପାପୁଲିରେ 'ଶୂନ' ଦେଉଥିଲେ । ତେଣୁ ଆଗ ପ୍ରତି ସମ୍ମାନ ଜଣାଇ 'ଜିବୀ' ଶବ୍ଦରେ ପ୍ରଥମେ ହ୍ରସ୍ୱ 'ଇ'କା ଓ ତା'ପରେ ଦୀର୍ଘ 'ଈ'କାରର ପ୍ରୟୋଗ ହୋଇଥାଏ ।"

ସଭାପତି ପଣ୍ଡିତ ମହାପାତ୍ରଙ୍କର ସଂକ୍ଷିପ୍ତ ଅଭିଭାଷଣ ସମାପ୍ତ ହୋଇଥିଲା । ବିଳମ୍ବ ନକରି ଦାସେ କହିଲେ, "ମୁଁ ଆପଣଙ୍କର ଯୁକ୍ତିକୁ ଗ୍ରହଣ କରିପାରିବିନାହିଁ ।" ଏତେ ସମୟ ନୀରବରେ ବସିଥିବା ପ୍ରଶାସକ ଶ୍ରୀ ମହାନ୍ତି ସାମାନ୍ୟ ଚିଡ଼ିଉଠି କହିଥିଲେ, "ଆପଣ ସଭାପତିଙ୍କର ଯୁକ୍ତିକୁ ସ୍ୱୀକାର କରୁନାହାନ୍ତି କିମ୍ବା ନିଜ ମତ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିପାରୁନାହାନ୍ତି । ଏହା ଏକ ଅଚଳ ଅବସ୍ଥା ସୃଷ୍ଟି କରୁଛି ।" "ତେବେ ଏକ ଅଭିଧାନ ଆଣି 'ବୁଦ୍ଧିଜୀବୀ' ଶବ୍ଦର ବନାନ ଦେଖିଦେଲେ କାମ ସରିବ । ଅଚଳାବସ୍ଥା ସଙ୍ଗେସଙ୍ଗେ ଦୂର ହୋଇଯିବ," ଦାସେ କହିଥିଲେ । ନିଜର କ୍ରୋଧକୁ କିଛି ମାତ୍ରାରେ ସମ୍ବରଣ କରି ପଣ୍ଡିତ ମହାପାତ୍ର କହିଲେ, "ଆମ୍ଭେମାନେ ବୁଦ୍ଧିଜୀବୀ ହୋଇ ଯଦି ଅଭିଧାନ ଦେଖିବା, ତେବେ ତାହା ସମଗ୍ର ବୁଦ୍ଧିଜୀବୀ ସମାଜ ପ୍ରତି ଅପମାନ ହେବ । ଛାତ୍ରମାନଙ୍କ ମନରେ କୌଣସି ଶବ୍ଦର ବନାନ ନେଇ ଶଙ୍କା ଉପୁଜିଲେ, ସେମାନେ ଅଭିଧାନର ସାହାଯ୍ୟ ନେଇଥାନ୍ତି । ଅଭିଧାନ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ; ବୁଦ୍ଧିଜୀବୀମାନଙ୍କ ପାଇଁ ନୁହେଁ । ବୁଦ୍ଧିଜୀବୀ ହୋଇଥିବାରୁ ମୁଁ ଘରେ ଖଣ୍ଡେ ବି ଅଭିଧାନ ରଖିନାହିଁ ।" କ'ଣ କହିବାକୁ ହେବ ଜାଣିନପାରି ଦାସେ ଚୁପ୍ ରହିଥିଲେ । କିନ୍ତୁ ପଣ୍ଡିତ ମହାଶୟ ଅସହିଷ୍ଣୁ ନୁହଁନ୍ତି, ବରଂ ଉଦାର – ଏହା ପ୍ରମାଣ କରିବାକୁ ଚାହୁଁଥିଲେ । ସେ କହିଲେ, "ଆମ୍ଭେମାନେ ଗଣତନ୍ତ୍ର ଦେଶରେ ଜନ୍ମନେଇଛେ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ବିଶ୍ୱାସ କରୁଛେ । ଏହି ପଦ୍ଧତିରେ ଭୋଟ ନିଆଯାଇ ବହୁମତ (majority)କୁ ମାନିନିଆଯାଇଥାଏ । ସେହି ଅନୁସାରେ ଆମେ ଭୋଟ ମାଧ୍ୟମରେ 'ବୁଦ୍ଧିଜୀବୀ' ଶବ୍ଦର ବନାନ ନିର୍ଦ୍ଧାରଣ କରିବା ।" ଏହା କହି ସେ ଉପସ୍ଥିତ ସମସ୍ତଙ୍କ ହାତକୁ ଖଣ୍ଡେ ଲେଖା ଚିରକୁଟି ବଢ଼ାଇଦେଇ ତହିଁରେ 'ବୁଦ୍ଧିଜୀବୀ' ଶବ୍ଦ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ଅବଶ୍ୟ କାର୍ଯ୍ୟ ହୋଇଥିଲା । ଗଣତିରେ ଦେଖାଯାଇଥିଲା ଯେ, ୪ଜଣ 'ବୁଦ୍ଧିଜିବୀ' ବୋଲି ଲେଖିଥିବା ସ୍ଥଳେ ମାତ୍ର ଜଣେ 'ବୁଦ୍ଧିଜୀବୀ' ବୋଲି ଲେଖିଛନ୍ତି । ଫଳାଫଳ ଘୋଷଣା କରି ସଭାପତି କହିଲେ, "୪/୧ ଭୋଟରେ 'ବୁଦ୍ଧିଜିବୀ' ଶବ୍ଦ ଠିକ୍ ବୋଲି ଗୃହୀତ ହେଲା ।" ଦାସେ ପୁଣି କ'ଣ କହିବାକୁ ବାହାରିଥିଲେ । ମାତ୍ର ସଭାପତି କହିଲେ, "ବହୁମତକୁ ସମ୍ମାନ ଦିଅନ୍ତୁ, ଅଧ୍ୟାପକ ମହାଶୟ ! ଯେତେ ତିକ୍ତ ହେଲେ ବି ତାହାକୁ ଗ୍ରହଣ କରନ୍ତୁ ।" ଦାସେ ଅବଶ୍ୟ ଆଉ ମୁହଁ ଖୋଲିନଥିଲେ । ଏବେ ସଭାପତି ଘୋଷଣା କଲେ, "ମୁଁ ସମ୍ପାଦକଙ୍କୁ ଅନୁରୋଧ କରୁଛି, ସେ ଆସନ୍ତାକାଲି ଅଧ୍ୟାପକ ଭଗବାନ ଦାସଙ୍କୁ ସାଙ୍ଗରେ ନେଇ ଖବରକାଗଜ କାର୍ଯ୍ୟାଳୟକୁ ଯାଆନ୍ତୁ ଏବଂ ଏହି ଖବର ପ୍ରଦାନ ପୂର୍ବକ ତାହା କିପରି ବଡ଼ବଡ଼ ଅକ୍ଷରରେ ବାହାରିବ, ତା'ର ବ୍ୟବସ୍ଥା କରନ୍ତୁ ।" ସଭାପତି ପଣ୍ଡିତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ଶ୍ରୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇଥିଲା ।

ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପରଦିନ ପୂର୍ବାହ୍ନରେ ନବଗଠିତ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ'ର ସମ୍ପାଦକ ଡାକ୍ତର କୋଳାହଳ ଦ୍ୱିବେଦୀ ମହାମଣ୍ଡଳ ଗଠନ ସଂକ୍ରାନ୍ତ ଖବର ଧରି ଅଧ୍ୟାପକ ଭଗବାନ ଦାସଙ୍କ ଘରେ ହାଜର ହୋଇଥିଲେ । ଆଗ୍ରହ ନଥିଲେ ମଧ୍ୟ ଦ୍ୱିଧା ପ୍ରକାଶ ନକରି ଦାସେ ସମ୍ପାଦକଙ୍କ ସହ ବାହାରିପଡ଼ିଥିଲେ । କାରଣ ସେ ପଡ଼ୋଶୀ ପଣ୍ଡିତ ବିଚକ୍ଷଣ ମହାପାତ୍ର ଓ ଅନ୍ୟ ବୁଦ୍ଧିଜୀବୀମାନଙ୍କର ଅପ୍ରିୟ ହେବାକୁ ଚାହୁଁନଥିଲେ । ଉଭୟ ମହାନଗରର ପ୍ରମୁଖ ଖବରକାଗଜ କାର୍ଯ୍ୟାଳୟରେ ପହଞ୍ଚି ବାର୍ତ୍ତା ସମ୍ପାଦକ ଶ୍ରୀ ଉଦୟଭାନୁ ଆଚାର୍ଯ୍ୟଙ୍କୁ ଭେଟିଥିଲେ । କହିବା ବାହୁଲ ଯେ, ଆଗରୁ ଦାସେଙ୍କର ତାଙ୍କ ସହ ପରିଚୟ ରହିଥିଲା । ପ୍ରଣାମ କରି ଦାସେ ତାଙ୍କ ହାତକୁ ଖବରଟି ବଢ଼ାଇଦେଇଥିଲେ । ଖବରର ଶୀର୍ଷକରେ ଦୃଷ୍ଟି ପଡ଼ିବା କ୍ଷଣି ବାର୍ତ୍ତା ସମ୍ପାଦକ ଧରିଥିବା ନାଲିକାଳିର କଲମରେ 'ବୁଦ୍ଧିଜିବୀ' ଶବ୍ଦରେ ଥିବା 'ଜ'ର ହ୍ରସ୍ୱ 'ଇ'କାରକୁ କାଟି ଦୀର୍ଘ 'ଈ'କାର କରିଦେଇଥିଲେ । ତା'ପରେ ମୁହଁକୁ ସାମାନ୍ୟ ତଳକୁ କରି କହିଥିଲେ, "ଅଧ୍ୟାପକ ହୋଇଛନ୍ତି !" ତାଙ୍କର ଏହି ପଦକ କଥା ଦାସେଙ୍କର ମରମକୁ ଭେଦ କରିଥିଲା । ସେ ସ୍ତବ୍ଧ ହୋଇଯାଇଥିଲେ; ତାଙ୍କ ପାଟିରୁ କଥା ବାହାରିନଥିଲା । ଏହା ଜାଣି ବାର୍ତ୍ତା ସମ୍ପାଦକ କହିଲେ, "ଆପଣ ଯାଆନ୍ତୁ । ଆପଣଙ୍କ ଖବର କାଲି ନିଶ୍ଚୟ ବାହାରିବ ।" ଦାସେ ମୁହଁ ତଳକୁ ପୋତି ଦ୍ୱିବେଦୀଙ୍କ ସହ ଫେରିଆସିଥିଲେ । ବାଟସାରା ତାଙ୍କ କାନରେ ପ୍ରତିଧ୍ୱନିତ ହେଉଥିଲା "ଅଧ୍ୟାପକ ହୋଇଛନ୍ତି !" ଏହି ବାକ୍ୟ ଭିତରେ ଅନେକ କଥା ଉହ୍ୟ ରହିଥିଲା । ଅବଶ୍ୟ ତାହାସବୁ ଅପ୍ରିୟ ଥିଲା – ଖୁବ୍ ଅପ୍ରିୟ ଥିଲା ।

ତା' ପରଦିନ 'ଅଖିଳ ଭାରତୀୟ ବୁଦ୍ଧିଜୀବୀ ମହାମଣ୍ଡଳ ଗଠିତ' ଖବର ବଡ଼ବଡ଼ ଅକ୍ଷରରେ ପ୍ରକାଶ ପାଇଥିଲା । ଅବଶ୍ୟ ଖବରର ଶୀର୍ଷକରେ ଥିବା ଭ୍ରମ ସଂଶୋଧନ ହୋଇଯାଇଥିଲା । ଏହା ପଢ଼ି ଦାସେ କିନ୍ତୁ ଖୁସି ହୋଇପାରିନଥିଲେ । ତାଙ୍କ କାନରେ ଖାଲି ପ୍ରତିଧ୍ୱନିତ ହେଉଥିଲା, "ଅଧ୍ୟାପକ ହୋଇଛନ୍ତି !"


drnarayanmohanty@gmail.com
'ନୀହାରିକା', ମର୍କତ ନଗର (ସି.ଡ଼ି.ଏ.), କଟକ-୧୪


ଡକ୍ଟର ଷଡ଼ଙ୍ଗୀଙ୍କ
ସାରସ୍ୱତ ପ୍ରତିଛବି:
ଗବେଷଣା
ସମାଲେଚନା ଓ
କବିତା
ଚିନ୍ମୟ ପ୍ରକାଶନ


ROUT CLASSES
CBSE XII
2018 RESULT
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE

# IBM'S






## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ